

'ୱାର୍-୨'କୁ ନେଇ ବାଣୀଙ୍କ ଖୁଲାସା

▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-39 ◆SATURDAY ◆2 AUG 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୯ ◆ଶନିବାର ◆୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସପ୍ତାହେ ଟଳିଲା ଟ୍ରମ୍ପ ଟାରିଫ୍; ଅଗଷ୍ଟ ୭ରୁ ଲାଗୁ



■ **ନୂଆଦିଲ୍ଲୀ,୧।୮ (ଏଜେନ୍ସି):** ସାମୟିକ ଭାବେ ଟଳିଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୋମା। ଆଜିଠାରୁ ଲାଗୁ ହେବାକୁ ଯାଉଥିବା ଏହି ନୂଆ ଟାରିଫ୍‌ରେ ହଠାତ୍ ଭାରତ ସମେତ ସମସ୍ତ ଦେଶଙ୍କୁ ମିଳିଛି ଗୋଟିଏ ସପ୍ତାହର ଆଶ୍ୱସ୍ତି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶନାମାରେ ଏହି ଶୁଳ୍କ ଏବେ ୭ ଦିନ ପରେ ଭାରତ, ବାଂଲାଦେଶ, ବ୍ରାଜିଲ ଏବଂ ଅନ୍ୟାନ୍ୟ ଦେଶ ଉପରେ ଲାଗୁ ହେବ। ଏବେ ଏହା ଅଗଷ୍ଟ ୭ରୁ କାର୍ଯ୍ୟକାରୀ ହେବ। ଏଠାରେ ସୂଚନାଯୋଗ୍ୟ ଯେ, ଟ୍ରମ୍ପ ବୁଧବାର ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଏହା ଅଗଷ୍ଟ ପହିଲାଠାରୁ କାର୍ଯ୍ୟକାରୀ ହେବାର ଥିଲା। ଏବେ ଏହାକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ହେଲେ କୌତୂହଳର ବିଷୟ ହେଉଛି ଯେ, ଟ୍ରମ୍ପ୍ ବାଂଲାଦେଶ ଏବଂ ପାକିସ୍ତାନ ଉପରେ ଘୋଷଣା କରିଥିବା ଟାରିଫ୍‌ରେ ହ୍ରାସ ଘଟାଇଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ପାକିସ୍ତାନ ଉପରେ ଟ୍ରମ୍ପ୍ ୨୯% ଟାରିଫ୍ ଘୋଷଣା କରିଥିବାବେଳେ ଏବେ ଏହାକୁ ୧୯%କୁ ହ୍ରାସ ଘଟାଇଛନ୍ତି। ସେହିପରି ବାଂଲାଦେଶ ଉପରେ ଲାଗୁ ହେବାକୁ ଥିବା ୩୫% ଟାରିଫ୍‌କୁ ସେ ୨୦%କୁ ହ୍ରାସ କରିଛନ୍ତି।

## ସେପ୍ଟେମ୍ବର ୯ରେ ଉପ-ରାଷ୍ଟ୍ରପତି ନିର୍ବାଚନ



■ **ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପରଠାରୁ ଖାଲିଥିବା ଉପ-ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଘୋଷଣା ହୋଇଛି। ସେପ୍ଟେମ୍ବର ୯ ତାରିଖ ସକାଳ ୧୦ଟାରୁ ୫ଟା ମଧ୍ୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ କୁହାଯାଇଛି। ଏହି ଦିନ ହିଁ ଫଳାଫଳ ଘୋଷଣା କରାଯିବ। ଏହି ପଦ ପାଇଁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିହେବ। ଏହାର ଦିନକ ପରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀ ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ସୂଚନାଯୋଗ୍ୟ ଯେ ଗତ ୨୧ ତାରିଖ ରାତିରେ ଧନଖଡ଼ ଅଚାନକ ଇସ୍ତଫା ଦେଇ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ଦୁଇ ବର୍ଷରୁ ଅଧିକ ସମୟ କାର୍ଯ୍ୟକାଳ ବାକି ଥିଲେ ମଧ ଏହାର ଦିନକ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଇସ୍ତଫାକୁ ଗ୍ରହଣ କରି ନେଇଥିଲେ। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରକୃତ କାରଣ ନୁହେଁ। ଅସଲ କାରଣ କ'ଣ ତାହା ସାର୍ବଜନୀନ କରାଯାଉ ବୋଲି ବିରୋଧୀ ଦାବି କରିଥିଲେ।

### ସଂସଦରେ ଅପ୍ରୀତିକର ସ୍ଥିତି

# ହଟୁନି ଅଚଳାବସ୍ଥା

## 'ସିନ୍ଦୂର' ବିତର୍କ ପରେ ଆଗଉନି ଗୃହକାର୍ଯ୍ୟ



### ମାର୍ଶାଲ୍ ହସ୍ତକ୍ଷେପକୁ ନେଇ ଉପାଧ୍ୟକ୍ଷଙ୍କୁ ଖଡ଼୍‌ଗେଙ୍କ ଚିଠି

### କିଛି ସଦସ୍ୟ ଆକ୍ରାମକ ହେବାରୁ ଅଟକା ଗଲା: ରିଜିଜୁ

■ **ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ସଂସଦର ମୌସୁମୀ ଅଧିବେଶନର ଶୁକ୍ରବାର ଦଶମ ଦିନରେ ବି ଅଚଳାବସ୍ଥା ଜାରି ରହିଛି। ଦୁଇ ଦିନ ଧରି ଉଭୟ ଗୃହରେ 'ଅପରେସନ୍ ସିନ୍ଦୂର' ବିତର୍କ ପରେ ସଂସଦ ଏକ ପ୍ରକାର ଅଚଳ ହୋଇପଡ଼ିଛି। ବିହାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ଏବଂ ଅନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ଦାବି ଉପସ୍ଥାପନ କରିବା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି।

ବିରୋଧୀ ସଦସ୍ୟମାନେ ଆଜି ଉଭୟ ଗୃହରେ ବିହାର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆରକୁ ପ୍ରତ୍ୟାହାର ଦାବି କରି ଏହା ଉପରେ ଚର୍ଚ୍ଚା କରିବାକୁ କହିଥିଲେ। କିନ୍ତୁ ଉଭୟ ଗୃହର ଅଧ୍ୟକ୍ଷ ଏହା ଉପରେ ଚର୍ଚ୍ଚା ପାଇଁ ମନା କରିଦେବା ପରେ ବିରୋଧୀ ହଙ୍ଗାମା କରିଥିଲେ। ଏଥିଯୋଗୁଁ କୌଣସି ଗୃହକାର୍ଯ୍ୟ କିମ୍ବା ପ୍ରଶ୍ନକାଳ ଆଲୋଚନା ମଧ୍ୟ ହୋଇପାରି ନ ଥିଲା। ଉଭୟ ସଦନକୁ ବାରମ୍ବାର ମୁଲତବୀ କରାଗଲେ ବି ସ୍ଥିତି ସୁଧୁରି ନ ଥିଲା। ଆଜି ରାଜ୍ୟସଭାରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ବିରୋଧୀ ସଦସ୍ୟଙ୍କୁ ଅଟକାଇବା ପାଇଁ ମାର୍ଶାଲଙ୍କୁ ଡକା ଯାଇଥିଲା। ଏଭଳି ପଦକ୍ଷେପକୁ ବିରୋଧୀ ସମାଲୋଚନା କରିଥିଲେ। ଏହା ଗଣତନ୍ତ୍ର ▸ପୃଷ୍ଠା-୭

## ସଂସଦରେ ଓଡ଼ିଶା ନାରୀ ହିଂସା

### ମୁଲତବୀ ନୋଟିସ ଖାରଜ

### ବିଜେଡି ସାଂସଦଙ୍କ ହଟ୍ଟଗୋଳ

■ **ନୂଆଦିଲ୍ଲୀ:** ରାଜ୍ୟସଭାରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ଧରି ଉଠିଛି ଓଡ଼ିଶାରେ ନାରୀ ହିଂସା ପ୍ରସଙ୍ଗ। ବିଜେଡିର ସମସ୍ତ ୭ ଜଣ ସାଂସଦ ଓଡ଼ିଶାରେ ମହିଳା ଓ ଶିଶୁମାନଙ୍କ ବିରୋଧରେ କ୍ରମବର୍ଦ୍ଧିଷ୍ଣୁ ଘୃଣ୍ୟ ଅପରାଧ ବୃଦ୍ଧି ପ୍ରସଙ୍ଗରେ ଦେଇଥିବା ମୁଲତବୀ ନୋଟିସକୁ ଉପାଧ୍ୟକ୍ଷ ଖାରଜ ପ୍ରତିବାଦରେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛି ବିଜେଡି। ଫଳରେ ଦ୍ୱିତୀୟ ଦିନ ପାଇଁ ରାଜ୍ୟସଭାକୁ କିଛି କାଳ ମୁଲତବୀ ରଖାଯାଇଛି।

ଗତକାଲି ଏ ସଂକ୍ରାନ୍ତରେ ବିଜୁ ଜନତା ଦଳ (ବିଜେଡି)ର ସମସ୍ତ ସାଂସଦଙ୍କ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଖାରଜ କରି ଦେଇଥିଲେ। ଏହାକୁ ନେଇ ଦଳର ସାଂସଦମାନେ ହଟ୍ଟଗୋଳ କରିବା ସହ ପ୍ରତିବାଦ ଜାରି ରଖିଥିଲେ। ଆଜି ପୁନର୍ବାର ରାଜ୍ୟସଭା ନିୟମାବଳୀର ନିୟମ ୨୬୭ ଅନୁଯାୟୀ ବିଜେଡି ସଦସ୍ୟମାନେ ମୁଲତବୀ ନୋଟିସ୍ ଦାଖଲ କରିଥିଲେ, ଯେଉଁଥିରେ ଓଡ଼ିଶାରେ ମହିଳା ଏବଂ ଶିଶୁମାନଙ୍କ ବିରୁଦ୍ଧରେ ଘୃଣ୍ୟ ଅପରାଧର ଉଦବେଗଜନକ ବୃଦ୍ଧି ଉପରେ ତୁରନ୍ତ ମୁଲତବୀ ଆଲୋଚନା କରିବାକୁ ଅନୁରୋଧ କରାଯାଇଥିଲା। ମାତ୍ର ଏପରି ଏକ ସ୍ପର୍ଶକାତର ବିଷୟକୁ ନେଇ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଗ୍ରହଣ କଲେ ନାହିଁ। ଯାହାକୁ ନେଇ ବିଜେଡି ସାଂସଦମାନେ ତୀବ୍ର ପ୍ରତିବାଦ କରିଥିଲେ। ଫଳରେ ଗୃହ ପରିଚାଳନା ସମ୍ଭବ ହୋଇ ନ ▸ପୃଷ୍ଠା-୭

### ବିହାର ଭୋଟର ତାଲିକା ସଂଶୋଧନ

## ବାଦ୍ ପଡ଼ିଲେ ୬୫ ଲକ୍ଷ

■ **ପାଟନା, ୧।୮ (ଏଜେନ୍ସି):** ବିହାର ଭୋଟର ତାଲିକା ସଂଶୋଧନ ପରେ ନିର୍ବାଚନ କମିଶନ ଜାରି କରିଛନ୍ତି ନୂତନ ଭୋଟର ତାଲିକା। ମାତ୍ର ଏହା ପ୍ରକାଶିତ ହେବା ପରେ ସାରା ଦେଶରେ ସରଗରମ ହୋଇଛି ରାଜନୀତି। ନୂତନ ଭୋଟର ତାଲିକାରୁ ୬୫, ୦୬, ୩୭୫ ନାମ ବାଦ ଦିଆଯିବାକୁ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସଡ଼କରୁ ସଂସଦ ପର୍ଯ୍ୟନ୍ତ ଏହାକୁ ବିଭିନ୍ନ ରାଜନୈତିକ ଦଳ ବିରୋଧ କରିଛନ୍ତି ଓ ଏହି ପ୍ରକ୍ରିୟାକୁ ପ୍ରତ୍ୟାହାର ଦାବି କରୁଛନ୍ତି।

ସୂଚନା ଅନୁସାରେ ଗୋଟିଏ ଗୋଟିଏ ଲୋକସଭା କ୍ଷେତ୍ରରୁ ପ୍ରାୟ ୨ ଲକ୍ଷରୁ ଅଢ଼େଇ ଲକ୍ଷ ପର୍ଯ୍ୟନ୍ତ ଭୋଟରଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ସାରନ ଲୋକସଭା କ୍ଷେତ୍ରରେ ଭୋଟର ତାଲିକାରୁ ୨.୭୩ ଲକ୍ଷ ଲୋକଙ୍କ ନାମ କଟିଛି। ଭାଗଲପୁରରେ ୨.୪୪ ଲକ୍ଷ, ପଶ୍ଚିମ ଚମ୍ପାରନରେ ୧.୯୧ ଲକ୍ଷ, କିଶନଗଞ୍ଜରେ ୧.୪୬ ଲକ୍ଷ, ସହରସାରେ ୧.୩୧ ଲକ୍ଷ, ସୁପୋଲରେ ୧.୨୮ ଲକ୍ଷ, ଖଗଡ଼ିଆରେ ୭୯ ହଜାର, ଶେଖପୁରାରେ ୨୬ ହଜାର ଭୋଟରଙ୍କ ନାମ ନୂଆ ସୂଚୀରେ ନ ଥିବା ଦେଖାଯାଇଛି।

ସେହିପରି ବେଗୁସରାଇ ଜିଲ୍ଲାରେ ମୋଟ ଭୋଟରଙ୍କ ସଂଖ୍ୟା ୨୨.୪୫ ଲକ୍ଷ ଥିବାବେଳେ ନୂଆ ତାଲିକାରେ ଏହା ୨୦.୭୭ ଲକ୍ଷକୁ ହ୍ରାସ ପାଇଛି। ଏଠାରେ ୧.୬୭ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି। ପାଟନାର ୧୪ଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ୫୦.୪୭ ଲକ୍ଷ ମତଦାତାଙ୍କ ସୂଚୀରୁ ୩.୯୫ ଲକ୍ଷ ନାମ କଟାଯାଇଛି। ସମସ୍ତିପୁର ଜିଲ୍ଲାରେ ୨.୮୩ ଲକ୍ଷ ଲୋକଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ମଧୁପୁରାରେ ▸ପୃଷ୍ଠା-୭

### ଜାତୀୟ ଚଳଚ୍ଚିତ୍ର ପୁରସ୍କାର

## 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ



### ଅଣଫିଚର୍ ଫିଲ୍ମ 'ଦ ସି ସ୍ୟାଣ୍ଡ ଆଣ୍ଡ ସେଭେନ୍ ଭିଲେଜ୍', 'ମୋ ବୋଉ ମୋ ଗାଁ' ମଧ୍ୟ ମନୋନୀତ

### ମୋହନ, ନବୀନଙ୍କ ଶୁଭେଚ୍ଛା

■ **ଭୁବନେଶ୍ୱର, ୧।୮ (ସମିସ):** ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଘୋଷଣା ହୋଇଛି। ଏହି ତାଲିକାରେ ସ୍ଥାନ ପାଇଛି ଓଡ଼ିଆ ଫିଲ୍ମ 'ପୁଷ୍କରା'। ତରଙ୍ଗ ସିନେ ପ୍ରଡକସନ୍ସ ନିବେଦିତ ତଥା ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'କୁ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଫିଲ୍ମ ଭାବେ ଜାତୀୟ ପୁରସ୍କାର ମିଳିବ। ସେହିପରି ଅଣ ଫିଚର ଫିଲ୍ମ ଭାବେ ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ 'ଦ ସି ସ୍ୟାଣ୍ଡ ଆଣ୍ଡ ସେଭେନ ଭିଲେଜ୍'କୁ ଅଣ ଫିଚର ବର୍ଗରେ ସ୍ୱତନ୍ତ୍ର ସୂଚୀ ଓ ସୁବାସ ସାହୁଙ୍କ ନିର୍ଦ୍ଦେଶିତ ଇତିହାସ ଆଧାରିତ ଐତିହାସିକ ପୁନରୁଦ୍ଧାର ବର୍ଗରେ 'ମୋ ବୋଉ ମୋ ଗାଁ' ମଧ୍ୟ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଛି। ୨୦୨୩ ମସିହା ଗଣେଶ ପୂଜାରେ ମୁକ୍ତିଲାଭ କରିଥିବା 'ପୁଷ୍କରା' ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ▸ପୃଷ୍ଠା-୭

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

## ଲିକ୍ ପଛର ବଡ଼ ମୁଣ୍ଡ କିଏ ?

### ପୁଣି ଜଣେ ଶିକ୍ଷକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

### ସନ୍ଦେହଘେରରେ ବୋର୍ଡ କାର୍ଯ୍ୟାଳୟର ଏକାଧିକ ଅଧିକାରୀ ଓ କର୍ମଚାରୀ

■ **କଟକ, ୧।୮ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଭବାନୀପାଟଣାର ଆଉ ଜଣେ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ (୫୬)ଙ୍କୁ ଗିରଫ କରିଛି। ଫଳରେ ଏହି ଘଟଣାରେ ମୋଟ ଗିରଫଦାରୀ ସଂଖ୍ୟା ୭ ଛୁଇଁଛି। ଏହି ଘଟଣାର ମୂଳଉତ୍ସ କୁହାଯାଉଥିବା କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟର ଜଣେ କର୍ମଚାରୀ (ଡାଟା ଏଣ୍ଟ୍ରି ଅପରେଟର୍)ଙ୍କୁ ଗିରଫ କରାଯାଇଥିଲା। ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯେଉଁଠାରୁ ପ୍ରଶ୍ନପତ୍ର ଲିକ ହୋଇଥିଲା, ସେହି କାର୍ଯ୍ୟାଳୟର ଆଉ କିଏ ବଡ଼ ମୁଣ୍ଡ ତଥା ଅଧିକାରୀ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି ନା ନାହିଁ। କିନ୍ତୁ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ନିରବ ରହିଛି। ଯଦିଓ ଏ ଦିଗରେ ତଦନ୍ତ ଅଗ୍ରଗତି କରିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର। ଏପରିକି, ବୋର୍ଡର କେତେଜଣ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ୍ୟ ଏହି ଘଟଣାରେ ପଚରାଉଚରା ଚାଲିଛି ବୋଲି କୁହାଯାଇଛି। ▸ପୃଷ୍ଠା-୭

### ଅଗଷ୍ଟ ୩୧ରେ ଓଟିଇଟି ପରୀକ୍ଷା

■ **କଟକ, ୧।୮ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସଓଟିଇଟି) ପାଇଁ ଆଜି ସାନି ସମୟ ନିର୍ଘଣ୍ଟ ପ୍ରକାଶ ପାଇଛି। ଗତ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ୍ ପାଇଁ ସ୍ଥଗିତ ରଖାଯାଇଥିଲା ବେଳେ ବୋର୍ଡ ପକ୍ଷରୁ ସାନି ତାରିଖ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୩୧ ରବିବାର ଦିନ ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

ରାଜ୍ୟର ୪୩୦ଟି କେନ୍ଦ୍ରରେ ୧ଲକ୍ଷ ୪୧ହଜାର ୨୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପେପର-୧ ବିଷୟରେ ପରୀକ୍ଷା ସକାଳ ୯ଟାରୁ ଦିନ ସାଢେ଼୧୧ଟା ପର୍ଯ୍ୟନ୍ତ ଓ ପେପର-୨ ▸ପୃଷ୍ଠା-୭

## ୫ ପ୍ରସ୍ତାବକୁ କ୍ୟାବିନେଟ ମୋହର

### ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ରେ ସଂଶୋଧନ

### ମାଟି-୩.୦ କୁ ଅତିରିକ୍ତ ୫ ବର୍ଷ ପାଇଁ ସମ୍ପ୍ରସାରଣ

■ **ଭୁବନେଶ୍ୱର, ୧।୮ (ସମିସ):** ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୪ ଟି ବିଭାଗର ୫ ଟି ପ୍ରସ୍ତାବ ଉପରେ ବାଜିଛି ମୋହର । ବୈଠକ ପରେ ମୁଖ୍ୟ ସଚିବ ମନୋଜ ଆହୁଜା ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ମୁଖ୍ୟ ସଚିବ କହିଛନ୍ତି ଯେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଦ୍ରବ୍ୟ ଓ ସେବାର କର ଅଧିନିୟମ ୨୦୧୭ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ବ୍ୟବସ୍ଥାକୁ ସରଳ କରାଯାଇଛି। ପାନ ମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱହାନି ଆଶଙ୍କାକୁ ଏଡ଼ାଇବା ପାଇଁ ଟ୍ରାକ୍ ଆଣ୍ଡ ଟ୍ରେସ୍ ବ୍ୟବସ୍ଥା ପ୍ରଚଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥାର ଉଲ୍ଲଂଘନ କଲେ ୧ ଲକ୍ଷ ଟଙ୍କା ବା ଦେୟ ଟିକସର ୧୦ ପ୍ରତିଶତ ଶାସ୍ତି ରାଶି ଆଦାୟ ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟ ସରକାର ଓଡ଼ିଶା ଜିଲ୍ଲା ଏବଂ ସିଭିଲ କୋର୍ଟର ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମାବଳୀ, ୨୦୦୮ର ସଂଶୋଧନ କରିଛନ୍ତି। ଏହି ସଂଶୋଧନ ଦ୍ୱାରା ନ୍ୟାୟିକ କର୍ମଚାରୀଙ୍କର ନୂତନ ଆଇନ୍ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟକୁଶଳତା ବଢ଼ିବ ଓ ▸ପୃଷ୍ଠା-୭






### 'ଦମନ' ବାଟବଣା

## ରାଜ୍ୟରେ ମ୍ୟାଲେରିଆ ଉପରମୁହାଁ

### ▸▸ ମଶା ଦାଉରେ କଲବଲ ଓଡ଼ିଶା

### ▸▸ ଜନସାଧାରଣଙ୍କ ପାଖରେ ପହଞ୍ଚିପାରୁନି ଔଷଧୀୟ ମଶାରି

■ **ଭୁବନେଶ୍ୱର, ୧।୮ (ସମିସ):** ୨୦୨୭ ସୁଦ୍ଧା ଦେଶକୁ ମ୍ୟାଲେରିଆ ମୁକ୍ତ କରାଯିବାକୁ କେନ୍ଦ୍ର ସରକାର କରିଥିବା ଘୋଷଣା ୨୦୩୦କୁ ଘୁଞ୍ଚାଇଛନ୍ତି। ମାତ୍ର ବର୍ତ୍ତମାନ ପୂର୍ବ, ଉତ୍ତରପୂର୍ବ ଓ ଦକ୍ଷିଣଭାରତରେ ମ୍ୟାଲେରିଆର ସ୍ଥିତିକୁ ଦେଖିଲେ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ କେବେ ପୂରଣ ହେବ ତାହା କହି ହେଉ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶା ପରି ରାଜ୍ୟରେ 'ଦମନ' ଭଳି ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଏବେ ବାଟବଣା ହେବା ଯୋଗୁଁ ଦୀର୍ଘଦିନ ଧରି ନିମ୍ନଗାମୀ ହୋଇ ଚାଲିଥିବା ଗ୍ରାଫ୍ ଏବେ ପୁଣି ଉପରମୁହାଁ ହେବାରେ ଲାଗିଛି। ବିଶେଷକରି ଦକ୍ଷିଣ ଓଡ଼ିଶା ଜିଲ୍ଲା ଗୁଡ଼ିକରେ ମ୍ୟାଲେରିଆ ଚିହ୍ନଟ ପ୍ରତି ବର୍ଷ ରେକର୍ଡ ଭାଙ୍ଗୁଛି। କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ ଆଦି ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ କୀଟ ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଭିବିଡିସିପି) ତଥ୍ୟ ଅନୁସାରେ ଗତ ୩ ବର୍ଷ ହେଲା ରାଜ୍ୟରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବ ସରକାର କାର୍ଯ୍ୟକାରୀ କରୁଥିବା 'ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ' (ଦମନ) ଯୋଜନା ଏବେ ଆପାତତଃ ମୃତପ୍ରାୟ। ଫଳରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ମ୍ୟାଲେରିଆ ପ୍ରବଣ ରାଜ୍ୟକୁ ମ୍ୟାଲେରିଆ ମୃତ୍ୟୁରେ ଓଡ଼ିଶା ପଛରେ ପକାଇ ଦେଇଛି। ୨୦୨୪ ମସିହାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେଢ଼ କୋଟି ଔଷଧୀୟ ମଶାରି ମାଗିଥିଲେ। ମାତ୍ର ସେହି ମଶାରି ଆସିଲା କି ନାହିଁ, ବଣ୍ଟନ ହେଲା କି ନାହିଁ ତାହାର ସଠିକ୍ ସୂଚନା ଜନସ୍ୱାସ୍ଥ୍ୟ ବିଭାଗରେ ଉପଲବ୍ଧ ନାହିଁ।

ମ୍ୟାଲେରିଆ ଜ୍ୱରର ଭୟାବହତାକୁ ରୋକିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ଔଷଧ ବୋଳା ମଶାରି ବଣ୍ଟନ କରାଯାଉଥିଲା। ଏହାର ଔଷଧୀୟ ଗୁଣ ସ୍ୱରୂପ ଏହି ମଶାରିରେ ମଶା ବସି ପାରୁ ନ ଥିଲେ। ଫଳରେ ମ୍ୟାଲେରିଆ ରୋକିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ▸ପୃଷ୍ଠା-୭

## ଟ୍ରମ୍ପଙ୍କ ପାଇଁ ନୋବେଲ ଶାନ୍ତି ମାଗିଲା ଆମେରିକା



ୱାଶିଂଟନ, ୧।୮ (ଏଜେନ୍ସି): ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପୁରସ୍କାର ନିଶା ଘାରିଛି। ଏହା ପୁଣି ଯାହି ତାହିଆ ପୁରସ୍କାର ନୁହେଁ, ନୋବେଲ ଶାନ୍ତି ପୁରସ୍କାର। ପାକିସ୍ତାନ, ଇସ୍ରାଏଲ ପରେ ଏବେ ଖୋଦ ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ହ୍ୱାଇଟ ହାଉସ ପକ୍ଷରୁ ଟ୍ରମ୍ପଙ୍କୁ ଏହି ପୁରସ୍କାର ଦେବାକୁ ଦାବି କରାଯାଇଛି। ଆମେରିକାରୁ ବିଦେଶୀ ନାଗରିକଙ୍କୁ ଅକଥନୀୟ ନିର୍ଯାତନା ଦେଇ ନିଜ ଦେଶକୁ ପଠାଇଥିବା ଟ୍ରମ୍ପଙ୍କ ସପକ୍ଷରେ ହ୍ୱାଇଟ ହାଉସ ସଚିବ କ୍ୟାରୋଲାଇନ ଲେଭିଟ ଯୁକ୍ତି ବାଢ଼ିଛନ୍ତି। ସେ କହିଛନ୍ତି ଯେ ଟ୍ରମ୍ପ ୬ ମାସର କାର୍ଯ୍ୟକାଳରେ ବିଶ୍ୱରେ ୬ଟି ସଂଘର୍ଷକୁ ବନ୍ଦ କଲେଣି। ଏହା ମଧ୍ୟରେ ଇସ୍ରାଏଲ-ଇରାନ, ଭାରତ-ପାକିସ୍ତାନ, ଥାଇଲାଣ୍ଡ-କାମ୍ବୋଡିଆ, ରୱାଣ୍ଡା-କଙ୍ଗୋ, ସର୍ବିଆ-କୋସାଭୋ ଏବଂ ଇଜିପ୍ଟ-ଇଥୋପିଆ ସଂଘର୍ଷ ସାମିଲ ରହିଛି। ଏଥିପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ। ଗତ ମାସରେ ଟ୍ରମ୍ପ ମଧ୍ୟ ନିଜ ପାଇଁ ନୋବେଲ ଶାନ୍ତି ପୁରସ୍କାର ଦାବି କରିଥିଲେ।

## ୪ ବର୍ଷ ପରେ ମ୍ୟାଁମାର୍‌ରୁ ହଟିଲା ଏମର୍ଜେନ୍ସି



ନାପିତ୍ୟ, ୧।୮ (ଏଜେନ୍ସି): ଦୀର୍ଘ ୪ ବର୍ଷ ପରେ ମ୍ୟାଁମାରର ସାମରିକ ସରକାର ଜୁଣ୍ଟା ଦେଶରୁ ଏମର୍ଜେନ୍ସି (ଜରୁରୀ ସ୍ଥିତି) ହଟାଇ ଦେଇଛନ୍ତି। ଡିସେମ୍ବରରେ ନିର୍ବାଚନ କରାଇବାକୁ ସାମରିକ ଶାସକ ସିନିୟର ଜେନେରାଲ ମିନ ଆଙ୍ଗ ହ୍ଲାଇଙ୍ଗ ଘୋଷଣା କରିଛନ୍ତି। ଜୁଣ୍ଟା ଶାସନର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ଏକ ଟିଭିକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ ଆମେ ଗଣତନ୍ତ୍ର ଚାହୁଁଛୁ। କିନ୍ତୁ ଦେଶରେ ଚାଲୁଥିବା ହିଂସା ଏବଂ ବିକ୍ଷୋଭ ଯୋଗୁଁ ଲୋକେ ନିର୍ବାଚନର ନିରପେକ୍ଷତା ଉପରେ ସନ୍ଦେହ କରୁଛନ୍ତି। ସୂଚନା ଅନୁଯାୟୀ ହ୍ଲାଇଙ୍ଗ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟ ପ୍ରାଶାସନିକ ପରିଷଦର ପଦ ଛାଡ଼ି ଦେଇଛନ୍ତି। କିନ୍ତୁ ସେ ନୂଆ ବ୍ୟବସ୍ଥାରେ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ପାଲଟି ଯାଇଛନ୍ତି। ଏହା ଦ୍ୱାରା ତାଙ୍କ କ୍ଷମତା ଅଧିକ ବୃଦ୍ଧି ପାଇଛି। ଏବେ ସବୁ ସରକାରୀ ଦାୟିତ୍ୱ ସେନା ନିୟନ୍ତ୍ରିତ 'ନ୍ୟାସନାଲ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି କାଉନସିଲ' ପାଖରେ ରହିଛି। ଏହି ପରିଷଦ 'ରାଜ୍ୟ ସୁରକ୍ଷା ଏବଂ ଶାନ୍ତି କମିଶନ' ଗଠନ କରିଛି। ତେବେ ଏହାର ନେତୃତ୍ୱ ମଧ୍ୟ ହ୍ଲାଇଙ୍ଗ ନେଉଛନ୍ତି।

## ଆପ୍ ମନ୍ତ୍ରୀଙ୍କୁ ବିଦେଶ ଗସ୍ତ ମନା



ଅମୃତସର, ୧।୮ (ଏଜେନ୍ସି): ପଞ୍ଜାବର ଶକ୍ତିମନ୍ତ୍ରୀ ହରଭଜନ ସିଂହ ଇଟିଓଙ୍କୁ ବଡ଼ ଝଟ୍‌କା ଲାଗିଛି। କେନ୍ଦ୍ର ସରକାର ତାଙ୍କୁ ଆମେରିକା ଗସ୍ତ ପାଇଁ ଅନୁମତି ଦେଇନାହାନ୍ତି। ସେ ବୋଷ୍ଟନ ଏବଂ ମାସାଚୁସେଟ୍ସରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାସନାଲ କନଫରେନ୍ସ ଅଫ୍ ଷ୍ଟେଟ ଲେଜିଲେଟର୍ସ (ଏନ୍‌ସିଏସ୍‌ଏଲ) ଲେଜିସଲେଟିଭ ସମିଟ୍ ଲାଗି ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆମେରିକା ଯାଇଥାନ୍ତେ। ଏହା ସାରା ବିଶ୍ୱର ବିଧାନସଭା ନେତା, ନୀତି ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରଣକାରୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ମିଳନୀ। ଏ ନେଇ ମନ୍ତ୍ରୀଙ୍କୁ ଅନୁମତି ଦିଆଯାଇ ନ ଥିବା କେନ୍ଦ୍ର ପକ୍ଷରୁ ଗୁରୁବାର ପଞ୍ଜାବ ସରକାରଙ୍କୁ ସୂଚନା ଦିଆଯାଇଛି। କ୍ରମାଗତ ପଞ୍ଚମ ଥର ପାଇଁ ଆମ ଆଦମୀ ପାର୍ଟି ସରକାରର କୌଣସି ନେତା ତଥା ବରିଷ୍ଠ ପଦାଧିକାରୀଙ୍କୁ ବିଦେଶ ଗସ୍ତ ପାଇଁ କେନ୍ଦ୍ର ଅନୁମତି ଦେଇନାହିଁ। ଏହି ଘଟଣା କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ବିବାଦକୁ ଅଧିକ ଉଗ୍ର କରିବ ବୋଲି କୁହାଯାଉଛି। ଏନ୍‌ସିଏସ୍‌ଏଲ୍ ଏବଂ ଏହାର ଭାରତୀୟ ଶାଖା ପଞ୍ଜାବ ମନ୍ତ୍ରୀଙ୍କୁ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଆମନ୍ତ୍ରଣ କରିଥିଲା।

## ରାଜନୀତି ଛାଡ଼ିଲେ କମଳା ହ୍ୟାରିସ୍

ୱାଶିଂଟନ୍, ୧।୮ (ଏଜେନ୍ସି): ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି କମଳା ଦେବୀ ହ୍ୟାରିସ୍ ରାଜନୀତି ଛାଡିବାକୁ ଘୋଷଣା କରିଛନ୍ତି। ଏବେ ସେ କୌଣସି ରାଜନୈତିକ ପଦ ପାଇଁ ଆଉ ନିର୍ବାଚନ ଲଢ଼ିବେ ନାହିଁ। ଏପରିକି ସେ କାଲିଫର୍ଣ୍ଣିଆ ଗଭର୍ଣ୍ଣର ପଦ ପାଇଁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବେନି ବୋଲି ଏକ ସାକ୍ଷାତକାରରେ କହିଛନ୍ତି। ଆମେରିକାର ରାଜନୈତିକ ପ୍ରଣାଳୀ ଭୁଶୁଡି ପଡ଼ିଛି। ଏହା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରକ୍ଷା ପାଇଁ ସେତେ ସକ୍ଷମ ନୁହଁ ବୋଲି ସେ କହିଛନ୍ତି।

## ଏକାଠି ଡାକ୍ତରୀ ପଢ଼ିବେ ମା-ଝିଅ

ଚେନ୍ନଇ, ୧।୮ (ଏଜେନ୍ସି): ତାମିଲନାଡୁରେ ଜଣେ ୪୯ ବର୍ଷୀୟ ଫିଜିଓଥେରାପିଷ୍ଟ ମା' ଓ ତାଙ୍କ ଝିଅ ମେଡିକାଲର ରାଷ୍ଟ୍ରୀୟ ପ୍ରବେଶ ପରୀକ୍ଷା ନିଟ୍‌ରେ ପାସ୍ କରି ଇତିହାସ ସୃଷ୍ଟି କରିଛନ୍ତି। ମା' ଅମୁଥାଭାଲ୍ଲି ମଣିଭନନ୍ ପ୍ରଥମଥର ପାଇଁ ଝିଅ ସହ ନିଟ୍ ପରୀକ୍ଷା ଦେଇଥିଲେ। ଅମୁଥାଭାଲ୍ଲି ୩ ଦଶନ୍ଧି ତଳେ ଡାକ୍ତର ହେବାକୁ ଚାହୁଁଥିଲେ। କିନ୍ତୁ ସେତେବେଳେ ତାଙ୍କୁ ଏମ୍‌ବିବିଏସ୍ ସିଟ୍ ମିଳି ନ ଥିଲା। ସେଥିପାଇଁ ସେ ଫିଜିଓଥେରାପିରେ ଡିଗ୍ରୀ ହାସଲ କରିଥିଲେ। ଶେଷରେ ତାଙ୍କର ଏହି ଇଚ୍ଛା ପୂରଣ ହୋଇଛି। ଏବେ ମା ଓ ଝିଅ ସାଥି ହୋଇ ଏମ୍‌ବିବିଏସ୍ ପାଠ ପଢ଼ା ଆରମ୍ଭ କରିବେ। ମା'ଙ୍କୁ ସରକାରୀ ମେଡିକାଲ କଲେଜରେ ଆଡମିସନ ମିଳିବ। ଝିଅ ସମ୍ୟୁକ୍ତା କୃପାଳିନୀଙ୍କୁ ମଧ୍ୟ ସେ ନିଟ୍ ପସ୍ତୁତିରେ ସାହାଯ୍ୟ କରୁଥିଲେ। ଝିଅକୁ ଦେଖି ମାଆଙ୍କର ମଧ୍ୟ ପରୀକ୍ଷା ଦେବାକୁ ଇଚ୍ଛା ହୋଇଥିଲା। ସ୍ୱାମୀ ମଧ୍ୟ ତାଙ୍କୁ ଏଥିରେ ବହୁତ ସହାୟତା କରିଥିଲେ।

## ବାଂଲାଦେଶୀ ମଡେଲ ଗିରଫ

କୋଲକାତା, ୧।୮ (ଏଜେନ୍ସି): ବେଆଇନ ଭାବେ କୋଲକାତାର ଯାଦବପୁର ଅଞ୍ଚଳରେ ଭଡ଼ା ଘର ନେଇ ରହୁଥିବା ବାଂଲାଦେଶୀ ମଡେଲ ଶାନ୍ତା ପାଲ୍ (୨୮)ଙ୍କୁ ଗିରଫ କରାଯାଇଛି। ସେ ବାଂଲାଦେଶ ବରିଶାଲର ବାସିନ୍ଦା। ତାଙ୍କ ପାଖରେ ଭିସା ନ ଥିଲା। କିନ୍ତୁ ସେ ଭାରତକୁ ଆସି ଦୁଇଟି ଆଧାର କାର୍ଡ, ଭୋଟର ଆଇଡି, ରାଶନ କାର୍ଡ ବନାଇ ଦେଇଥିଲେ। ସେ କେମିତି ଏହା ହାସଲ କରିଥିଲେ ତାହାର ତଦନ୍ତ ଚାଲିଛି। ଆଣ୍ଟି ରାୱଡି ସ୍କ୍ୱାଡ ତାଙ୍କଠାରୁ ବହୁ କାଗଜପତ୍ର ମଧ୍ୟ ଜବତ କରିଛି। ଶାନ୍ତା ବାଂଲାଦେଶରେ ଜଣେ ଲୋକପ୍ରିୟ ଟିଭି ଉପସ୍ଥାପିକା ଓ ଅଭିନେତ୍ରୀ। ଏବେ ମାମଲାର ତଦନ୍ତ ଜାରି ରହିଛି।

## ଦରମା ୧୫ ହଜାର; ସମ୍ପତ୍ତି ୩୦ କୋଟି

ବେଙ୍ଗାଲୁରୁ, ୧।୮ (ଏଜେନ୍ସି): ମାସକୁ ୧୫ ହଜାର ଦରମା ପାଉଥିବା ଜଣେ ବ୍ୟକ୍ତି ୨୪ଟି ଘର ଓ ୩୦ କୋଟି ଟଙ୍କାର ମାଲିକ। ବିଶ୍ୱାସ ନହେଲେ ବି ଏହା ସତ। ଏହି ବ୍ୟକ୍ତି ଜଣକ ହେଉଛନ୍ତି କଲକାପ୍ପା ନିଦାଗୁଣ୍ଡି। ସେ କର୍ଣ୍ଣାଟକ ଗ୍ରାମୀଣ ଭିତ୍ତିଭୂମି ବିକାଶ ଲିମିଟେଡ (କେଆରଆଇଡିଏଲ)ର ଜଣେ କିରାଣୀ ଭାବେ କର୍ଯ୍ୟ କରନ୍ତି। ଲୋକାୟୁକ୍ତ ଅଧିକାରୀ ତାଙ୍କ ବାସଭବନ ଉପରେ ଚଢାଉ କରିବା ପରେ ଏହି କଥା ଜାଣିବାକୁ ପାଇଛନ୍ତି। ସେ କୋପାଲରେ କାର୍ଯ୍ୟ କରନ୍ତି ଓ ସେ ମାସକୁ ୧୫ ହଜାର ଟଙ୍କା ଦରମା ପାଇଥାନ୍ତି। ୨୪ଟି ଘର ସିମେତ ତାଙ୍କର ୪ଟି ପ୍ଲଟ୍, ୪୦ ଏକର ଚାଷଜମି, ୪ଟି ଗାଡି, ୩୫୦ ଗ୍ରାମ୍‌ର ସୁନା, ଦେଢ କେଜି ଓଜନର ରୂପା ରହିଛି ଓ ଏହାକୁ ଜବତ କରାଯାଇଛି। ଏହି ସବୁ ସମ୍ପତ୍ତି ନିଦାଗୁଣ୍ଡି, ତାଙ୍କ ପତ୍ନୀ ଓ ଶଳାଙ୍କ ନାମରେ ରହିଛି। ନିଦାଗୁଣ୍ଡିଙ୍କ ସହ ଜଣେ ପୂର୍ବତନ କେଆରଆଇଡିଏଲ ଯନ୍ତ୍ରୀ ଜେଏମ୍ ଚିନଚୋଲକର ୯୬ଟି ଅସମ୍ପୂର୍ଣ୍ଣ ପ୍ରକଳ୍ପ ପାଇଁ ନକଲି କାଗଜପତ୍ର ଦେଇ ୭୨ କୋଟି ଟଙ୍କା ଠକାମି କରିଛନ୍ତି ବୋଲି ଜଣା ପଡ଼ିଛି। ବେଙ୍ଗାଲୁରୁ ସମେତ ୪୧ଟି ଜାଗା ଉପରେ ଚଢାଉ କରାଯାଇଛି ଓ ବିଭିନ୍ନ ବ୍ୟକ୍ତିଙ୍କ ନାମରେ ଥିବା ବିପୁଳ ପରିମାଣର ସମ୍ପତ୍ତି ଜବତ କରାଯାଇଛି।

## 'ତୈଳ ଭଣ୍ଡାର ପାକିସ୍ତାନର ନୁହଁ, ବେଲୁଚିସ୍ତାନର'

କ୍ୱେଟା, ୧।୮ (ଏଜେନ୍ସି): ପାକିସ୍ତାନ ସହ ନୂଆ ବାଣିଜ୍ୟ ଚୁକ୍ତି ନେଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ବେଲୁଚିସ୍ତାନର ଜାତୀୟତାବାଦୀ ନେତା ମୀର ୟାର ବାଲୋଚ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପାକିସ୍ତାନରେ ବିପୁଳ ତୈଳ ଭଣ୍ଡାର ରହିଛି ଓ ଏହାର ବିକାଶ କରାଇବା ଦିଗରେ ଆମେରିକା ଓ ପାକିସ୍ତାନ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଏହାକୁ ମୀର ବିରୋଧ କରିଛନ୍ତି। ପାକିସ୍ତାନ ସେନାଧକ୍ଷ ଆସିମ ମୁନୀର ଏ ସଂକ୍ରାନ୍ତରେ ଟ୍ରମ୍ପଙ୍କୁ ଭ୍ରମିତ କରାଉଛନ୍ତି ବୋଲି ସେ କହିଛନ୍ତି। ଏହି ତୈଳ ଭଣ୍ଡାର ପାକିସ୍ତାନର ପ୍ରାଣକେନ୍ଦ୍ର କୁହାଯାଉଥିବା ପଞ୍ଜାବରେ ନୁହଁ, ବରଂ ବେଲୁଚିସ୍ତାନରେ ରହିଛି ବୋଲି ମୀର କହିଛନ୍ତି। ୧୯୪୮ରେ ପାକିସ୍ତାନ ବେଲୁଚିସ୍ତାନକୁ ଜୋର ଜବରଦସ୍ତି ଅକ୍ତିଆର କରି ରଖିଛି। ତେଣୁ ପାକିସ୍ତାନ ପାଖରେ ଏହି ବିଶାଳ ତୈଳ ଭଣ୍ଡାର ରହିଛି କହିବା ଭୂଲ୍ ତଥା ମିଥ୍ୟା। ଏହା ଦ୍ୱାରା ପାକିସ୍ତାନ ବେଲୁଚିସ୍ତାନର ତୈଳ ଭଣ୍ଡାର ଓ ଖଣିଜ ସମ୍ପଦ ଲୁଟିବାକୁ ଯୋଜନା କରୁଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସ୍ପଷ୍ଟ କରିଛନ୍ତି।

### ନିର୍ବାଚନ କମିଶନଙ୍କୁ ରାହୁଲ ଗାନ୍ଧୀଙ୍କ ଧମକ

# ଭୋଟ ଚୋରି କରୁଛନ୍ତି ନିର୍ବାଚନ ଅଧିକାରୀ



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ୯ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଧମକ ଦେଇଛନ୍ତି। ଶୁକ୍ରବାର ସଂସଦ ବାହାରକୁ ଆସିବା ସମୟରେ ଗଣମାଧ୍ୟମ ସହ ଆଲୋଚନା ବେଳେ କଂଗ୍ରେସ ସାଂସଦ ସଙ୍ଗୀନ ଅଭିଯୋଗ ଲଗାଇଛନ୍ତି। ନିର୍ବାଚନ କମିଶନ ହିଁ ଭୋଟ ଚୋରି କରୁଥିବା କହିଛନ୍ତି। ଆମ ପାଖରେ ପରମାଣୁ ବୋମା ରହିଛି। ଯେତେବେଳେ ଏହା ଫାଟିବ ନିର୍ବାଚନ କମିଶନ ବଞ୍ଚିବେ ନାହିଁ। ଭୋଟ ଚୋରି କରିବାର କାମ କରୁଥିବା ନିର୍ବାଚନ କମିଶନଙ୍କୁ ଆମେ ଛାଡ଼ିବୁ ନାହିଁ। ସେ ଭାରତ ବିରୋଧରେ କାମ କରୁଛନ୍ତି। ଏହା ଦେଶଦ୍ରୋହ। ଯେଉଁଠି ଥିଲେ ବି, ଏମିତିକି ଅବସର ଗ୍ରହଣ କରି ସାରିଥିଲା ପରେ ବି ଆମେ ଖୋଜି ଖୋଜି ତାଙ୍କୁ ବାହାର କରିବୁ ବୋଲି ରାହୁଲ ଧମକ ଦେଇଛନ୍ତି।

ଏହା ପୂର୍ବରୁ ଗତ ୨୪ ତାରିଖରେ ରାହୁଲ କହିଥିଲେ ଯେ ସେ ନିର୍ବାଚନ କମିଶନଙ୍କୁ ଏକ ବାର୍ତ୍ତା ଦେବାକୁ ଚାହୁଁଛନ୍ତି। ଯଦି ଏଥିରୁ ନିର୍ବାଚନ କମିଶନ କିମ୍ବା ନିର୍ବାଚନ ଅଧିକାରୀ ବଞ୍ଚିଯିବେ ବୋଲି ଲାଗୁଛି ତେବେ ଏହା ଭୁଲ ଧାରଣା। ଆମେ ବର୍ତ୍ତିଯିବାକୁ ଦେବୁ ନାହିଁ। ଅନ୍ୟପକ୍ଷରେ ଆଜି ନିର୍ବାଚନ କମିଶନ ରାହୁଲଙ୍କୁ କଡ଼ା ଜବାବ ଦେଇଛନ୍ତି। ସେ ଲଗାଇଥିବା ଗମ୍ଭୀର ଅଭିଯୋଗକୁ ଖାରଜ କରିଦେଇଛନ୍ତି। ରାହୁଲଙ୍କୁ ୫ଟି ଜବାବ ଦେବା ସହିତ ଧମକକୁ ନେଇ ନିଜ ଅଧିକାରୀ ମାନଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ରାହୁଲ ଗାନ୍ଧୀଙ୍କୁ ଚଳିତ ବର୍ଷ ଜୁନ୍ ୧୨ରେ ଏକ ମେଲ୍ ପଠା ଯାଇଥିଲା। ମାତ୍ର ସେ ଏ ପର୍ଯ୍ୟନ୍ତ ଆସୁନାହାନ୍ତି। ସେହି ଦିନ ପୁଣି ଏକ ଚିଠି ଲେଖା ଯାଇଥିଲା, କିନ୍ତୁ ରାହୁଲ ଏହାର ବି ଜବାବ ଦେଇ ନ ଥିଲେ। ସେ କେବେ ବି କୌଣସି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ କୌଣସି ଚିଠି ଦେଇ ନାହାନ୍ତି। ରାହୁଲ ବହୁତ ଅଜବ ଲୋକ। ଖାଲି ଆଧାରହୀନ ଅଭିଯୋଗ ଲଗାଉଛନ୍ତି। ଏବେ ନିର୍ବାଚନ କମିଶନ ଏବଂ ଏହାର କର୍ମଚାରୀଙ୍କୁ ଧମକାଇବା ଆରମ୍ଭ କରିଦେଇଛନ୍ତି। ଏଭଳି ଆଧାରହୀନ ଅଭିଯୋଗକୁ ଅଣଦେଖା କରିବାକୁ ଇସି ନିଜ ଅଧିକାରୀଙ୍କୁ କହିଛନ୍ତି। କ୍ରମାଗତ ଦିଆଯାଉଥିବା ଧମକ ସତ୍ତ୍ୱେ ପୂର୍ବ ଭଳି ନିରପେକ୍ଷ ଏବଂ ସଚ୍ଚୋଟତାର ସହ କାମ କରିଚାଲନ୍ତୁ। ଜରୁରୀ ହୋଇ ନ ଥିବା ବୟାନକୁ ଅଣଦେଖା କରନ୍ତୁ।

**ଅବସର ନେଲା ପରେ ବି ଛାଡ଼ିବୁନି**

**ପାଖରେ ପରମାଣୁ ବୋମା ଅଛି; ଫାଟିଲେ ଇସି ବଞ୍ଚିବେନି**

**ଅଧିକାରୀଙ୍କୁ ପରାମର୍ଶ ଦେଲେ ନିର୍ବାଚନ କମିଶନ**

**ଏଭଳି ଧମକକୁ ଧ୍ୟାନ ନ ଦେଇ ନିରପେକ୍ଷ ଭାବେ କାମ କର**

### ସୁପ୍ରିମକୋର୍ଟଙ୍କ ଚେତାବନୀ

## ନକ୍ସାରୁ ଅଦୃଶ୍ୟ ହୋଇଯିବ ହିମାଚଳ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତର ମାନଚିତ୍ରରୁ ହିମାଚଳ ପ୍ରଦେଶ ଅଦୃଶ୍ୟ ହୋଇଯିବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ହିମାଚଳରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରକୃତି ନୁହଁ, ବରଂ ମନୁଷ୍ୟକୃତ କାର୍ଯ୍ୟକଳାପ ହିଁ ଦାୟୀ। ଅନିୟନ୍ତ୍ରିତ ନିର୍ମାଣ, ସଡକ ପ୍ରଶସ୍ତିକରଣ, ଜଳ ବିଦ୍ୟୁତ ପ୍ରକଳ୍ପ ଓ ଜଙ୍ଗଲ ସଫା କରିବା ପ୍ରକ୍ରିୟା ହିଁ ଏହି ସଂକଟ ସୃଷ୍ଟି କରିଛି। ଯଥାଶୀଘ୍ର ଏ ସବୁ କାର୍ଯ୍ୟକଳାପକୁ ରୋକାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି।ଏକ ମାମଲାର ଶୁଣାଣି କରିବା ଅବସରରେ ହିମାଚଳ ପରିବେଶ ସଂକଟକୁ ନେଇ କୋର୍ଟ ଚିନ୍ତା ପ୍ରକଟ କରି ଏହି ଟିପ୍ପଣୀ ଦେଇଛନ୍ତି। ଯଦି ଏହି ରାଜ୍ୟର ପରିବେଶ ପ୍ରତି ଧ୍ୟାନ ଦିଆ ନ ଯାଏ ତେବେ ହିମାଚଳର ବିପର୍ଯ୍ୟୟ ନିଶ୍ଚିତ ବୋଲି କୋର୍ଟ ସତର୍କ କରାଇଦେଇଛନ୍ତି। ଏଥିସହ କୋର୍ଟ ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ଏହି ସଂକଟର ସାମ୍ନା କରିବା ନେଇ ଆକ୍ସନ ପ୍ଲାନ ଅର୍ଥାତ କାର୍ଯ୍ୟ ଯୋଜନା ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଜେବି ପର୍ଦିୱାଲା ଓ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଘରୋଇ କମ୍ପାନୀର ଚ୍ୟାଲେଞ୍ଜକୁ ଖାରଜ କରିବା ଅବସରରେ ଏହି କଥା କହିଛନ୍ତି। ଉଲ୍ଲେଖଥାଉ କି, ଶ୍ରୀ ତାରା ମାତା ହିଲ୍‌କୁ ସବୁଜ କ୍ଷେତ୍ର ଘୋଷିତ କରାଯାଇଥିଲା ଓ ଏଠାରେ ନୂଆ ନିର୍ମାଣ ଉପରେ ରୋକ ଲଗାଯିବା ନେଇ ଅଧିସୂଚନା ଜାରି କରାଯାଇଥିଲା। କିନ୍ତୁ ଏହି ଅଧିସୂଚାନକୁ ପ୍ରିଷ୍ଟିନ ହୋଟେଲ୍ସ ଆଣ୍ଡ ରିସର୍ଟ୍ସ ପ୍ରାଇଭେଟ ଲିମିଟେଡ ନାମକ ଏକ ଘରୋଇ କମ୍ପାନୀ ଚ୍ୟାଲେଞ୍ଜ କରିଥିଲା ଓ ସୁପ୍ରିମ କୋର୍ଟ ଏହାକୁ ଖାରଜ କରିବା ସହ ଏହି ସତର୍କତା ଜାରି କରିଛନ୍ତି। ଏହି ଅଧିସୂଚନାକୁ ହାଇକୋର୍ଟ ବଜାୟ ରଖିବା ସହ କମ୍ପାନୀର ଆବଦନକୁ ଖାରଜ କରିଥିଲେ। ଫଳରେ କମ୍ପାନୀ ସୁପ୍ରିକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲା।

### ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲା

## ଜେଡିଏସ୍ ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନା ଦୋଷୀ



ମହିସୂର, ୧।୮ (ଏଜେନ୍ସି): ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡାଙ୍କ ନାତି ତଥା ପୂର୍ବତନ ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭନ୍ନା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କୁ ଦୋଷୀ ବୋଲି ଅବିହିତ କରିଛନ୍ତି। ଶନିବାର କୋର୍ଟ ତାଙ୍କୁ ରାୟ ଦେବା ସହ ଦଣ୍ଡବିଧାନ କରିବେ। କୋର୍ଟ ତାଙ୍କ ନିଷ୍ପତ୍ତି ଶୁଣାଇବା ପରେ ୩୪ ବର୍ଷୀୟ ରେଭନ୍ନା ବେଶ୍ ଭାବୁକ ହୋଇଥିଲେ ଓ ବାହାରକୁ ଆସିବା ବେଳେ କାନ୍ଦୁ କାନ୍ଦି ପକାଇଥିଲା।

ଉଲ୍ଲେଖଥାଉ କି, ରେଭନ୍ନାଙ୍କ ପରିବାରର ଫାର୍ମ ହାଉସ୍‌ରେ କାମ କରୁଥିବା ଜଣେ ୪୭ ବର୍ଷୀୟ ମହିଳା ଗତ ଏପ୍ରିଲ୍‌ରେ ତାଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ କରି ଥାନାରେ ଏତଲା ଦେଇଥିଲେ। ୨୦୨୧ରେ ରେଭନ୍ନା ତାଙ୍କୁ ବହୁଥର ଦୁଷ୍କର୍ମ କରିଥିଲେ ଓ ଘଟଣାକୁ କାହା ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ନ ହେଲେ ଅଶ୍ଳୀଳ ଭିଡିଓ ଲିକ୍ କରିବାକୁ ଧମକ ଦେଇଥିଲେ। ରେଭନ୍ନାଙ୍କ ବିରୋଧରେ ପାଖାପାଖି ୨୦୦ ଅଶ୍ଳୀଳ ଭିଡିଓ ଓ ୧୨୩ଟି ଅନ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନା କରାଯାଇଥିଲା। ଜୁଲାଇ ୧୮ରେ ଏହି ମାମଲାରେ କୋର୍ଟ ଶୁଣାଣି ଶେଷ କରିଥିଲେ। ରେଭନ୍ନାଙ୍କ ବିରୋଧରେ ବିଭିନ୍ନ ଧାରାରେ ଅଭିଯୋଗ କରାଯାଇଥିଲା। ତାଙ୍କ ବିରୋଧରେ ମୋଟ୍ ଉପରେ ୪ଟି ଦୁଷ୍କର୍ମ ମାମଲା ରହିଛି। କିନ୍ତୁ ସେ ପ୍ରଥମଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୨୪ ମେ ୩୧ରେ ଜର୍ମାନୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହିଁ ତାଙ୍କୁ ଏହି ମାମଲାରେ ଗିରଫ କରାଯାଇଥିଲା। ସେ ଦେଶ ଛାଡି ୩୫ ଦିନ ବିଦେଶରେ ରହିଥିଲେ। ଜେଜେ ତଥା ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡା ତାଙ୍କୁ ସ୍ୱଦେଶ ଫେରିବାକୁ ଚେତାବନୀ ଦେଇଥିଲେ। ତାଙ୍କ ବିରୋଧରେ ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଯୌନ ଉତ୍ପୀଡନ ଦେଇଥିବାର ଅଭିଯୋଗ ରହିଛି। ଦୁଷ୍କର୍ମ ଓ ଯୌନ ଉତ୍ପୀଡ଼ନ ସମେତ ତାଙ୍କ ବିରୋଧରେ ବ୍ଲାକମେଲିଂ ଓ ଧମକ ନେଇ ୪ଟି ମାମଲା ରହିଛି। ରେଭନ୍ନାଙ୍କ ଜେଜେ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡା, ଦାଦା ଏଚ୍‌ଡି କୁମାରସ୍ୱାମୀ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପିତା ପୂର୍ବତନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି।

## ଆମେରିକାଠୁ ଏଫ୍-୩୫ ଲଢୁଆ ବିମାନ କିଣିବନି ଭାରତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ କୂଟନୈତିକ ସମ୍ପର୍କରେ ଅବନତୀ ପରିଲକ୍ଷିତ ହୋଇଛି। ଫଳରେ ଭାରତ ଆମେରିକାଠାରୁ ଏଫ୍- ୩୫ ଲଢୁଆ ଷ୍ଟେଲ୍‌ଥ ବିମାନ କିଣିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏ ନେଇ ହୋଇଥିବା ଏକ ଚୁକ୍ତିକୁ ଭାରତ ଅକାମୀ କରିଛି। ଆମେରିକାଠୁ ଭାରତ ଏହି ବିମାନ କ୍ରୟ କରିବାକୁ ରୁଚି ରଖୁନାହିଁ ବୋଲି କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତରେ ଏହି ବିମାନ କ୍ରୟ ପାଇଁ ଟ୍ରମ୍ପ ପ୍ରସ୍ତାବ ଦେଇଥିଲେ। ଭାରତ ଏବେ ସ୍ୱଦେଶୀ ଜ୍ଞାନ କୌଶଳ ଦ୍ୱାରା ଯୁଦ୍ଧ ସରଞ୍ଜାମ ନିର୍ମାଣ କରିବା ଲକ୍ଷ୍ୟରେ ରହିଛି।

## ଖରାପ୍ ଇଞ୍ଜିନ୍ ସତ୍ତ୍ୱେ ୧୨୦ କିମି ବିମାନ ଚଳାଇ ୩୦୬ ଜୀବନ ବଞ୍ଚାଇଥିଲେ ପାଇଲଟ୍


ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ସାରା ବିଶ୍ୱରେ ବିମାନ ଦୁର୍ଘଟଣା ସଂଖ୍ୟା ଓ ଉଦାହରଣ ବହୁତ ରହିଛି। କିନ୍ତୁ ନିଶ୍ଚିତ ଦୁର୍ଘଟଣାରୁ ବିମାନ ଅଳ୍ପକେ ବର୍ତ୍ତିଯାଇଥିବା ଘଟଣା ବହୁତ କମ୍। ୨୦୦୧ରେ ଏଭଳି ଏକ ଘଟଣା ଘଟିଥିଲା। ଦୁଇଟି ଯାକ ଇଞ୍ଜିନ ଖରାପ ଓ ଫୁଏଲ ଲିକ୍ ହେବା ସତ୍ତ୍ୱେ ପାଇଲଟ୍ ସାହସିକତାର ସହ ଉପସ୍ଥିତ ବୁଦ୍ଧି ଖଟାଇ ଅସୀମ ଧୈର୍ଯ୍ୟ ବଳରେ ବିମାନକୁ ୧୨୦ କିମି ଚଳାଇ ସୁରକ୍ଷିତ ଭାବେ ଅବତରଣ କରାଇବା ସହ ୩୦୬ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ।

୨୦୦୧ ଅଗଷ୍ଟ ୨୪ରେ ଏୟାରବସ୍ ଏ୩୩୦ ଏଆର ଟ୍ରାନସାଟ୍ ଫ୍ଲାଇଟ୍ ୨୩୬ ବିମାନ କାନାଡାର ଟରଣ୍ଟୋରୁ ପର୍ତ୍ତୁଗାଲ ରାଜଧାନୀ ଲିସବନ ଯାଉଥିଲା। ଆଟଲାଣ୍ଟିକ୍ ମହାସାଗର ଉପରେ ୩୯, ୦୦୦ ଫୁଟ୍ ଉଚ୍ଚରେ ବିମାନ ଉଡୁଥିବା ବେଳେ ଇନ୍ଧନ ଲିକ୍ ନେଇ ପାଇଲଟ ସୂଚନା ପାଇଥିଲେ। ଫଳରେ ବିମାନର ଦୁଇଟି ଯାକ ଇଞ୍ଜିନ କାମକରିବା ବନ୍ଦ କରିଦେଇଥିଲା। ଟରଣ୍ଟୋରୁ ଲିସବନର ଉଡାଣ ୭ ଘଣ୍ଟାର ହୋଇଥିବା ବେଳେ ୫ ଘଣ୍ଟା ଅତିକ୍ରାନ୍ତ ହୋଇଥିଲା। ଡାହାଣ ପଟ ଇଞ୍ଜିନ୍ ଅଚଳ ହେବାର ୧୩ ମିନିଟ୍ ପରେ ବାମପଟ ଇଞ୍ଜିନ୍ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା। ଫଳରେ ପାଇଲଟ୍ ତଥା ୨୮ ବର୍ଷୀୟ ଫାର୍ଷ୍ଟ ଅଫିସର ଡିର୍କ ଡେଜାଗେର 'ମେଡେ, ମେଡେ, ମେଡେ' କଲ୍ କରିଥିଲେ। ସେତେବେଳେ ବିମାନ ନିକଟସ୍ଥ ଆଜୋରେସ୍ ଦୀପପୁଞ୍ଜ ସ୍ଥିତ ରନୱେଠାରୁ ଆହୁରି ୧୨୦ କିମି ତଥା ପର୍ତ୍ତୁଗାଲ ଉପକୂଳ ଓ ଲିସବନଠାରୁ ଯଥାକ୍ରମେ ୧, ୪୦୦ ଓ ୧, ୫୦୦ କିମି ଦୂରରେ ରହିଥିଲା। ବିମାନରେ ବସିଥିବା ସବୁଯାତ୍ରୀ ଆତଙ୍କିତ ହୋଇଥିଲେ। କିନ୍ତୁ ଏତିକିବେଳେ ଚମତ୍କାର ହୋଇଥିଲା। ପାଇଲଟ ତଥା କ୍ୟାପଟେନ ରବର୍ଟ ପ୍ରାଇସ୍‌ଙ୍କ ବିଚକ୍ଷଣ ଉପସ୍ଥିତ ବୁଦ୍ଧି ଯୋଗୁଁ ବିମାନ ଆଜେରେସ ଦୀପପୁଞ୍ଜର ରନୱେରେ ଅବତରଣ କରିଥିଲା।

## ଭାରତରୁ ୨୨,୮୪୨ କୋଟି ଠକିନେଲେ ସାଇବର ଠକ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତରେ ସାଇବର ଠକେଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ସମସ୍ୟା ମୁଣ୍ଡବିନ୍ଧା ସୃଷ୍ଟି କରିଥିବାବେଳେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗତ ବର୍ଷ (୨୦୨୪) ସାଇବର ଅପରାଧି ତଥା ଠକମାନେ ଭାରତୀୟଙ୍କଠାରୁ ୨୨, ୮୪୨ କୋଟି ଟଙ୍କା ଠକି ନେଇଥିଲେ। ଦିଲ୍ଲୀର ମିଡିଆ ଏବଂ ଟେକ୍ କମ୍ପାନୀ ଡାଟାଲିଡ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଭାରତ ସରକାରଙ୍କ ସାଇବରକ୍ରାଇମ କୋଅର୍ଡିନେସନ ସେଣ୍ଟର, ୧୪ସି କରିଥିବା ଆକଳନ ମଧ୍ୟ ଭୟ ବଢ଼ାଇ ଦେଇଛି। ଚଳିତ ବର୍ଷ ସାଇବର ଠକେଇ ଦ୍ୱାରା ଭାରତୀୟମାନେ ୧.୨ ଲକ୍ଷ କୋଟି ଟଙ୍କା ହରାଇ ପାରନ୍ତି ବୋଲି କୁହାଯାଇଛି। ଏହା ପୂର୍ବରୁ ୨୦୨୩ରେ ସାଇବର ଠକ ଦେଶରୁ ୭, ୪୬୫ କୋଟି ଟଙ୍କା ଲୁଟି ନେଇଥିଲେ। ଏହା ୨୦୨୨ ତୁଳନା (୨୩୦୬ କୋଟି)ରେ ୧୦ ଗୁଣା ଥିଲା। ଦେଶରେ ସାଇବର କ୍ରାଇମ ଘୁ ଘୁ ହୋଇ ବଢ଼ି ଚାଲିଛି। ଗତ ବର୍ଷ ପ୍ରାୟ ୨୦ ଲକ୍ଷ ସାଇବର ଆକ୍ରମଣ ହୋଇଥିଲା। ଏହା ୨୦୨୩ରେ ୧୫.୬ ଲକ୍ଷ ଥିଲା। ମାତ୍ର ୨୦୧୯ ତୁଳନାରେ ୨୦୨୩ରେ ଏହି ମାମଲା ୧୦ ଗୁଣ ବୃଦ୍ଧି ପାଇଥିଲା। ଡିଜିଟାଲ ପେମେଣ୍ଟ ଆପ୍ ମାଧ୍ୟମରେ ଲୋକେ ବେଶୀ ଠକେଇର ଶିକାର ହେଉଛନ୍ତି। ଭାରତରେ ୨୯୦ ଲକ୍ଷ ଲୋକ ବେକାର ଥିବାବେଳେ ସାଇବର ଠକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି।

## ୯ମ ବିବାହ ପୂର୍ବରୁ ଧରାପଡ଼ିଲେ ଲୁଟେରି କନ୍ୟା



ନାଗପୁର, ୧।୮ (ଏଜେନ୍ସି): ମହାରାଷ୍ଟ୍ର ନାଗପୁରରୁ ଜଣେ ଲୁଟେରି କନ୍ୟା ଧରା ପଡ଼ିଛନ୍ତି। ସେ ଏକାଧିକ ବିବାହ କରି ଲକ୍ଷ ଲକ୍ଷ ଟଙ୍କା ଲୁଟିବାର ଏକ ମଜାଦାର ଖବର ସାମ୍ନାକୁ ଆସିଛି। ନବମ ଥର ବିବାହ କରିବାକୁ ଯାଉଥିବାବେଳେ ପୁଲିସ ଏହି ମହିଳାଙ୍କୁ ଗିରଫ କରିଛି। ପୂର୍ବରୁ ସେ ୮ଥର ବିବାହ କରି ଧନୀ ସମ୍ପତ୍ତି ଲୁଟି ଫେରାର ହେଇ ଯାଉଥିଲେ। ସେଥିପାଇଁ ଏହି ମହିଳାଙ୍କୁ 'ଲୁଟେରୀ କନ୍ୟା' କୁହାଯାଉଛି। ଏହି ଧୂର୍ତ୍ତ ମହିଳାଙ୍କ ନାମ ସମୀରା ଫାତିମା। ଗତ ୧୫ ବର୍ଷ ମଧ୍ୟରେ ୮ଜଣଙ୍କୁ ବିବାହ କରି ଠକିବା ପରେ ୯ମ ବିବାହ ପାଇଁ ସେ ଜୋରସୋରରେ ପ୍ରସ୍ତୁତି ଚଳାଇଥିଲେ। ସେ ବିବାହ କରିଥିବା ସ୍ୱାମୀମାନଙ୍କୁ ବ୍ଲାକମେଲ କରି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଥିଲା। ଏ ନେଇ ପୁଲିସ ମାମଲା ରୁଜୁ କରିଛି ଓ ତଦନ୍ତ ମଧ୍ୟ ଆରମ୍ଭ କରିଛି। ସମୀରା ଏକ ଗ୍ୟାଙ୍ଗ୍ ସହ ଜଡ଼ିତ ଥିଲା। ସେ ଉଚ୍ଚ ଶିକ୍ଷିତା। ଶିକ୍ଷୟିତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରୁଥିଲା। ସେ ମୁସଲମାନ ସମ୍ପ୍ରଦାୟର ବିବାହିତ ଧନୀ ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ସହଜରେ ନିଜର ସ୍ୱାର୍ଥ ସାଧନ କରୁଥିଲା। ସେ ୫୦ ଲକ୍ଷ ଟଙ୍କା ଲୁଟି ଥିବା ଜଣେ ତା'ର କଥା ପୂର୍ବତନ ସ୍ୱାମୀ ଅଭିଯୋଗ କରିଛନ୍ତି। ନଗଦ ଓ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ସେ ଏହି ଟଙ୍କା ଆଦାୟ କରିଥିଲା। ରିଜର୍ଭ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ସେ ଲୁଟି ଥିଲା। ସମୀରା ବିଭିନ୍ନ ମାଟ୍ରିମୋନିଆଲ ୱେବ୍‌ସାଇଟ୍, ସାମାଜିକ ଗଣମାଧ୍ୟମ ଆୟୁଧ କରି ଧନୀଙ୍କୁ ନିଜର ଭାବନାତ୍ମକ କାହାଣୀ କହି ଲୁଟ୍‌ର ଜାଲ ବିଛାଉ ଥିଲା। ସେ ନିଜକୁ ଜଣେ ଛାଡ଼ପତ୍ର ପାଇଥିବା ମହିଳା ଓ ଏକ ସନ୍ତାନର ଜନନୀ ବୋଲି କହି ବିବାହିତ ବ୍ୟକ୍ତିମାନଙ୍କଠାରୁ ସହାନୁଭୂତି ଓ ଅନୁକମ୍ପା ହାସଲ ପାଇଁ ପ୍ରୟାସ କରୁଥିଲା। ଏପରି କହି ବିଶ୍ୱାସ ଜିତୁଥିଲା। ପରେ ବିବାର କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇ ପଳାଉ ଥିଲା। ପୂର୍ବରୁ ଥରେ ସେ ନିଜକୁ ମିଛରେ ଗର୍ଭବତୀ ବୋଲି ଦର୍ଶାଇ ଗିରଫକୁ ଏଡାଇ ଦେଇଥିଲା। କିନ୍ତୁ ଶେଷରେ ଗତ ୨୯ରେ ଗିରଫ ହେବା ପରେ ତା'ର ସବୁ ଚାଲ୍ ଧରାପଡ଼ିଯାଇଥିଲା।

ସକାଳ THE SAKALA
ଶନିବାର ୨ ଅଗଷ୍ଟ, ୨୦୨୫



# ବାଂଲାଦେଶ ନକ୍ସାରେ ଓଡ଼ିଶା ସମେତ ଭାରତର ୭ ରାଜ୍ୟ

ନୂଆଦିଲ୍ଲୀ, ୧।୮ (ସମିସ): ଢ଼ାକା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ପ୍ରଦର୍ଶନୀରେ ଓଡ଼ିଶା ସମେତ ଭାରତର ୭ ରାଜ୍ୟକୁ ବାଂଲାଦେଶ ନକ୍ସାରେ ପ୍ରଦର୍ଶିତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ପଡ଼ୋଶୀ ଦେଶର ଏପରି ଆସ୍ପର୍ଦ୍ଧା ବିରୋଧରେ କେନ୍ଦ୍ର ସରକାର ତୁରନ୍ତ ସ୍ପଷ୍ଟୀକରଣ ଦେବାକୁ ମଧ୍ୟ ସଂସଦରେ ଦାବି କରିଛନ୍ତି ।

ସୂଚନା ଅନୁସାରେ ତୁର୍କୀର ଏକ ସ୍ୱେଚ୍ଛାସେବୀ ସଂସ୍ଥା ତୁର୍କୀ ୟୁଥ ଫେଡ଼େରେସନ ସହଯୋଗରେ ବାଂଲାଦେଶରେ କାର୍ଯ୍ୟ କରୁଥିବା ସୁଲତନତ୍ ଏ ବାଂଲା ନାମକ ସଂଗଠନ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ରଖିଛି । ଏହି ସଂଗଠନ ଭାରତର ୭ଟି ରାଜ୍ୟକୁ ବାଂଲାଦେଶର ଅଂଶବିଶେଷ ବୋଲି ବିଭିନ୍ନ ସମୟରେ ଦାବି କରି ଆସୁଛି । ଅନ୍ୟପକ୍ଷରେ ଗତ ଡ଼ିସେମ୍ବର ମାସରେ ବାଂଲାଦେଶର ଆନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସଙ୍କ ପରାମର୍ଶଦାତା ମହଫୁଜ ଆଲମ ବାଂଲାଦେଶର ଏକ ଭୁଲ ନକ୍ସା ପୋଷ୍ଟ କରିଥିଲେ । ଏଥିରେ ସେ ପଶ୍ଚିମବଙ୍ଗ, ତ୍ରିପୁରା, ଆସାମର କିଛି ଅଂଶକୁ ବାଂଲାଦେଶର ଅଂଶବିଶେଷ ବୋଲି ଦାବି କରିଥିଲେ । ମାତ୍ର ବିବାଦ ବଢ଼ିବା ପରେ ସେ ଏହାକୁ ଡ଼ିଲିଟ୍ କରି ଦେଇଥିଲେ । ମାତ୍ର ଦୁଇମାସ ତଳେ ଢ଼ାକା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରଦର୍ଶନୀରେ ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ତ୍ରିପୁରା, ଝାଡ଼ଖଣ୍ଡ, ବିହାର, ଓଡ଼ିଶାକୁ ବାଂଲାଦେଶର ଅଂଶ ବୋଲି ଦର୍ଶାଯାଇ ପ୍ରଦର୍ଶିତ ନକ୍ସା ଏବେ ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ।

### ସରକାରଙ୍କୁ ଘେରିଲେ ବିରୋଧୀ

ଅନ୍ୟପକ୍ଷରେ ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କର ଏ ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଏହି ନକ୍ସା ତଥାକଥିତ ପୁରୁଣା ବଙ୍ଗଳା ସୁଲତାନତ୍‌ର ଏକ ସନ୍ଦର୍ଭ ଆଧାରରେ ଏକ ଐତିହାସିକ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା । କେନ୍ଦ୍ର ସରକାର ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଓ ସମସ୍ତ ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ବାଂଲାଦେଶ ସରକାରଙ୍କ ତଥ୍ୟ ଅନୁସନ୍ଧାନ ପ୍ଲାଟଫର୍ମ 'ବାଂଲାଫେକ୍ଟ' ଅନୁସାରେ ବାଂଲାଦେଶରେ ସଲ୍‌ତନତ୍ ଏ ବାଂଲା ସଂଗଠନର କୌଣସି ପ୍ରମାଣ ନାହିଁ ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି ।

# ବିଧାନସଭା ଆଗରେ ଗର୍ଜିଲେ ସିଆରପିସିଏମ୍




ଭୁବନେଶ୍ୱର, ୧।୮ (ସମିସ): ଇନ୍‌ସେନଟିଭ୍ ବନ୍ଦ କରି ମାସିକ ୧୦ ହଜାର ଟଙ୍କା ବେତନ ପ୍ରଦାନ, ଭି.ଆର୍.ଏଫ୍ କାମ ବାବଦକୁ ୫ ହଜାର ଟଙ୍କା ପାରିଶ୍ରମିକ ଓ ଅନ୍‌ଲାଇନ୍ କାମ, ଫୋନ୍ ବିଲ୍ ଏବଂ ଟିଏ-ଡିଏ ବାବଦକୁ ୩ ହଜାର ଟଙ୍କା ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ ଭଳି ମୋଟ ୮ ଦଫା ଦାବି ନେଇ ମିଶନ୍ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆର୍‌ପି.ସିଏମ୍. ଆସୋସିଏସନ୍ ଆଜି ବିଧାନସଭା ଆଗରେ ଗର୍ଜିଛି । ଭାରତୀୟ ମଜଦୁର ସଂଘ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୋସିଏସନ୍‌ର ହଜାରହଜାର କର୍ମକର୍ତ୍ତା ଏକ ବିଶାଳ ଶୋଭାଯାତ୍ରାରେ ଲୋୟର୍ ପିଏମ୍‌ଜି ନିକଟରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା ।

ଆସୋସିଏସନ୍ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ସିଆର୍‌ପି.ସିଏମ୍. କର୍ମଚାରୀମାନେ ଦୀର୍ଘବର୍ଷ ଧରି ସୁଚାରୁରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି । ତୃଣମୂଳସ୍ତରର ମହିଳାମାନଙ୍କୁ ନେଇ ଏସ୍‌ଏଚ୍‌ଜି ଗଠନ କରି ସେମାନେ ଓଡ଼ିଶା ସାରା ଲକ୍ଷପତି ଦିଦି ସୃଷ୍ଟି କରୁଥିବା ବେଳେ ନିଜେ ଆର୍ଥିକ ସମସ୍ୟାରେ ନିଷ୍ପେସିତ । ସେମାନଙ୍କ କଥା କେହି ବୁଝୁନାହାନ୍ତି । ତେଣୁ, ଯଥାଶୀଘ୍ର ସେମାନଙ୍କ ଦାବିଗୁଡ଼ିକ ପୂରଣ କରିବା ପାଇଁ ସେମାନେ ଦାବି କରିଥିଲେ । ଏହି ପ୍ରତିବାଦ ସଭାରେ ଭାରତୀୟ ମଜଦୁର ସଂଘର ଉପଦେଷ୍ଟା ବସନ୍ତ କୁମାର ସାହୁ, ସଭାନେତ୍ରୀ ଲକି ହୋତା, ସାଧାରଣ ସମ୍ପାଦିକା ତୁଳସୀ ହନ୍ତାଳ, ବିଜୟଲକ୍ଷ୍ମୀ ପରିଜାଙ୍କ ସମେତ ବିଭିନ୍ନ ଜିଲ୍ଲାର କର୍ମକର୍ତାମାନେ ଯୋଗ ଦେଇଥିଲେ । ପରେ ସଂଘର ପାଞ୍ଚଜଣିଆ ଏକ ପ୍ରତିନିଧିମଣ୍ଡଳୀ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ ।

**ଏଲ୍‌ଏଏସ୍‌ଆଇ ରିପୋର୍ଟ**

# ଓଡ଼ିଶାରେ କମ୍ ଓଜନର ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ସର୍ବାଧିକ



**୬.୪% ବୃଦ୍ଧ ବର୍ଷରେ ଦିନକୁ ଥରୁଟିଏ ବି ପେଟପୁରା ଖାଇବାକୁ ପାଇନାହାନ୍ତି**

**୬୦ ବର୍ଷ ବୟସର ୩୫.୬% ଲୋକ ହୃଦରୋଗ, ଉଚ୍ଚ ରକ୍ତଚାପ, ମଧୁମେହରେ ପୀଡିତ**

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତର ପ୍ରାୟ ୭୦ ପ୍ରତିଶତ ବୟସ୍କ ଆର୍ଥିକ ଭାବରେ ନିର୍ଭରଶୀଳ । ଏଥିରେ ଅନେକ ବୃଦ୍ଧବୃଦ୍ଧା ଅବସର ପରେ ମଧ୍ୟ ଜୀବିକା ନିର୍ବାହ ପାଇଁ କାମ କରିଚାଲିଥାନ୍ତି । ଏକ ନୂତନ ରିପୋର୍ଟରୁ ଏହି ସୂଚନା ସାମ୍ନାକୁ ଆସିଛି । ତେବେ ରିପୋର୍ଟରେ ଏକ ତଥ୍ୟ ରହିଛି ଯାହା ବିଚଳିତ କରିବା ଭଳି । ଓଡିଶାରେ କମ୍ ଓଜନର ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ସର୍ବାଧିକ ରହିଥିବା ଏଥିରେ କୁହାଯାଇଛି ।

'ଭାରତରେ ବୟସ୍କ ବୟସ୍କତା: ଚ୍ୟାଲେଞ୍ଜ ଏବଂ ସୁଯୋଗ' ଶୀର୍ଷକ ଅଧ୍ୟୟନ ଶୀର୍ଷକ 'ସଂକଳ୍ପ ଫାଉଣ୍ଡେସନ' ଦ୍ୱାରା ନୀତି ଆୟୋଗ, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଜାତୀୟ ମାନବାଧିକାର କମିଶନଙ୍କ ସହଭାଗିତାରେ ପ୍ରକାଶିତ ହୋଇଛି । ଏହି ରିପୋର୍ଟ ଭାରତରେ ଅଧିକ ବୟସ୍କତା ଅଧ୍ୟୟନ (ଏଲ୍‌ଏଏସ୍‌ଆଇ) ର ନିଷ୍କର୍ଷ ଉପରେ ଆଧାରିତ, ଯାହା ଭାରତର ଦ୍ରୁତ ବୟସ୍କ ଜନସଂଖ୍ୟାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରୁଛି । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଉନ୍ନତ ଜୀବନକାଳ ସତ୍ତ୍ୱେ, ଅନେକ ଭାରତୀୟ ବୟସ୍କ ଆର୍ଥିକ ଏବଂ ସ୍ୱାସ୍ଥ୍ୟ ଅସୁରକ୍ଷା ସହିତ ବଞ୍ଚୁଛନ୍ତି । ଓଡିଶାରେ ୩୭.୧ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କର ଓଜନ୍ ଆବଶ୍ୟକତାଠାରୁ କମ୍ ରହିଛି । ଦେଶରେ କମ୍ ଓଜନର ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଓଡ଼ିଶାରେ ସର୍ବାଧିକ ଥିବା ରିପୋର୍ଟରେ କୁହାଯାଇଛି । ଓଡ଼ିଶା ପଛକୁ ଉତ୍ତର ପ୍ରଦେଶ ୩୬.୬ ପ୍ରତିଶତ କମ ଓଜନର ବୃଦ୍ଧବୃଦ୍ଧାଙ୍କ ରହିଥିବାବେଳେ ଦାଦ୍ରା ଏବଂ ନଗର ହାଭେଲିରେ ୪୦.୧ ପ୍ରତିଶତ ସହ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ମଧ୍ୟରେ ଏହା ସର୍ବାଧିକ ଥିଲା । ରିପୋର୍ଟରେ କୁହାଯାଇଛି ଯେ ପ୍ରାୟ ୬.୪ ପ୍ରତିଶତ ବୃଦ୍ଧ ବ୍ୟକ୍ତିଗତ ବର୍ଷ ଅତି କମ୍ରେ ଦିନରେ ଥରେ ବି ପେଟପୁରା ଖାଇବାକୁ ପାଇନାହାନ୍ତି । ଆହୁରିମଧ୍ୟ ୫.୬ ପ୍ରବୟସ୍କ ତିଶତ ଖାଦ୍ୟ ନ ଖାଇ ଭୋକିଲା ରହିଥିଲେ ଏବଂ ୪.୨ ପ୍ରତିଶତ ଗତ ବର୍ଷ ଅତି କମରେ ଥରେ ପୂରା ଦିନ ପାଇଁ କିଛି ଖାଇବାକୁ ପାଇ ନ ଥିଲେ ।

ଅପରପକ୍ଷେ ଅଧିକ ଓଜନର ବୟସ୍କଙ୍କ ସଂଖ୍ୟା ଦୃଷ୍ଟିରୁ ପଞ୍ଜାବ ୨୮ ପ୍ରତିଶତ ସହ ସର୍ବାଗ୍ରେ ରହିଥିବାବେଳେ ଚଣ୍ଡିଗଡ଼ ୨୧.୫ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛି । ୬୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ୩୫.୬% ଲୋକ ହୃଦରୋଗ, ୩୨% ଉଚ୍ଚ ରକ୍ତଚାପ ଏବଂ ୧୩.୨%ତ ମଧୁମେହରେ ପୀଡିତ ଥିବା ଜଣାପଡିଛି । ଗୋଆ ଏବଂ କେରଳରେ ହୃଦରୋଗ ହାର ସର୍ବାଧିକ (୬୦% ଏବଂ ୫୭%), ଯେତେବେଳେ କି କେରଳରେ ସର୍ବାଧିକ ୩୫%, ପୁଡୁଚେରୀ ୨୮% ଏବଂ ଦିଲ୍ଲୀରେ ୨୬% ରହିଛି । ହାଡ଼ ଏବଂ ସନ୍ଧି ସମସ୍ୟା ମଧ୍ୟ ଚିନ୍ତାର ବିଷୟ। ୧୯% ବୃଦ୍ଧ ବ୍ୟକ୍ତି ଏହି ପ୍ରକାରର ସମସ୍ୟାରେ ପୀଡିତ । ୩୦% ବୟସ୍କଙ୍କ ମଧ୍ୟରେ ମାନସିକ ଅବସାଦର ଲକ୍ଷଣ ଦେଖାଯାଉଛି ।

# ବିଷ ପିଇ ଜୀବନ ହାରିଲେ ଚାଷୀ

କଣ୍ଟାବାଞ୍ଜି, ୧।୮ (ସମିସ): ମୁଣ୍ଡ ଉପରେ କରଜ ବୋଝ ସାଙ୍ଗକୁ ଚାଷ କାର୍ଯ୍ୟ ଭଲ ନ ହେବାରୁ ଜଣେ ଚାଷୀ ଆଜି ନିଜ ଜମିରେ ବିଷ ପିଇ ଜୀବନ ହାରିଛନ୍ତି । ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ମୁରିବାହାଲ ବ୍ଲକ୍ ଡଙ୍ଗରପଡ଼ା ପଞ୍ଚାୟତର ଦନ୍ଦରା ଗାଁରେ ଆଜି ଏହି ଦୁଃଖଦ ଘଟଣା ଘଟିଛି । ମୃତ ଚାଷୀଜଣଙ୍କ ହେଲେ, ଗ୍ରାମର ରାଜ କୁମାର ପାତ୍ର । ସେ ଆଜି ବିଲକୁ ଯାଇଥିବା ବେଳେ ସେଠାରେ ବିଷ ପିଇ ଦେଇଥିଲେ । ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା । ସେମାନେ ଖୋଜାଖୋଜି କରିବା ପରେ ରାଜକୁମାର ବିଲରେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ପରିବାରଲୋକେ ସଙ୍ଗେସଙ୍ଗେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ସୂଚନାନୁଯାୟୀ, ରାଜ କୁମାର ଧାରକରଜ କରି ଚାଷ କାର୍ଯ୍ୟ କରିଥିଲେ । କିନ୍ତୁ ଏଥର ତାଙ୍କ ଚାଷବାସ ଭଲ ନ ହେବାରୁ ଋଣ ଟଙ୍କା କିପରି ଶୁଝିବେ, ସେନେଇ ଚିନ୍ତାରେ ଥିଲେ ।

# ଅଗଷ୍ଟ ୧୫ ଯାଏଁ ଇଗ୍ନୋ ନାମଲେଖା

ଭୁବନେଶ୍ୱର,୧।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜୁଲାଇ ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ନାମଲେଖା ସହ ପୁନଃ ପଞ୍ଜୀକରଣ କରିପାରିବେ ଆଶାୟୀ । ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷାରୁ ବଞ୍ଚିତ ପ୍ରାର୍ଥୀମାନେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପଢ଼ିପାରିବେ । ସ୍ନାତକରେ କଳା, ବିଜ୍ଞାନ ଓ ବାଣିଜ୍ୟ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ଫି' ଛାଡ଼ କରାଯାଇଛି । ଇଚ୍ଛୁକ ପ୍ରାର୍ଥୀମାନେ ଇଗ୍ନୋ ୱେବସାଇଟ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି ।

# ଜେଲ୍ ଗଲେ ସହକାରୀ ଯନ୍ତ୍ରୀ

**ଆୟଠାରୁ ୨୧୩ ପ୍ରତିଶତ ଅଧିକ ସଂପତ୍ତି**

ଭୁବନେଶ୍ୱର,୧।୮ (ସମିସ): ଭାଗୀଦାରିରେ ସମ୍ପତ୍ତି ଠୁଳ କରି ଭିଜିଲାନ୍ସ ସ୍କାନରକୁ ଆସିଥିବା ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ଗିରଫ ହୋଇଛନ୍ତି । ଲଗାତାର ୪ର୍ଥ ଦିନରେ ଚଢ଼ଉ ପରେ ତାଙ୍କୁ ଗିରଫ କରାଯାଇଛି । ଚନ୍ଦକା ଶିଳ୍ପାଞ୍ଚଳରେ ଶ୍ରୀ ପଣ୍ଡାଙ୍କର ଆଉ ଏକ ୪ ମହଲା କୋଠା ଠାବ ହୋଇଛି । ୪ଦିନ ଚଢ଼ଉ କରି ଭିଜିଲାନ୍ସ ଟିମ୍ ମୋଟ ୩ଟି କୋଠାଘର, ୭ଟି ଫ୍ଲାଟ୍, ଉତ୍କଳ କନିକା ଗ୍ୟାଲେରିଆ, ସିମ୍ଫୋନୀ ଓ ଡିଏଲ୍‌ଏଫ୍ ସାଇବର୍ ସିଟିରେ ୪ଟି ବାଣିଜ୍ୟିକ ଆଉଟଲେଟ୍ ଠାବ କରିଛି । ଏଥିସହ ୯ଟି ପ୍ଲଟ୍, ୨କୋଟି ୪୩ଲକ୍ଷର ବ୍ୟାଙ୍କ ଜମା, ୧୨୬ଗ୍ରାମର ସୁନାଗହଣା, ୧୨୭ ଗ୍ରାମ ରୁପା ଅଳଙ୍କାର, ଗୋଟିଏ କାର ଜବତ କରିଛି । ଶ୍ରୀ ପଣ୍ଡାଙ୍କଠାରୁ ଠାବ ସଂପତ୍ତି ତାଙ୍କ ଆୟଠାରୁ ୨୧୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ କହିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢ଼ଉ କରିଥିଲା ଭିଜିଲାନ୍ସ । ନୀଳାଦ୍ରି ବିହାରରେ ଗୋଟିଏ ୩ ମହଲା କୋଠା, କସ୍ମୋପଲିସ୍ ଆପାର୍ଟମେଣ୍ଟରେ ଫ୍ଲାଟ୍, ଗ୍ୟାଲେରିଆ ଏବଂ ସିମ୍ଫୋନୀ ମଲରେ ୨ଟି ଦୋକାନ ଘର, ୭୫ଲକ୍ଷ ଟଙ୍କା ଜମା ଠାବ ହୋଇଥିଲା । ଏଥିସହ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ୧୩ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟ ଠାବ କରିଥିଲା ଭିଜିଲାନ୍ସ । ଏହାବ୍ୟତୀତ ଦୁଇପିଲାଙ୍କ ପାଠପଢ଼ାରେ ପ୍ରାୟ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା ।

# ୧୪ ସନ୍ଦିଗ୍ଧଙ୍କୁ ଉଠାଇନେଲା ଜମ୍ବୁ ପୁଲିସ



ମହାକାଳପଡ଼ା, ୧।୮ (ସମିସ): ଜମ୍ବୁ ସାମୁଦ୍ରିକ ଥାନା ପୁଲିସ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ରାମନଗର ବଜାରରୁ ୧୪ ସନ୍ଦିଗ୍ଧଙ୍କୁ ଉଠାଇ ନେଇଛି । ଗୁରୁବାର ରାତିରେ ଏମାନେ ରାମନଗର ବଜାରରେ ପହଞ୍ଚିଥିଲେ । ସେମାନଙ୍କ ବେଶଭୂଷା, କଥାବାର୍ତ୍ତା ଶୁଣି ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ପୁଲିସକୁ ସୂଚନା ଦେଇଥିଲେ । ଜମ୍ବୁ ପୁଲିସ ସେଠାରେ ପହଞ୍ଚି ସେମାନଙ୍କ ପରିଚୟ ଯାଞ୍ଚ କରିବା ପାଇଁ ସେମାନଙ୍କୁ ଥାନାକୁ ନେଇଥିଲା । ସଂଦିଗ୍ଧ ବ୍ୟକ୍ତିମାନେ ହେଲେ, ମହମ୍ମଦ ଅଲତାଲିଫ, ମହମ୍ମଦ ଲତିଫ, ମହମ୍ମଦ ସରକୁର, ମହମ୍ମଦ ଫାରୁକ, ମହତାବ ଆଲମ, ସାହେବ ଆଲମ, ମେହେବୁବ ଆଲମ, ମହମ୍ମଦ ଜନାରୁଦ୍ଦିନ, ଜିଆ ଉଲ ହକ, ଅବଦୁଲ ରହିମ, ମୁରସିଦା ଆଲମ, ଅଲଫିର ହୁସେନ । ସେମାନଙ୍କ ଘର ବିହାରରେ ଏବଂ ଧାନଚାଷରେ ମଜୁରିଆ ଭାବେ କାମ କରିବାକୁ ସେମାନେ ଏଠାକୁ ଆସିଥିବା ପୁଲିସ୍‌କୁ କହିଛନ୍ତି । ଆଜି ସେମାନଙ୍କୁ ସାମୁଦ୍ରିକ ଥାନାରୁ କେନ୍ଦ୍ରାପଡ଼ା ନିଆଯାଇଥିବା ଥାନାଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି । ଏସ୍‌ଟିଏଫ୍ ଟିମ୍ ତଦନ୍ତ କଲେ ସେମାନଙ୍କ ଅସଲ ପରିଚୟ ଜଣାପଡ଼ିବ ବୋଲି କୁହାଯାଉଛି । ବଙ୍ଗ ଭାଷାଭାଷୀ ଅଧ୍ୟୁଷିତ ମହାକାଳପଡ଼ା ବ୍ଲକ୍‌ର ରାମନଗର, ଜମ୍ବୁ, ସୁନୀତି, ଖରିନାସୀ, ବତୀଘର ଆଦି ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ନିତିଦିନ ଦେଖିବାକୁ ମିଳୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି ।

**ମହାନଦୀ ଜଳ ବିବାଦ**

# ଆପୋସ ସମାଧାନ ପାଇଁ ସବୁ ଦଳ ଏକାଠି

ଭୁବନେଶ୍ୱର,୧।୮ (ସମିସ): ମହାନଦୀ ଜଳବିବାଦର ସମାଧାନ ନିମନ୍ତେ ଆଜି ସବୁ ରାଜନୈତିକ ଦଳକୁ ନେଇ ଅନୁଷ୍ଠିତ ହୋଇଛି ଏକ ବୈଠକ । ଏହି ବୈଠକରେ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇ ଏହି ବିବାଦରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି । ଏହା ସହ ବାସ୍ତବରେ ଯଦି ରାଜ୍ୟ ସରକାର ଏହାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ଚାହାନ୍ତି, ତେବେ ତୁରନ୍ତ ରାଜ୍ୟର ସମସ୍ତ ରାଜନୈତିକ ଦଳ, ନଦୀ ଆନ୍ଦୋଳନର କର୍ମକର୍ତ୍ତା, ନଦୀ ବିଶେଷଜ୍ଞ, ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଡାକିବାକୁ ବୈଠକରେ ପ୍ରସ୍ତାବ ଦେଇଛନ୍ତି । ଅଣମୌସୁମୀ ସମୟରେ ଓଡ଼ିଶାକୁ ଜଳପ୍ରବାହ ଅବ୍ୟାହତ ରଖିବା ଓ ମହାନଦୀ ଏହାର ଅବବାହିକା ର ସୁରକ୍ଷା ପାଇଁ ରିଭରବୋର୍ଡ଼୍ ଗଠନ ନିମନ୍ତେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

**ତୁରନ୍ତ ହସ୍ତକ୍ଷେପ କରନ୍ତୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ**

**ରାଜ୍ୟବାସୀଙ୍କୁ ବିଶ୍ୱାସକୁ ନିଅନ୍ତୁ ଓଡ଼ିଶା ସରକାର**

**ବିଶେଷଜ୍ଞ ଓ ରାଜନୈତିକ ଦଳର ବୈଠକ ଡାକନ୍ତୁ**

ଏହି ବୈଠକରେ ଜଳ ବିବାଦର ଆପୋଷ ସମାଧାନ ପାଇଁ ଏକ ବୈଷୟିକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ, କେନ୍ଦ୍ର ତଥା କେନ୍ଦ୍ରୀୟ ଜଳ ଆୟୋଗକୁ ପ୍ରଦାନ କରାଯିବାର ନିଷ୍ପତି ନିଆଯିବା ସହ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି । ଏଥିରେ ଜଳ ସମ୍ପଦ ବିଭାଗର ପୂର୍ବତନ ସଚିବ ଡ ଅରବିନ୍ଦ ବେହେରା, ପୂର୍ବତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପଞ୍ଚାନନ କାନୁନଗୋ, ପ୍ରସାଦ ହରିଚନ୍ଦନ, ବିଧାୟକ ଗଣେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ଜଗଦେବ, ଡ ଜୟକୃଷ୍ଣ ପାଣିଗ୍ରାହୀ, ଡ ଶୁଭ୍ରାଂଶୁ ରାୟ, ଦେବୀ ପୃଷ୍ଟି, ଅନିଲ ଧୀର୍, ପ୍ରହଲ୍ଲାଦ ସିଂ, ଅଶୋକ ଦାସ ପ୍ରମୁଖ ସଭ୍ୟ ଭାବରେ ରହିଥିବା ବେଳେ ସୁଦର୍ଶନ ଦାସ ଏହାର ଆବାହକ ଅଛନ୍ତି ।

ଅନ୍ୟପକ୍ଷରେ ମହାନଦୀ ସୁରକ୍ଷା ପାଇଁ ସାମାଜିକ ସଂଗଠନ, ନଦୀ ଆନ୍ଦୋଳନର କର୍ମୀ, ବିଶେଷଜ୍ଞ ମାନଙ୍କ ସହିତ ବୈଠକ ଆୟୋଜନ କରିବାର ନିଷ୍ପତି ନିଆଯାଇଛି । ଏହା ସହ ଓଡ଼ିଶାରେ ମହାନଦୀ ପ୍ରବେଶ କରିଥିବା ସ୍ଥାନ ସୁଖାସୋଡ଼ାଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଏକ ନଦୀ ଯାତ୍ରା ମଧ୍ୟ ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି । ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଜେଡି ବିଧାୟକ ଡ ଅରୁଣ କୁମାର ସାହୁ ଓ ଗଣେଶ୍ୱର ବେହେରା, ବିଜେପି ନେତା କୃଷ୍ଣଚନ୍ଦ୍ର ଜଗଦେବ, ବାମପନ୍ଥୀ ନେତା ପ୍ରଦୀପ୍ତ ନାୟକ, ଅଶୋକ ପ୍ରଧାନ, ଜ୍ୟୋତି ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏନ୍‌ସିପି ନେତା ବିକ୍ରମ ସ୍ୱାଇଁ, ଆରଜେଡି ନେତା ହେମନ୍ତ କୁମାର, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶିବାନନ୍ଦ ରାୟ, ଇ ମନୋରଞ୍ଜନ ମିଶ୍ର, ନିରୁପମା ପାତ୍ର, ବାସୁଦେବ ଭଟ୍ଟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

**■ ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ଦେବା ଘଟଣା**

# ଯାଞ୍ଚ ହେବ ସବୁ କର୍ମଚାରୀଙ୍କ ପରିସ୍ରା ନମୁନା

ମୋହନା, ୧।୮ (ସମିସ): ଗଜପତି ଜିଲ୍ଲା ଆର୍. ଉଦୟଗିରି ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ପିଅନ ପରିସ୍ରା ପିଆଇବା ଘଟଣାକୁ ନେଇ ପୁଲିସ୍ ଆଜି ତନାଘନା କରିଛି । ଉଭୟ ଅଭିଯୋଗକାରୀ ଯନ୍ତ୍ରୀ ସଚିନ ଗୌଡ଼ ଓ ପିଅନ ଶିବନାରାୟଣ ନାୟକଙ୍କୁ ପୁଲିସ୍ ଆଜି ପଚରାଉଚରା କରିଛି । ତେବେ ପଚରାଉଚରା ପରେ ପୁଲିସ୍ ଅଭିଯୁକ୍ତ ଶିବନାରାୟଣଙ୍କୁ ଗିରଫ କରିବା ସହ ପିଆର୍ ବଣ୍ଡ ୪୧ରେ ଛାଡ଼ି ଦେଇଛି । ତେବେ, ଏହି ଘଟଣାରେ ଆରଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟରେ ଥିବା ସମସ୍ତ କର୍ମଚାରୀଙ୍କ ପରିସ୍ରା ନମୁନା ପରୀକ୍ଷା କରାଯିବ ବୋଲି ଜଣାଯାଇଛି । ଏହା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ସୁରେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

**ଗିରଫ ପରେ ପି.ଆର୍ ବଣ୍ଡରେ ପିଅନଙ୍କୁ ଛାଡ଼ିଲା ପୁଲିସ**

ସୂଚନାଯୋଗ୍ୟ, ଗତ ୨୨ତାରିଖ ଦିନ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ ଗୌଡ଼ ଆର୍.ଉଦୟଗିରି ଆରଡବ୍ଲୁଏସଏସ୍ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ । ୨୩ ତାରିଖ ରାତିରେ ଯନ୍ତ୍ରୀ ତାଙ୍କ ବାସଭବନରେ ଖାଇସାରିବା ପରେ ପିଅନ ଶିବଙ୍କୁ ପାଣି ମାଗିଥିଲେ । ଶିବ ଗୋଟିଏ ଷ୍ଟିଲ ବୋତଲରେ ପାଣି ଆଣି ସଚିନ୍‌ଙ୍କୁ ଦେଇଥିଲେ । ତେବେ ସଚିନ୍ ପିଇବା ପରେ ତାହା ପରିସ୍ରା ବୋଲି ଜାଣିବାକୁ ପାଇଥିଲେ । ତେଣୁ ତାହାକୁ ଆରଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟରେ ଥିବା ଲାବ୍‌ରେ ପରୀକ୍ଷା କରିଥିଲେ । ତାହା ପରିସ୍ରା ବୋଲି ସ୍ପଷ୍ଟ ହୋଇଥିଲା । ତେଣୁ ଏ ବାବଦରେ କାର୍ଯ୍ୟାନୁଷ୍ଠାନ ଦେବା ପାଇଁ ସଚିନ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । କିନ୍ତୁ କୌଣସି ପଦକ୍ଷେପ ନିଆନଯିବାରୁ ସେ ବୁଧବାର ଆର.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ ।

## ଆସିପାରିଲାନି ଆମ୍ବୁଲାନ୍ସ

# ଅଧାବାଟରେ ପ୍ରସବ କଲେ ମହିଳା



କୋକସରା,୧।୭ (ସମିସ): ରାଜ୍ୟରେ ଜନନୀ ଯନ୍ତ୍ରଣା ଥମିବାର ନାଁ ନେଉନାହିଁ । କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ପଞ୍ଚାୟତର ସର୍ଗିପାନୀ ଗାଁରୁ ପୁଣି ଏଭଳି ଏକ ଚିତ୍ର ସାମ୍ନାକୁ ଆସିଛି । ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଗର୍ଭବତୀଙ୍କୁ ଖଟିଆରେ ବୋହି ବୋହି ନେବା ବେଳେ ମହିଳାଜଣଙ୍କ ବାଟରେ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି ।

ସୂଚନାନୁଯାୟୀ, ସର୍ଗିପାନୀ ଗାଁର ଚକ୍ର ସାନ୍ତାଙ୍କ ସ୍ତ୍ରୀ ହିରାମଣୀ ସାନ୍ତା (୨୬) ଙ୍କ ଶୁକ୍ରବାର ଗର୍ଭବେଦନା ହୋଇଥିଲା । ଘରଲୋକଙ୍କଠାରୁ ଖବର ପାଇ ଆଶାକର୍ମୀ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । କିନ୍ତୁ ଖରାପ ରାସ୍ତା ଯୋଗୁଁ ଗାଁ ପର୍ଯନ୍ତ ଆମ୍ବୁଲାନ୍ସ ଆସିପାରିନଥିଲା । ଅଧାରାସ୍ତାରେ ଅଟକି ରହିଥିଲା । ତେଣୁ, ହୀରାମଣିଙ୍କୁ ତାଙ୍କ ପରିବାରଲୋକ ଓ ଆଶାର୍କମୀ ପ୍ରାୟ ୩କିମି ଦୂର ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଖଟିଆରେ ବୋହି ବୋହି ନେବାକୁ ସ୍ଥିର କରିଥିଲେ । କିନ୍ତୁ ଏହି ସମୟରେ ଅଧାବାଟରେ ହିରାମଣୀଙ୍କ ପ୍ରସବ ହୋଇଯାଇଥିଲା । ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ପରେ ମା', ଶିଶୁକୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଉଭୟ ମା' ଓ ନବଜାତ ଶିଶୁପୁତ୍ର ସୁସ୍ଥ ଥିବା ଜଣାପଡ଼ିଛି ।

କୋକସରା ବ୍ଲକର ଆମପାଣି ପଞ୍ଚାୟତର ଉପାନ୍ତ ସର୍ଗିପାନୀ ଗାଁ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି । ଏହି ଗାଁକୁ ଯିବାକୁ ହେଲେ ଭଲ ରାସ୍ତା ନାହିଁ । ତେଣୁ ରାସ୍ତା ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନ ପାଖରେ ଗାଁ ଲୋକେ ବାରମ୍ବାର ଦାବି କରିଆସୁଛନ୍ତି । ହେଲେ ରାସ୍ତା ମରାମତି ଦିଗରେ ଜଙ୍ଗଲ ବିଭାଗ ବାଧା ସାଜୁଥିବାରୁ ତାହା ସମାଧାନ ହୋଇପାରୁନାହିଁ । ରାସ୍ତା ନଥିବା କାରଣରୁ ପୂର୍ବରୁ ମଧ୍ୟ ଆମପାଣି ପଞ୍ଚାୟତର ଉପାନ୍ତରେ ଥିବା ଗାଁଗୁଡ଼ିକରୁ ରୋଗୀ ଓ ଗର୍ଭବତୀ ଖଟିଆରେ ବୁହାହେବାର ନଜିର ରହିଛି । ଏ ସଂପର୍କରେ କୋକସରା ବିଡିଓ ହିମାଞ୍ଚଳ ମାଝୀ କହିଛନ୍ତି, ସଂରକ୍ଷିତ ଅଞ୍ଚଳ ହୋଇଥିବାରୁ ରାସ୍ତା ନିର୍ମାଣରେ ବାଧକ ସୃଷ୍ଟି ହେଉଛି ।

**୩ କିମି ଖଟିଆରେ ବୁହାହେଲେ ଗର୍ଭବତୀ**

# ମା'କୁ ୮ କିମି କାନ୍ଧରେ ବୋହି ମେଡ଼ିକାଲ ନେଲେ

ବାଲିଗୁଡ଼ା, ୧।୮ (ସମିସ): ମା'କୁ ସାପ କାମୁଡ଼ିଲା । ଆମ୍ବୁଲାନ୍ସକୁ ଫୋନ୍ କଲେ । କିନ୍ତୁ ଗାଁକୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସିଲାନି । ତେଣୁ, ଅନ୍ୟନ୍ୟୋପାୟ ହୋଇ ମା'କୁ କାନ୍ଧରେ ବୋହି ୮କିମି ଦୂର ମେଡିକାଲରେ ଭର୍ତ୍ତି କରାଇଲେ । ହେଲେ ସବୁ ପରିଶ୍ରମ ନିରର୍ଥକ ହୋଇଗଲା । ପୁଅ-ଝିଅଙ୍କ ଆଖି ଆଗରେ ମା'ର ଜୀବନ ଚାଲିଗଲା । କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକ୍ ମୁଣ୍ଡିଗଡ଼ ପଞ୍ଚାୟତ ତେରଲାଙ୍ଗୀ ଗ୍ରାମ ଡୁମେରିପଡ଼ାରେ ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି । ମୃତ ମହିଳା ହେଲେ, ବଡ଼ ମାଡୁ । ତୁମୁଡ଼ିବନ୍ଧ ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ।

**ସାପ କାମୁଡ଼ାରେ ଚାଲିଗଲା ମା'ର ଜୀବନ**

ସୂଚନାନୁସାରେ, ବଡ଼ ମାଡୁ ଦୀର୍ଘ ଦିନ ତଳୁ ତାଙ୍କର ସ୍ୱାମୀଙ୍କୁ ହରାଇଛନ୍ତି । ଗୁରୁବାର ଘର ପାଖ ବଗିଚାରେ ସେ କାମ କରୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା । ଏହା ଦେଖି ପାଖରେ ଥିବା ତାଙ୍କର ପୁଅ ଓ ଝିଅ ତାଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସକୁ ଡାକିଥିଲେ । କିନ୍ତୁ ଗାଁକୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସି ପାରିଲାନି । ତେଣୁ, ଉପାୟଶୂନ୍ୟ ହୋଇ କାନ୍ଧରେ ମା'କୁ ୮କିମି ବୋହିବୋହି ତୁମୁଡ଼ିବନ୍ଧ ଡାକ୍ତରଖାନାରେ ପହଞ୍ଚାଇଥିଲେ ପୁଅ-ଝିଅ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲିଗୁଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । କିନ୍ତୁ ଗୁରୁବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।



# ଶିକ୍ଷକଙ୍କ ମାଡ଼ରେ ୨ ଛାତ୍ରଛାତ୍ରୀ ଗୁରୁତର

ଅନୁଗୋଳ/ବଇଣ୍ଡା, ୧।୮ (ସମିସ):

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡ଼ା ପଞ୍ଚାୟତ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବୀରେନ୍ଦ୍ର ବେହେରାଙ୍କ ମାଡ଼ରେ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ଗୁରୁତର ହୋଇଛନ୍ତି। ଏହାର ପ୍ରତିବାଦରେ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଶିକ୍ଷକ ବେହେରା ଅନେକ ସମୟରେ ଛାତ୍ରୀଛାତ୍ରଙ୍କୁ କୌଣସି କାରଣ ନ ଥାଇ ମାଡ଼ ମାରୁଛନ୍ତି। ଗୁରୁବାର ଛାତ୍ରୀ ସ୍ୱାଗତିଆ ପ୍ରଧାନ ଓ ଛାତ୍ର ତୋଫାନ ସାହୁଙ୍କୁ କୌଣସି କାରଣ ନ ଥାଇ ପ୍ରବଳ ମାଡ଼ ମାରିଛନ୍ତି। ଏକ ବାଡ଼ିରେ ବୀରେନ୍ଦ୍ର ସେମାନଙ୍କୁ ମାଡ଼ ମାରିବାରୁ ଗୁରୁତର ହୋଇପଡ଼ିଛନ୍ତି। ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ଚିହ୍ନ ବସିଥିବା ବେଳେ ଶୁକ୍ରବାର ସକାଳେ

**● ପ୍ରତିବାଦରେ ଅଭିଭାବକଙ୍କ ଆନ୍ଦୋଳନ**
**● ବିଇଓଙ୍କୁ ଅଭିଯୋଗ**

ଉଭୟ ଛାତ୍ରୀଛାତ୍ରଙ୍କୁ ଜ୍ୱର ହୋଇଯାଇଥିଲା। ଏଥିସହ ଆଉ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବେନାହିଁ ବୋଲି ସେମାନେ ପରିବାର ଲୋକଙ୍କୁ କହିଥିଲେ। ଏହି ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଅଭିଭାବକମାନେ ଆସି ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଏ ନେଇ ଅଭିଯୋଗ କରିଥିଲେ। ପରେ ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ସହ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଶିକ୍ଷକ ବୀରେନ୍ଦ୍ରଙ୍କୁ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଶିକ୍ଷକ ବୀରେନ୍ଦ୍ରଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ। ଅନ୍ୟପଟେ ଶିକ୍ଷା ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଶିବାନନ୍ଦ ଧଡ଼ା କହିଛନ୍ତି।

■ ଠିକା ଶ୍ରମିକଙ୍କ ମୃତ୍ୟୁ

# ଥଇଥାନ ଦାବିରେ ପରିବାର ଲୋକଙ୍କ ଧାରଣା

ଅନୁଗୋଳ/ନାଲକୋ ନଗର, ୧।୮ (ସମିସ): ନାଲକୋ ସ୍ମେଲ୍ଟର ପ୍ଲାଣ୍ଟର ଲର୍ଡ ଇନ୍ସୁଲେସନ ପ୍ରାଇଭେଟ୍ କମ୍ପାନୀର ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ଥାନା ଆଙ୍କୁଲା ଗ୍ରାମର ଅଭୟ କୁମାର ବେହେରା (୪୯)। କ୍ଷତିପୂରଣ ପ୍ରଦାନ ଓ ଥଇଥାନ ଦାବିରେ ଅଭୟଙ୍କ ପରିବାର ଲୋକେ ଅପରାହ୍ନରେ ପ୍ଲାଣ୍ଟ ଫାଟକ ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ। ନାଲକୋ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ଯୋଗ୍ୟତା ଭିତ୍ତିରେ ପରିବାରର ଜଣଙ୍କୁ ଉକ୍ତ ଠିକାସଂସ୍ଥାରେ ନିଯୁକ୍ତି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅଭୟଙ୍କ ପରିବାର ଲୋକଙ୍କ ସୂଚନା ଅନୁଯାୟୀ ସବୁଦିନ ପରି ଶୁକ୍ରବାର ସକାଳ ୮ଟାରେ ଅଭୟ ନାଲକୋ ପ୍ଲାଣ୍ଟକୁ ଡ୍ୟୁଟି କରିବାକୁ



ବାହାରିଥିଲେ। ତେବେ ସେ ହଠାତ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ଅଭୟଙ୍କୁ ମୃତ ଘୋଷଣା କରିଥିଲେ।

## ହାତୀ ଉପଦ୍ରବରେ ବ୍ୟାପକ କ୍ଷୟକ୍ଷତି



ଖମାର, ୧।୮ (ସମିସ): ଖମାର ବନାଞ୍ଚଳ ବଡ଼ସଡ଼ା ଓ ଖମାର ପଞ୍ଚାୟତର ବିଭିନ୍ନ ଗ୍ରାମରେ ହାତୀପଲଙ୍କ ଉପଦ୍ରବ ଆରମ୍ଭ ହୋଇଯାଇଛି। ଗୁରୁବାର ରାତିରେ ଏକାଧିକ ହାତୀ ଖମାର ବନାଞ୍ଚଳର ତାମ୍ପୁର, ବାହାଡ଼ାକାନି, ପଦାପଶି ଏବଂ ତାଳବାହାଲୀ ଅଞ୍ଚଳର ପାହାଡ଼ ତଳି ଧାନବିଲରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ବର୍ତ୍ତମାନ ହାତୀପଲ ନିକଟସ୍ଥ ଜଙ୍ଗଲରେ ରହିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏହି ଅଞ୍ଚଳରୁ ହାତୀପଲଙ୍କୁ ତୁରନ୍ତ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୭ ମଦ୍ୟପ ଚାଳକ ଗିରଫ, ବାଇକ୍ ଜବତ

ବଇଣ୍ଡା, ୧।୮ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଓ ଠାକୁରଗଡ଼ ଥାନା ପୁଲିସ ଗୁରୁବାର ବିଭିନ୍ନ ସ୍ଥାନରେ ଗାଡ଼ିମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ୭ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୭ ବାଇକ ଜବତ ହୋଇଛି। ହଣ୍ଡପା ଓ ବଇଣ୍ଡା ଫାଣ୍ଡି ପୁଲିସ ମିଳିତ ଭାବେ ବଇଣ୍ଡାଠାରେ ଗାଡ଼ିମଟର ଯାଞ୍ଚ କରିଥିଲେ। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ବିଲେଇନାଳି ଗ୍ରାମର ଜିତେନ୍ଦ୍ର କୁମାର ପ୍ରଧାନ, ହଣ୍ଡପା ଅଞ୍ଚଳର ଶରତ ଦେହୁରି, ଧଉରାଗୋଠ ଗ୍ରାମର ଅଜିତ କୁମାର ଧଳ, ପଙ୍ଗାପଥର ଗ୍ରାମର ସୁନନ୍ଦା ଖିଲାର, ଠାକୁରଗଡ଼ ଥାନା ବାଲିପଟା ଗ୍ରାମର ଦିଲୀପ କୁମାର ସାହୁ, ହଣ୍ଡପା ଅଞ୍ଚଳର ବାଦଲ ବେହେରାଙ୍କୁ ଗିରଫ କରାଯାଇଛି। ସେହିପରି ଠାକୁରଗଡ଼ ଥାନା ପୁଲିସ ଠାକୁରଗଡ଼ ଅଞ୍ଚଳରେ ଗାଡ଼ି ଯାଞ୍ଚ କରିବା ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଅନୁଗୋଳ ଅଞ୍ଚଳର ସତ୍ୟବ୍ରତ ସେଠୀଙ୍କୁ ଗିରଫ କରିଛି। ସମସ୍ତଙ୍କ ବାଇକ୍ ଜବତ କରାଯିବା ସହ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଛି।

## ତାଲା ଭାଙ୍ଗି ବିଦ୍ୟାଳୟରୁ ଚୋରି

ତାଳଚେର, ୧।୮ (ସମିସ): ତାଳଚେର ବ୍ଲକ ସନ୍ଥପଡ଼ାସ୍ଥିତ ବିବେକାନନ୍ଦ ବିଦ୍ୟାମନ୍ଦିରରୁ ଗୁରୁବାର ସନ୍ଧ୍ୟାରେ ରାତ୍ର ଜଗୁଆଳି ଆସିବା ପୂର୍ବରୁ ଦୁର୍ବୃତ୍ତମାନେ ପାଚେରି ଡେଇଁ ଭିତରକୁ ପଶିବା ସହ ତାଲାଭାଙ୍ଗି ଚୋରି କରିଛନ୍ତି। ସମସ୍ତ ଚାବି, ଆସବାବପତ୍ର ଏବଂ କିଛି କାଗଜପତ୍ର ନେଇ ଫେରାର୍ ହୋଇଯାଇଥିବା ବିଦ୍ୟାଳୟ କାର୍ଯ୍ୟକାରୀ ସଭାପତି ବିଜୟ ପ୍ରଧାନ ଓ ସମ୍ପାଦକ ସହଦେବ ସାମଲ ତାଳଚେର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ପୁଲିସ୍ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀ ସମ୍ବର୍ଦ୍ଧନା

କିଶୋରନଗର, ୧।୮ (ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଧଉରାପାଲି କ୍ଲଷ୍ଟରର ପୂର୍ବତନ ସିଆରସିସି ସୁଦାମ ଚରଣ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ନୀଳୟ କୁମାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ସୁଦାମ ଚରଣ ପ୍ରଧାନଙ୍କୁ ଉତ୍ତରୀୟ, ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଦାମଙ୍କ ସହଧର୍ମିଣୀ ଭାରତୀ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ମହେଶ୍ୱର ମେହେର ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଛାତ୍ରୀମାନେ ବିଦାୟୀ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ସୁଦାମଙ୍କ ଅବସର ପରବର୍ତ୍ତୀ ସୁଖମୟ ତଥା ନିରୋଗ ଜୀବନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶିକ୍ଷକ ପ୍ରଦୀପ କୁମାର କଅଁର, ଅଜିତ୍ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସୁଜାତା ବିଶ୍ୱାଳ, ମିନତି ପ୍ରଧାନ, ସବିତା ବିଶ୍ୱାଳ, ଗୀତାଞ୍ଜଳି ପ୍ରଧାନ, ମନସ୍ୱିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ସଂଘ ବିରୋଧୀ ତଥା ବିଶୃଙ୍ଖଳିତ କାର୍ଯ୍ୟକଳାପ

# ଅନିରୁଦ୍ଧ ଦାସ ଓକିଲ ସଂଘରୁ ନିଲମ୍ବିତ

ଅନୁଗୋଳ, ୧।୮ (ସମିସ): ଅନୁଗୋଳ ଓକିଲ ସଂଘ ସଦସ୍ୟ ଅନିରୁଦ୍ଧ ଦାସଙ୍କୁ ସଂଘ ବିରୋଧୀ ତଥା ବିଶୃଙ୍ଖଳିତ କାର୍ଯ୍ୟକଳାପ ପାଇଁ ଶୁକ୍ରବାର ସଂଘରୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ, ଅନିରୁଦ୍ଧ ସହରର ବିଭିନ୍ନ ଉନ୍ନତିମୂଳକ କାମକୁ ଅଯଥାରେ ବିରୋଧ କରିଥାନ୍ତି। ପୂର୍ବରୁ ସେ ଓକିଲ ନ ଥିବା ବେଳେ ଅନୁଗୋଳ କୋର୍ଟ କୋଠା ନିର୍ମାଣ ସମୟରେ ବିନା କାରଣରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାଖଲ କରି କୋର୍ଟ କୋଠା ନିର୍ମାଣରେ ବାଧକ ସାଜିଥିଲେ। ତାଙ୍କ ମାମଲା ଯୋଗୁଁ କୋଠା ନିର୍ମାଣ ପ୍ରାୟ ଏକ ବର୍ଷ ବନ୍ଦ ହୋଇରହିଥିଲା। ଗତ ୨୬ ତାରିଖ କୋର୍ଟର



ବାର୍ ଅଫିସ କୋଠା ନିର୍ମାଣ କାର୍ଯ୍ୟରେ ମଧ୍ୟ ବାଧା ଉପୁଜାଇବା ସହ ଓକିଲ ସଂଘ ଉପ-ସଭାପତିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଓ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ତାଙ୍କର ଏହି ସଂଘ ବିରୋଧୀ କାର୍ଯ୍ୟ ଓ ବିଶୃଙ୍ଖଳିତ ଆଚରଣ ଯୋଗୁଁ ଶୁକ୍ରବାର ଅନୁଗୋଳ ବାର ଆସୋସିଏସନଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନିରୁଦ୍ଧଙ୍କୁ ସଂଘରୁ ନିଲମ୍ବନ କରାଯାଇଛି। ଏଥିସହ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଏକ କମିଟି ଗଠନ କରାଯାଇଥିବା ଓକିଲ ସଙ୍ଘ ସଭାପତି ହିମାଂଶୁ ଭୂଷଣ ସାମଲ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ପୌରପରିଷଦ ୱାର୍ଡଗୁଡ଼ିକର ନାମଫଳକ ବୋର୍ଡ ବ୍ୟବସ୍ଥା କେବେ ?




ତାଳଚେର, ୧।୮ (ସମିସ): ଟଙ୍କାର ପାହାଡ଼ ଉପରେ ଠିଆ ହୋଇଥିବା ଖଣିଜ ସମ୍ପଦଭରା ଶିଳ୍ପନଗରୀ ତାଳଚେର ପୌରପରିଷଦର ପ୍ରତ୍ୟେକ ୱାର୍ଡର ନାମଫଳକ ବୋର୍ଡ ବ୍ୟବସ୍ଥା କେବେ କରାଯିବ ତାହାକୁ ନେଇ କଳ୍ପନାଜଳ୍ପନା ବୃଦ୍ଧି ପାଉଛି। ଶିଳ୍ପନଗରୀ ତାଳଚେର ପୌରପରିଷଦ ଅଞ୍ଚଳ ଆଉ ପୂର୍ବ ଅବସ୍ଥାରେ ନାହିଁ। ଏବେ ଜୁଆଡ଼େ ଚାହିଁବ ସିଆଡ଼େ ଦୋକାନ ବଜାର ଓ ଯାନବାହାନ ସହ ଆଶାତୀତ ଭାବେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏପରିସ୍ଥଳେ ବାହାର ଲୋକଟିଏ ଏଠାକୁ ତାଙ୍କ ସମ୍ପର୍କୀୟଙ୍କ ସମ୍ପୂର୍ଣ୍ଣ ଠିକଣା ଜାଣି ନ ଥିଲେ ଖୋଜିବା ତାଙ୍କ ପକ୍ଷରେ ମୁସ୍କିଲ ହୋଇପଡୁଛି। ତାଳଚେର ପୌରପରିଷଦର ୨୧ ୱାର୍ଡକୁ ନେଇ ଗଠିତ ଏବଂ ଏହାର ପରିସୀମା ବିସ୍ତିର୍ଣ୍ଣ। ପୌରାଞ୍ଚଳ ମଧ୍ୟରେ କେଉଁଠି କେଉଁ ୱାର୍ଡ ଅବସ୍ଥିତ ତାହା ଅଜଣା ବ୍ୟକ୍ତିଙ୍କ ପକ୍ଷେ ଜାଣିବା କଷ୍ଟକର ହୋଇପଡ଼ିଥାଏ। ଏହି ସମସ୍ୟାର ସମାଧାନ ପାଇଁ ପୌରପରିଷଦ ପକ୍ଷରୁ ପୌର ସୀମାରେଖା ଆରମ୍ଭରେ ନାମ ଫଳକ ନିର୍ମାଣ କରି ସମସ୍ତ ୱାର୍ଡର ନମ୍ବର, ଅଞ୍ଚଳର ନାମ ସହ ତୀରଚିହ୍ନ ସଙ୍କେତ ଲିପିବଦ୍ଧ ଥିବା ଫଳକ ପୌରପରିଷଦ ପକ୍ଷରୁ ନିର୍ମାଣ କରାଗଲେ ବାହାର ଅଞ୍ଚଳରୁ ଆସୁଥିବା ଅଜଣା ବ୍ୟକ୍ତି ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି। ଏହି ବ୍ୟବସ୍ଥା ପୌରପରିଷଦ ପକ୍ଷରୁ କେବେ କରାଯାଉଛି ତାହା ଦେଖିବାକୁ ବାକି ରହିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଅନୁଗୋଳ, ୧।୮ (ସମିସ): ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଗନ୍ଧର୍ବ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବିଜ୍ଞାନ ହିଁ ଜୀବନକୁ ସରଳ କରିବାର ଏକମାତ୍ର ଉପାୟ ବୋଲି ସେ କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡା. ସୁଧାକର ପାଳ, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରକାଶ କୁମାର ସାହୁ, ସଦସ୍ୟ ବୁଲୁ ବେହେରା, ସଙ୍ଗୀତା ଗଡ଼ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହ ପ୍ରଧାନଆଚାର୍ଯ୍ୟ ସୁରେଶ କୁମାର ସାହୁ ବିଜ୍ଞାନ



ମେଳାର ଉଦ୍ଦେଶ୍ୟ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁବାଟିକା, ଶିଶୁ, ବାଲ୍, କିଶୋର ଓ ତରୁଣ ବର୍ଗର ମୋଟ ୫୧୨ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ଉଦ୍ଯାପନୀ ଉତ୍ସବରେ ବିଜେତା ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ମେଳା ପ୍ରମୁଖ ସଂଗ୍ରାମ କେଶରୀ ଗଡ଼ନାୟକ ମେଳାର ବୃତ୍ତ କଥନ କରିଥିଲେ।

# କାର୍ଯ୍ୟରେ ଯୋଗଦେଲେ ନୂଆ ସିଡିଏମ୍ଓ




ଅନୁଗୋଳ, ୧।୮ (ସମିସ): ଗୁରୁବାର ପୂର୍ବାହ୍ନରେ ଡା. ମଦନମୋହନ ପ୍ରଧାନ ଅନୁଗୋଳର ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ଓ) ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ପକ୍ଷରୁ ସେକ୍ସନ ଅଫିସର ନଳିନୀ ରଞ୍ଜନ ପ୍ରଧାନ, ଓମ୍ବାର ପୂର୍ବତନ ସାଧାରଣ ସମ୍ପାଦକ ଡା. ବିଶ୍ୱଜିତ୍ ସାମଲ, ଏଡିଏମଓ (ମେଡିକାଲ) ଡା. ମାନସ ରଞ୍ଜନ ବିଶ୍ୱାଳ, ଡା. ପୂର୍ଣ୍ଣିମା ଉଦଗାତା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପରେ ମେଡିକାଲ ନର୍ସିଂ କର୍ମଚାରୀ, ଏନ୍ଏଚଏମ କର୍ମଚାରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଡା. ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ରୋଗୀସେବାରେ ଆନ୍ତରିକତା ପ୍ରଦର୍ଶନ ସହ ସମୟାନୁବର୍ତ୍ତୀ ହେବାକୁ ସମସ୍ତ କର୍ମଚାରୀ ଏବଂ ଡାକ୍ତରମାନଙ୍କୁ ଡା. ପ୍ରଧାନ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବତନ ସିଡିଏମ୍ଓ ଡା. ଗୌରୀଶଙ୍କର ବଳଙ୍କ ବଦଳି ପରେ ତାଙ୍କ ସ୍ଥାନରେ ଡା. ପ୍ରଧାନଙ୍କୁ ଏଠାରେ ନିଯୁକ୍ତ କରାଯାଇଛି। ସେ ଜଣେ ମହାମାରୀ ବିଶେଷଜ୍ଞ ରୂପେ ଓଡ଼ିଶାରେ ବେଶ୍ ଜଣାଶୁଣା। ଅନୁଗୋଳ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସେ ଯଥେଷ୍ଟ ଧ୍ୟାନ ଦେବେ ବୋଲି ଜନସାଧାରଣ ଆଶା ରଖିଛନ୍ତି।

# ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ



କଣିହାଁ, ୧।୮ (ସମିସ): କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ହାତୀଆଦଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟର ୩୪୦ ଛାତ୍ରଛାତ୍ରୀଙ୍କୁ ପାଞ୍ଚଶହ ଟଙ୍କା ଲେଖାଏଁ ମୂଲ୍ୟର ଏକହଳ ଜୋତା, ମୋଜା, ପ୍ୟାଣ୍ଟ ସାର୍ଟ, ପରିଚୟପତ୍ର ଆଦି ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ବରାଳ, ବିଧାୟକଙ୍କ ପ୍ରତିନିଧି ଧ୍ରୁବଚରଣ ଧୀର, ରେଙ୍ଗାଳି ବଣିକ ସଂଘ ସଭାପତି ଶତ୍ରୁଘ୍ନ ପ୍ରଧାନ, ସାମ୍ବାଦିକ ପ୍ରଦୀପ କୁମାର ବେହେରା, ରେଙ୍ଗାଳି ସମିତି ସଭ୍ୟ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ନିତ୍ୟାନନ୍ଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁଜିତ ସାମଲ, ପ୍ରଭାତ କୁମାର ସାହୁ, ଶିକ୍ଷୟିତ୍ରୀ ସୁବାସିନୀ ପ୍ରଧାନ, ଗୀତାଞ୍ଜଳି ସେଠୀ, ସୁପ୍ରଭା ସେଠୀ, ପ୍ରଗତି ସ୍ୱାଇଁ, ସୀମା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଅନୁଗୋଳ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ବୈଠକ

ଅନୁଗୋଳ, ୧।୮ (ସମିସ): ଚଳିତ ବର୍ଷ ଗଣେଶ ପୂଜା ନିମନ୍ତେ ଅନୁଗୋଳ କେନ୍ଦ୍ରୀୟ ଗଣେଶ ପୂଜା କମିଟି ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ବଜାର ଦଶହରା ପଡ଼ିଆରେ କମିଟିର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କର୍ମକର୍ତ୍ତା ଚୟନ କରାଯାଇଛି। ବୈଠକରେ ଅନୁଗୋଳ ସହରର ୧୪ ପୂଜା କମିଟିର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ଚଳିତ ବର୍ଷ କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ଭାବେ ସୌମ୍ୟରଞ୍ଜନ ସାହୁ, ଉପସଭାପତି ଶାନ୍ତନୁ କୁମାର ସେଠୀ, ଆକାଶ ମହାରଣା,



ସମ୍ପାଦକ ଦିପୁନ କୁମାର ବେହେରା, ସହ ସମ୍ପାଦକ ରାହୁଲ ଦାସ, ଯୁଗ୍ମ ସମ୍ପାଦକ ସୁଶୀଲ ମୁଖି, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ ସାମଲଙ୍କୁ ଚୟନ କରାଯାଇଛି। ଅଗଷ୍ଟ ୨୬ରେ ପୂଜା ଆରମ୍ଭ ହୋଇ ସେପ୍ଟେମ୍ବର ୩ରେ ମେଳଣ ଓ ଭସାଣି ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଅମଲାପଡ଼ା ଗଜଲକ୍ଷ୍ମୀ ପୂଜା କମିଟି ବୈଠକ



ଅନୁଗୋଳ, ୧।୮ (ସମିସ): ଅମଲାପଡ଼ା ଗଜଲକ୍ଷ୍ମୀ ପୂଜା କମିଟିର ସାଧାରଣ ସଭା ମୁଖ୍ୟ ଉପଦେଷ୍ଟା ଶଙ୍କର ସେଠୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅମଲାପଡ଼ା ଦୁର୍ଗା ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ଆୟବ୍ୟୟ ହିସାବ ସାଙ୍ଗକୁ ୨୦୨୫ ପୂଜା ପାଇଁ ନୂତନ କାର୍ଯ୍ୟକାରିଣୀ କମିଟି ତଥା କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଶକ୍ରାଜିତ୍ ପଣ୍ଡା, ସମ୍ପାଦକ ନିରଞ୍ଜନ ସାହୁ, କୋଷାଧ୍ୟକ୍ଷ ଅସିତ କୁମାର ବେହେରା, ଉପ ସଭାପତି ଅଳକାରାଣୀ ମହାପାତ୍ର, ଭୀମସେନ ସେଠୀ, ସହସମ୍ପାଦକ ପ୍ରଭାତ କୁମାର ଦାସ, ବିଜେନ୍ଦ୍ର ବଳିୟାର, ସହ କୋଷାଧ୍ୟକ୍ଷ ଜୁଲୁ ଫିତର ଅଲ୍ଲୀ, ଅଜୟ ସାହୁ, ମୁଖ୍ୟ ଉପଦେଷ୍ଟା ଶଙ୍କର ସେଠୀ, ଉପଦେଷ୍ଟା ଭାବେ ଜୟନ୍ତ କୁମାର କର, ମୋହନ ସାମନ୍ତ, ସତ୍ୟସାଗର ସିହ୍ନାଙ୍କୁ ଚୟନ କରାଯାଇଛି। ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ଲକ୍ଷ୍ମୀପୂଜା ଆୟୋଜନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା।


# ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଶିବିର



ଅନୁଗୋଳ, ୧।୮ (ସମିସ)

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ-ସମଗ୍ର ଶିକ୍ଷା, ସାଇଟ୍ ସେଭର୍ସ ଇଣ୍ଡିଆ, ଭୁବନେଶ୍ୱର ଓ ଲେପ୍ରା ସୋସାଇଟି, ଭୁବନେଶ୍ୱର ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥିତ ସମଗ୍ରଶିକ୍ଷା ସମ୍ମିଳନୀ କକ୍ଷରେ ଜୁଲାଇ ୩୧ ଓ ଅଗଷ୍ଟ ୧ ତାରିଖ ଦୁଇଦିନ ଧରି ଦୃଷ୍ଟି ସମସ୍ୟା ଥିବା ଛାତ୍ରଛାତ୍ରୀଙ୍କ ଜିଲ୍ଲାସ୍ତରୀୟ ଚକ୍ଷୁ ପରୀକ୍ଷା ଓ ସହାୟକ ଉପକରଣ ନିର୍ଦ୍ଧାରଣ ଶିବିର ଅନୁଷ୍ଠିତ ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ମଧୁସ୍ମିତା ନନ୍ଦ, ଲୋପାମୁଦ୍ରା ପଟ୍ଟନାୟକ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ, ସାଇଟ୍ ସେଭର୍ସ ଇଣ୍ଡିଆର ଲିପିକା ମହାପାତ୍ର, ଲେପ୍ରା ସୋସାଇଟିର ଚକ୍ଷୁ ଚିକିତ୍ସକ ଭାବନା ଝା, ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ଚିକିତ୍ସା ଅଧିକାରୀ ରବିନାରାୟଣ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲ୍ଲାର ୮ ବ୍ଲକରୁ ଚକ୍ଷୁ ସମସ୍ୟା ଥିବା ୧୩୬ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହ ଯୋଗଦାନ କରି ଚକ୍ଷୁ ପରୀକ୍ଷା କରାଇଥିଲେ। ଏହି ଛାତ୍ରଛାତ୍ରୀଙ୍କ ନିମନ୍ତେ ଆବଶ୍ୟକ ସହାୟକ ଉପକରଣଗୁଡ଼ିକୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ-ସମଗ୍ର ଶିକ୍ଷା ତରଫରୁ କ୍ରୟକରି ପରବର୍ତ୍ତୀ ସମୟରେ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଅନୁଗୋଳ ବ୍ଲକରେ କାର୍ଯ୍ୟ କରୁଥିବା ଅନ୍ତର୍ନିବେଶୀ ଶିକ୍ଷା ଗୋଷ୍ଠୀ ସାଧନ କର୍ମୀ ରଘୁନାଥ ବାରିକ ଓ ପତିତପାବନ ବାଡ଼ିଆ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ଓ ପରୀକ୍ଷା ନିରୀକ୍ଷାରେ ସହଯୋଗ କରିଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ତିନା, ଡନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

## ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ଜଗନ୍ନାଥ ଦର୍ଶନ



କଣିହାଁ,୧।୮ (ସମିସ): ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍କ ଅବନୀକାନ୍ତ ସାହୁ ଶୁକ୍ରବାର ପୁରୀ ଗସ୍ତକରି ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଡ଼ ଠାକୁର ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିସହ ଜଗତର କଲ୍ୟାଣ ପାଇଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସହ କଣିହାଁ ବ୍ଲକର ସାମ୍ବାଦିକ, ଯୁବଗୋଷ୍ଠୀ, ବିଭିନ୍ନ ଗ୍ରାମର ମନ୍ଦିର କମିଟି ସଭାପତି, ସମ୍ପାଦକ, ସହସମ୍ପାଦକ, ଯୁବକ ସଂଘ ସଭାପତି, ସମ୍ପାଦକ ଓ ବହୁ ସମାଜସେବୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। କଣିହାଁ ବ୍ଲକର ବିକାଶ କାର୍ଯ୍ୟ କେମିତି ଆଗକୁ ବଢ଼ିବ ସେ ବିଷୟରେ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଆଲୋଚନା କରିଥିଲେ। ଯୋଗ୍ୟ ହିତାଧିକାରୀ ଯେପରି ପ୍ରଧାନମନ୍ତ୍ରୀ ଗରିବ ଅନ୍ନ କଲ୍ୟାଣ ଯୋଜନାରେ ରାସନ୍ କାର୍ଡରେ ମିଳୁଥିବା ଚାଉଳରୁ ବଞ୍ଚିତ ନ ରହନ୍ତି ସେ ଦିଗରେ ପଦକ୍ଷେପ ନିଆଯିବ। ସେହିପରି ବାର୍ଦ୍ଧକ୍ୟ ଭତ୍ତା, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧବୃଦ୍ଧା, ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗମାନଙ୍କୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୩୫୦୦ ଟଙ୍କା ମିଳୁଛି। ଏହି ଯୋଜନାରୁ ଯଦି କୌଣସି ହିତାଧିକାରୀ ବଞ୍ଚିତ ଅଛନ୍ତି ତେବେ ତାଙ୍କ ନଜରକୁ ଆଣିବା ପାଇଁ ଅଧ୍ୟକ୍ଷ କହିଛନ୍ତି। ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍କ ସାହୁଙ୍କ ସହ ନାରୀନେତ୍ରୀ ରଶ୍ମିତା ବେହେରା, ରୀନାରାଣୀ ସାହୁ, ସମାଜସେବୀ କୈଳାସ ଚନ୍ଦ୍ର ସାହୁ, କୃପାସିନ୍ଧୁ ସାହୁ, ଝସକେତନ ସାହୁ, ଜିତେନ୍ଦ୍ର ବିଶ୍ୱାଳ, ଘଣ୍ଟିଆନାଳି ଗ୍ରାମର ମୁନା ବାବୁ, ଯୁଗଳ ମହାନ୍ତି, ରବି ମହାନ୍ତି, ବାବୁଲା ଶତପଥୀ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ପରିଡ଼ା, ବରିଷ୍ଠ ଆଇନଜୀବୀ ଅମୂଲ୍ୟ ସାହୁ, ରେଙ୍ଗାଲିର ପୂର୍ଣ୍ଣ ମହାନ୍ତି, ରାହାସ ବିହାରୀ ସାମଲଙ୍କ ସହ ବହୁ ବରିଷ୍ଠ ନାଗରିକ ପୁରୀ ଗସ୍ତ କରିଥିଲେ।

## ପୁରୁଣା ପେନସନ ଦାବିରେ ସ୍ମାରକପତ୍ର

ଅନୁଗୋଳ,୧।୮ (ସମିସ)




ନୂତନ ପେନସନ ଯୋଜନା ଓ ଏକିକୃତ ପେନସନ ଯୋଜନାକୁ ବାତିଲ କରି ପୁରୁଣା ପେନସନ ଯୋଜନା କାର୍ଯ୍ୟକାରୀ କରିବା ଦାବିରେ ଶୁକ୍ରବାର ରାଜ୍ୟର ୩୨ ବିଭାଗର ହଜାର ହଜାର ଏନ୍‌ପିଏସ କର୍ମଚାରୀ ପ୍ରତିବାଦ କରିଛନ୍ତି। ଅନୁଗୋଳରେ କର୍ମଚାରୀ ସଂଘ ସଭାପତି ମୀନକେତନ ମହାପାତ୍ର ଏବଂ ସମ୍ପାଦକ ଦେବାନନ୍ଦ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚି ନୂତନ ପେନସନ ଯୋଜନା ବାତିଲ କରିବା ପାଇଁ ଦାବି କରିଥିଲେ। ସେମାନେ ପୁରୁଣା ପେନସନ ଯୋଜନା ଲାଗୁ କରିବାକୁ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏନ୍‌ପିଏସ କର୍ମଚାରୀମାନେ ଏବେ ୨୦୦୦ରୁ ୨୫୦୦ ଟଙ୍କା ଭିତରେ ପେନସନ ପାଉଛନ୍ତି। ଏଥିରେ ସାମାଜିକ ସୁରକ୍ଷା ସମ୍ଭବ ହୋଇ ପାରୁନାହିଁ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନ୍ୟାସନାଲ ପେନସନ ସିଷ୍ଟମ ଜାଗାରେ ୟୁପିଏସ ପ୍ରଚଳନ କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ଏହାଦ୍ୱାରା କର୍ମଚାରୀମାନେ ବହୁ କ୍ଷତି ସହିବେ। ଏଣୁ କର୍ମଚାରୀ ବିରୋଧୀ ନୀତିକୁ ପରିହାର କରି ପୁରୁଣା ପେନସନ ଲାଗୁ ନ କଲେ କର୍ମଚାରୀମାନେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ପ୍ରଶାନ୍ତ ପୃଷ୍ଟି, ମିନତି ମିଶ୍ର, ରତ୍ନପ୍ରଭା ରଥ, ଦିଲୀପ ସାହୁ, ଲଳିତ ବେହେରା, ସୁଶୀଲ ପ୍ରଧାନ, ପ୍ରାଣବନ୍ଧୁ ସାହୁ, ପ୍ରଭାତ ସେଠୀ, ମାନସ ରଞ୍ଜନ ସାହୁଙ୍କ ସମେତ ବହୁ କର୍ମଚାରୀ ନେତା ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ପ୍ରଶମନ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ



ଅନୁଗୋଳ,୧।୮ (ସମିସ): ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ୨ ଦିନିଆ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ କର୍ମଶାଳା ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଯୋଗଦେଇ ବିପର୍ଯ୍ୟୟ ସମୟରେ ପଞ୍ଚାୟତର ଭୂମିକା, ଦାୟିତ୍ୱ ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଜିଲ୍ଲା ପଞ୍ଚାୟତ ଅଧିକାରିଣୀ ଚିନ୍ମୟୀ ସାମନ୍ତରାୟଙ୍କ ସମେତ ସ୍ୱେଚ୍ଛାସେବୀ ସଂଗଠନର ପ୍ରଶିକ୍ଷକ ଏବଂ ୪୦ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା କର୍ମଶାଳାକୁ ପରିଚାଳନା କରିଥିଲେ।

## ବଅଁରପାଳ ହାଇସ୍କୁଲରେ ଆଇନ ସଚେତନତା ଶିବିର



ବଅଁରପାଳ,୧।୮ (ସମିସ): ସ୍ଥାନୀୟ ପାଞ୍ଚଗଡ଼ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜେଏମଏଫସି କୋର୍ଟ ତଥା ତାଲୁକ ଆଇନ ସେବା କମିଟି ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଚାରପତି ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ସାବିତ୍ରୀ ଦାସ, କମିଟି ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ, ଆଇନଜୀବୀ ଶୁଭ୍ରଜିତ ବିଶୋଇ, ଥାନାର ମହିଳା ଅଧିକାରୀ ଅର୍ଚ୍ଚନା ନାୟକ ଯୋଗଦେଇ ଶିଶୁମାନଙ୍କର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ ଓ ଜୁଭେନାଇଲ ଜଷ୍ଟିସ କେୟାର ଆଣ୍ଡ ପ୍ରୋଟେକ୍ସନ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ନଦୀପଠାରୁ ଗଳିତ ମୃତଦେହ ଉଦ୍ଧାର

ପାଲଲହଡ଼ା,୧।୮ (ସମିସ): ପାଲଲହଡ଼ା ଥାନା ପବିତ୍ରପୁର ପଞ୍ଚାୟତ ସନବାଗଦାରୀ ଗାଁ ନଦୀପଠାରୁ ଏକ ଅଜଣା ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗତ କିଛିଦିନ ଲଗାଣ ବର୍ଷା ଫଳରେ ମୃତଦେହଟି ବଢ଼ି ପାଣିରେ ଭାସି ଆସିଥିବା ଅନୁମାନ କରାଯାଉଛି। ପୁଲିସ ଏ ନେଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ କହିଛନ୍ତି।

## ଚୋରି ଅଭିଯୋଗରେ ୩ ଗିରଫ

କଣିହାଁ,୧।୮ (ସମିସ): ଲୁହା ରଡ୍ ଚୋରି ଅଭିଯୋଗରେ କଣିହାଁ ବ୍ଲକ ରେଙ୍ଗାଳି ଥାନା ପୁଲିସ ଶୁକ୍ରବାର ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଜ୍ରକୋଟ ଗ୍ରାମ ଝରାସାହିର ଲିପୁନ ବେହେରା (୨୦), ବାଦଲ ବେହେରା (୧୯) ଓ ପ୍ରକାଶ ବେହେରା (୨୨)। ବଜ୍ରକୋଟ ଗ୍ରାମରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପରୁ କିଛି ଲୁହା ରଡ଼ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏହାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଥିବା ଆଇଆଇସି ଜୟନ୍ତ ମହାନ୍ତି ସୂଚନା ଦେଇଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ୨ ଗିରଫ

ଛେଣ୍ଡିପଦା,୧।୮ (ସମିସ): ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ବଡ଼କେରଜାଙ୍ଗ ଗାଁରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡ଼ କେରଜାଙ୍ଗର ପ୍ରତାପ ପ୍ରଧାନ ଓ ଶେଷଦେବ ପ୍ରଧାନ। ଅଭିଯୋଗ ଅନୁଯାୟୀ, ବଡ଼ କେରଜାଙ୍ଗର ଛବି ରାଉତ ସବୁଦିନ ପରି ପୱନ ଅଗ୍ରୱାଲାଙ୍କ ଫାର୍ମହାଉସରେ କାମ କରୁଥିଲେ। ଏହି ସମୟରେ ସେହି ଗାଁର ପ୍ରତାପ ପ୍ରଧାନ, ଶେଷଦେବ ପ୍ରଧାନ, ସନ୍ତୋଷ ପ୍ରଧାନ ଓ ଜଙ୍ଗଲ ଜାମୁଣ୍ଡା ଗାଁର କୁନ୍ଥୁ ବେହେରା ପ୍ରମୁଖ ତାଙ୍କୁ ବାଡ଼ି, ଲୁହାରଡ୍, ଛୁରୀ ଆଦି ଦେଖାଇ ମାରପିଟ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରବଳ ମାଡ଼ ଯୋଗୁଁ ଛବି ବେହୋସ ହୋଇଯାଇଥିଲେ। ସେ ମରିଯାଇଥିବା ଭାବି ଅଭିଯୁକ୍ତମାନେ ଛାଡ଼ି ପଳାଇଥିଲେ। ଛବି ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ପ୍ରତାପ ଓ ଶେଷଦେବଙ୍କୁ ଗିରଫ କରିଛି।

## ଚୋରି କାର୍ ଉଦ୍ଧାର; ୩ ଗିରଫ

ତାଳଚେର,୧।୮ (ସମିସ): ତାଳଚେର ଥାନା ବହ୍ଲର ଗ୍ରାମର ସୁଜିତ୍ କୁମାର ସିଂଙ୍କ କାର ତାଙ୍କ ଘର ନିକଟରେ ଥିବା ରବି ଇଞ୍ଜିନିୟରିଂ ଦୋକାନ ସାମ୍ନାରେ ପାର୍କିଂ କରିଥିଲେ। ମାତ୍ର ଗତ ଜୁଲାଇ ୧୯ ତାରିଖ ସକାଳେ ତାଙ୍କ କାର ସେଠାରେ ନ ଥିବା ଦେଖିଥିଲେ। ବହୁ ଖୋଜା ଖୋଜି ପରେ କାର ନ ମିଳିବାରୁ ସେ ତାଳଚେର ଥାନାରେ ଅଭିଯୋଗ ଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବାରେ ସନ୍ଥପଡ଼ା ଗ୍ରାମର ରାହୁଲ ଧୀର, ବାଲେଶ୍ୱରର ସନିଆ ଓରଫ ଖଗେନ୍ଦ୍ର ଜେନା ଓ ସମଲ ଅଞ୍ଚଳର ଦିଲୁ ଓରଫ ପ୍ରଦୀପ ସାମଲଙ୍କୁ ଜେରା କରିଥିଲା। ସେମାନେ କାର ଚୋରି କରିଥିବା ସ୍ୱୀକାର କରିଥିଲେ। ପୁଲିସ ସମସ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ହୋଇଥିବା କାର, ଗୋଟିଏ ମାଷ୍ଟର ଚାବି ଓ ଗୋଟିଏ ମୋବାଇଲ ଜବତ କରିଛି। ଅଭିଯୁକ୍ତ ରାହୁଲ ଧୀର ନାମରେ ତାଳଚେର ଥାନାରେ ୪ଟି ମାମଲା ଥିବାବେଳେ ସନିଆ ନାମରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଯୁବକଙ୍କୁ ଅପହରଣ କରି ମରଣାନ୍ତକ ଆକ୍ରମଣ

**ଜଣେ ଗିରଫ**

ଛେଣ୍ଡିପଦା,୧।୮ (ସମିସ): ବନ୍ଧୁକ ଚୋରି କରିଥିବା ସନ୍ଦେହରେ ଅନୁଗୋଳ ଜିଲ୍ଲା ଜଳତାପ ଗାଁର ଜଣେ ଯୁବକଙ୍କୁ ଅପହରଣ କରି ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଜଳତାପ ଗାଁର ଧୁଳିଆ ଗଡ଼ନାୟକ କୋଶଳାରେ ଟ୍ରାକ୍ଟର ଚାଳକ ଭାବେ କାମ କରନ୍ତି। ଗତ ବୁଧବାର ରାତି ୮ଟାରେ କାମ ସାରି ଧୁଳିଆ କୋଶଳାରୁ ଜଳତାପ ଯାଉଥିବା ବେଳେ ସେହି ଗାଁର ବନମାଳୀ ଗଡ଼ନାୟକ ଓ ସୁମନ ସିଂ ତାଙ୍କୁ ଅଟକାଇ ଜୋରଜବରଦସ୍ତ ଏକ ବାଇକ୍‌ରେ ଜଙ୍ଗଲ ଭିତରକୁ ନେଇଯାଇଥିଲେ। ସେଠାରେ ବନମାଳୀ ଓ ସୁମନ ଧୁଳିଆଙ୍କ ବେକରେ ଭୁଜାଲି ଲଗାଇ ଗଳିଗୁଲଜ କରିଥିଲେ। ପରେ ଏକ ବାଡ଼ିରେ ନିସ୍ତୁକ ମାଡ଼ ମାରିଥିଲେ। ଆକ୍ରମଣରେ ଧୁଳିଆଙ୍କ ଗୋଡ଼ ଭାଙ୍ଗିଯାଇଛି। ପରେ ଅଭିଯୁକ୍ତମାନେ ତାଙ୍କୁ ବାଇକ୍‌ରେ ଆଣି ଘର ସମ୍ମୁଖରେ ଛାଡ଼ି ପଳାଇଥିଲେ। ପରିବାର ଲୋକେ ଏ ନେଇ ଟ୍ରାକ୍ଟର ମାଲିକଙ୍କୁ ଖବର ଦେବା ସହ ଧୁଳିଆଙ୍କୁ କୋଶଳା ଡାକ୍ତରଖାନା ନେଇଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଧୁଳିଆ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ବନମାଳୀ ଗଡ଼ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅବ୍ୟବସ୍ଥା ଘେରରେ ଖଙ୍କିରା ଉଚ୍ଚ ବିଦ୍ୟାଳୟ

ଗଁଦିଆ,୧।୮ (ସମିସ): ଢେଙ୍କାନାଳ ଶିକ୍ଷା ଜିଲ୍ଲା ଅନ୍ତର୍ଗତ ଖଙ୍କିରା ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏଠାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବାବେଳେ ଛାତ୍ରଛାତ୍ରୀ ସଂଖ୍ୟା ୩୭୫। ତେବେ ଏହି ବିଦ୍ୟାଳୟ ବିଭିନ୍ନ ଅବ୍ୟବସ୍ଥା ଘେରରେ ରହିଛି। ପ୍ରବଳ ବର୍ଷାରେ ଦୀର୍ଘ ୧ ମାସ ହେବ ମୁଖ୍ୟ ଫାଟକରୁ ଅଳ୍ପ ଦୂରରେ ଥିବା ପାଚେରି ଭୁଶୁଡ଼ି ପଡ଼ିଛି। ଅଦ୍ୟାବଧି ଏହାର ମରାମତି କିମ୍ବା ପୁନଃନିର୍ମାଣ କରାଯାଇ ନାହିଁ। ଆଦିବାସୀ ଓ ହରିଜନ ବହୁଳ ଅଞ୍ଚଳ ହୋଇଥିବାବେଳେ ଏହି ବିଦ୍ୟାଳୟରେ ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ରହିଛି। ତେବେ ଏହି ଛାତ୍ରୀନିବାସରେ ଆଜିପର୍ଯ୍ୟନ୍ତ ସ୍ଥାୟୀ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ଫଳରେ ଅଧିକାଂଶ ସମୟରେ ପାନୀୟଜଳ ଓ ଅନ୍ୟାନ୍ୟ କ୍ଷେତ୍ରରେ ବହୁ ସମସ୍ୟା ଉପୁଜୁଛି। ଏଥିସହ ଛାତ୍ରୀନିବାସର ଗାଧୁଆଘର ଓ ଅନ୍ୟ ଗୃହର ଛାତଫାଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସାଇକଲ ଷ୍ଟାଣ୍ଡ ନ ଥିବାରୁ ଖରା ବର୍ଷାରେ ପିଲାମଙ୍କ ସାଇକଲ ପଡ଼ିରହୁଛି। ୬ଷ୍ଠ ଓ ୭ମ ଶ୍ରେଣୀ ପାଇଁ ମାତ୍ର ୨ଜଣ ଶିକ୍ଷୟିତ୍ରୀ ଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି। ଦିର୍ଘଦିନ ଧରି କିରାଣି ଓ ପିଅନ ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟ ତରଫରୁ ଗଁଦିଆ ବିଡିଓ, ଖଙ୍କିରା ସରପଞ୍ଚ, ବ୍ଲକ୍ ଶିକ୍ଷା ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଜିଲ୍ଲାପାଳ, ଜିଲ୍ଲା ଆଦିବାସୀ ହରିଜନ କଲ୍ୟାଣ ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



**ଚାକିରିରୁ ଛଟେଇର ପ୍ରତିବାଦ**

## ଷ୍ଟ୍ରକଚର ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଆତ୍ମହତ୍ୟା ଧମକ

- ବୁଝାସୁଝା ପରେ ଖୁଣ୍ଟରୁ ଓହ୍ଲାଇଲେ କର୍ମଚାରୀ
- ୨ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହିଲା

କିଶୋରନଗର,୧।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଧଉରାପାଲ୍ଲୀ ବିଦ୍ୟୁତ୍ ଷ୍ଟ୍ରକଚରରେ କାର୍ଯ୍ୟ କରୁଥିବା ଅପରେଟର ସତ୍ୟବ୍ରତ ପ୍ରଧାନଙ୍କୁ ବିଭିନ୍ନ ଆଳ ଦେଖାଇ ୩ ମାସ ହେଲା ଚାକିରିରୁ ଛଟେଇ କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସତ୍ୟବ୍ରତ ଟ୍ରାନ୍ସଫର୍ମର ଖୁଣ୍ଟରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଖୁଣ୍ଟରେ ୨ ଘଣ୍ଟା ରହିଥିଲେ। ଫଳରେ ୨ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ ଲାଇନ କାଟିଦେଇଥିଲା। ଘଟଣାସ୍ଥଳରେ କିଶୋରନଗର ଥାନା ଆଇଆଇସି ବିଭୂତି ପ୍ରଧାନ, ହଣ୍ଡପା ଥାନା ଆଇଆଇସି ନମିତା ନାଏବ, ବିଦ୍ୟୁତ୍ ବିଭାଗ ଏସଡିଓ ଅକ୍ଷୟ ସାହୁ ଓ ବାମୁର ଦମକଳ ବାହିନୀ ପହଞ୍ଚି ସତ୍ୟବ୍ରତଙ୍କୁ ବୁଝାସୁଝା କରିବାରୁ ସେ ତଳକୁ ଓହ୍ଲାଇଥିଲେ। ପରେ ଷ୍ଟ୍ରକଚର ଅଫିସରେ ବିଭାଗୀୟ ଅଧିକାରୀ, ଉଭୟ ଥାନାର ଆଇଆଇସି ସତ୍ୟବ୍ରତଙ୍କ ସହ ଆଲୋଚନା କରିଥିଲେ। ପରେ ସତ୍ୟବ୍ରତଙ୍କୁ ପୁଲିସ କିଶୋରନଗର ଥାନାକୁ ଆଣି ଆଲୋଚନା ଜାରି ରଖିଛି।

## ମହିଳାଙ୍କଠୁ ଝାମ୍ପିନେଲେ ଭ୍ୟାନିଟି ବ୍ୟାଗ

ନାଲକୋ ନଗର,୧।୮ (ସମିସ): ନାଲକୋ ନଗର ଥାନା ଅନ୍ତର୍ଗତ ନାଲକୋ-ଅନୁଗୋଳ କେନାଲ ରୋଡ୍‌ରେ ବାଇକରେ ଆସୁଥିବା ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତ ଭ୍ୟାନିଟି ବ୍ୟାଗ ଝାମ୍ପି ନେଇଛନ୍ତି। ସୂଚନା ଅନୁଯାୟୀ, ରବିନାରାୟଣ ନାଥ ନାମକ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କ ସହ ଅନୁଗୋଳରୁ ସ୍ମେଲଟର ହାଟିଙ୍ଗକୁ ବାଇକରେ ଆସୁଥିଲେ। ଅପରାହ୍ନ ୪ଟାରେ ନୂଆସାହି କେନାଲ ବୁଲାଣିରେ ବାଇକର ଗତି କମ ଥିବା ବେଳେ ତାଙ୍କ ପଛରେ ଏକ କଳା ରଙ୍ଗର ପଲସର ବାଇକରେ ଆସୁଥିବା ଦୁଇ ଦୁର୍ବୃତ୍ତ ସ୍ତ୍ରୀଙ୍କ ଠାରୁ ଭ୍ୟାନିଟି ବ୍ୟାଗ ଝାମ୍ପିନେଇ ଦ୍ରୁତ ଗତିରେ ଚମ୍ପଟ ମାରିଥିଲେ। ବ୍ୟାଗରେ ୬ହଜାର ଟଙ୍କା ସହ କିଛି ଜରୁରୀ କାଗଜପତ୍ର ଥିଲା। ଅନ୍ୟପଟେ ବ୍ୟାଗ ଝାମ୍ପିନେବା ସମୟରେ ରବିନାରାୟଣ ଭାରସାମ୍ୟ ହରାଇ ତଳେ ପଡ଼ି ଖଣ୍ଡିଆଖାବରା ହୋଇଥିଲେ। ତେବେ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। ପୁଲିସ ଉପରେ ଭରସା ରଖୁ ନ ଥିବା ଏଭଳି ଅନେକ ଲୋକ ପୁଲିସରେ ଜଣାଇବାକୁ ପସନ୍ଦ କରୁ ନ ଥିବା ସାଧାରଣରେ ଆଲୋଚନା ହେଉଛି।

**ପାଲଲହଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ**

## ବିକାଶ କାମ ତୁରନ୍ତ ଆରମ୍ଭ କରିବାକୁ ନିଷ୍ପତ୍ତି



ପାଲଲହଡ଼ା,୧।୮ (ସମିସ): ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଦୀର୍ଘଦିନ ଧରି ବିଧାୟକ ଅଶୋକ ମହାନ୍ତି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ମଧ୍ୟରେ ଜାରି ରହିଥିବା ରାଜନୈତିକ ବୟାନବାଜି ହେତୁ ବ୍ଲକର ଉନ୍ନତିମୂଳକ କାର୍ଯ୍ୟ ଠପ ହୋଇଯାଇଥିଲା। ତେବେ ଏହି ବୈଠକରେ ବ୍ଲକର ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ ବିଗତ ଦିନରୁ ଅଟକି ରହିଥିବା ପ୍ରକଳ୍ପ ଏବଂ ବିଭିନ୍ନ ଯୋଜନା ଅନ୍ତର୍ଗତ ଗଚ୍ଛିତ ଥିବା ଟଙ୍କାର ସୁବିନିଯୋଗ କରି ନୂତନ ପ୍ରକଳ୍ପ ଆଗେଇନେବାକୁ ସ୍ଥିର କରାଯାଇଛି। ବ୍ଲକ ଅଧ୍ୟକ୍ଷା ଓ ଅନ୍ୟାନ୍ୟ ପ୍ରତିନିଧିମାନେ ଉପସ୍ଥିତ ସମସ୍ତଙ୍କ ମତାମତ ଗ୍ରହଣ କରି ଆଗାମୀ ଦିନରେ ନୂତନ ପ୍ରକଳ୍ପମାନ ଜନସାଧାରଣ ପାଇଁ ତୁରନ୍ତ ଆରମ୍ଭ କରାଯିବ ବୋଲି କହିଥିଲେ। ବୈଠକରେ ବିଡିଓ ନିଶାନ ମିଶ୍ର, ଜିପିଇଓ ବିକାଶ ସାହୁ, ଅସିଷ୍ଟାଣ୍ଟ ଇଞ୍ଜିନିୟର ପ୍ରମୋଦ ସ୍ୱାଇଁ, ଜେଇ ସଞ୍ଜୀବ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।


## ଚନ୍ଦନ କାଠ ଜବତ; ବାପପୁଅ ଗିରଫ




ତାଳଚେର,୧।୮ (ସମିସ): ଚୋରା ଚନ୍ଦନ କାଠ ରଖିଥିବା ଅଭିଯୋଗରେ ତାଳଚେର ଥାନା ପୁଲିସ ସୁନାଖଣି ଗ୍ରାମର ଭାଗୀରଥି ମହାରଣା (୫୨) ଓ ତାଙ୍କ ପୁଅ ପିଙ୍କୁ ମହାରଣା (୨୨)ଙ୍କୁ ଗିରଫ କରିଛି। ଭାଗୀରଥି ଓ ପିଙ୍କୁ ନିଜ ଘରେ ଚନ୍ଦନ କାଠ ଲୁଚାଇ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଏସ୍‌ଆଇ ତୁଷାରକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପୁଲିସର ଏକ ଟିମ ଚଢ଼ଉ କରିଥିଲା। ଭାଗୀରଥିଙ୍କ ଘରୁ ପ୍ରାୟ ୫୧.୪୪୦ କିଲୋଗ୍ରାମ ଓଜନର ଚନ୍ଦନ କାଠ ଜବତ କରାଯାଇଥିଲା। ଜବତ ଚନ୍ଦନ କାଠର ଆନୁମାନିକ ମୂଲ୍ୟ ୭ ଲକ୍ଷ ୭୧ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି। ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ସମସ୍ତେ ଗୋଟିଏ ଲକ୍ଷ୍ୟ ପୂରଣ ପାଇଁ ପାଦରେ ପାଦ ମିଳାଇ ଚାଲିବେ ତେବେ ସଫଳତା ଆପେଆପେ ଆସିଯିବ।
-ହେନେରି ଫୋର୍ଡ

## ଟଳିଲା ସୁନାମି ଆତଙ୍କ

ରୁଷର ପୂର୍ବ ଉପକୂଳ କାମ୍‌ଚାଟ୍‌କା ଉପଦ୍ୱୀପରେ ବୁଧବାର ଅନୁଭୂତ ଶକ୍ତିଶାଳୀ ଭୂମିକମ୍ପ ଏଥିମଧ୍ୟରେ ୭୨ ଘଣ୍ଟା ଅତିକ୍ରମ କରିସାରିଥିବାରୁ ସୁନାମି ଆତଙ୍କ ଅପସରିଯାଇଛି। ଏହି ଭୂମିକମ୍ପର ତୀବ୍ରତା ୮.୮ ହୋଇଥିବାରୁ ପ୍ରଶାନ୍ତ ମହାସାଗର ବେଳାଭୂମି ସଂଲଗ୍ନ ଅଞ୍ଚଳରେ ସୁନାମି ସମ୍ଭାବନା ନେଇ ସତର୍କ କରାଯାଇଥିଲା। ରୁଷ, ଜାପାନ, ଆମେରିକାର ପଶ୍ଚିମ ଉପକୂଳ ଅଞ୍ଚଳ, ଚିଲି, ଇକ୍ୱାଡର, ପେରୁ, ଫିଲିପାଇନ୍ସ, ଗୁଆମ ନ୍ୟୁଜିଲାଣ୍ଡରେ ସମ୍ଭାବ୍ୟ ସୁନାମି ଦୃଷ୍ଟିରୁ ତଟବର୍ତ୍ତୀ ଅଞ୍ଚଳରୁ ଲୋକଙ୍କୁ ନିରାପଦ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏବେ ସ୍ୱାଭାବିକତା ଫେରୁଛି। ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଅର୍ଥାତ୍ ୨୦୦୪ ଓ ୨୦୧୧ରେ ଯଥାକ୍ରମେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ଓ ଜାପାନର ହାନସୁ ଦ୍ୱୀପରେ ୯.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଗଭୀର ସମୁଦ୍ର ହୋଇଥିବାରୁ ପ୍ରଳୟଙ୍କରୀ ସୁନାମି ପ୍ରଭାବରେ ଯଥାକ୍ରମେ ୨.୫ ଲକ୍ଷ ଓ ୧୮,୪୫୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଭଳି ଏକ ମହାପ୍ରଳୟର ଅନୁଭୂତି ଲୋକଙ୍କ ମନରୁ ଲିଭିନାହିଁ। କାମ୍‌ଚାଟ୍‌କା ଉପଦ୍ୱୀପ ନିକଟବର୍ତ୍ତୀ ସମୁଦ୍ରବକ୍ଷର ୧୯.୩ କିଲୋମିଟର ଗଭୀର ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ହୋଇଥିବାରୁ ତାହାର ତୁରନ୍ତ ପ୍ରଭାବ ରୁଷର ପୂର୍ବତଟରେ ଅନୁଭୂତ ହୋଇଥିଲା। ପ୍ରାୟ ୧୩ ଫୁଟ ଉଚ୍ଚର ସୁନାମି ବା ସମୁଦ୍ର ଲହରୀ ଆସି ନିକଟସ୍ଥ ଅଞ୍ଚଳରେ ବନ୍ୟା ବିପର୍ଯ୍ୟୟ ଭଳି ପରିସ୍ଥିତି ସୃଷ୍ଟି କରିଥିଲା। କୁରିଲ ଦ୍ୱୀପପୁଞ୍ଜ ହିଁ ଥିଲା ସୁନାମିର ପ୍ରଥମ ଶିକାର। ପରବର୍ତ୍ତୀ ସମୟରେ ସୁନାମୀର ସୀମିତ ପ୍ରଭାବ ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି।

କାମଚାଟକା ଉପଦ୍ୱୀପ ରୁଷର ଏକ ଜନବହୁଳ ଅଞ୍ଚଳ ନୁହେଁ। ବହୁତ କମ୍ ଜନବସତି ଥିବାରୁ ଏହାର ଆଖପାଖ ଅଞ୍ଚଳରେ ଭୂମିକମ୍ପ ଜନିତ କ୍ଷୟକ୍ଷତି ଅପେକ୍ଷାକୃତ କମ୍। ଉଲ୍ଲେଖଯୋଗ୍ୟ କି ଏହି ଅଞ୍ଚଳରେ କ୍ରମାଗତ ଆଉ ଦୁଇଥର ଭୂମିକମ୍ପ ଅନୁଭୂତ ହୋଇଥିଲା। ତାହାର ତୀବ୍ରତା ଥିଲା ୬.୩। ରୁଷ ସରକାରୀ ମୁଖପାତ୍ରଙ୍କ ବିବରଣୀରେ କିଛି କୋଠାବାଡ଼ି ଭାଙ୍ଗିଥିବା କୁହାଯାଉଥିଲେ ମଧ୍ୟ ମୃତାହତଙ୍କ ସଂଖ୍ୟା ସୀମିତ ମନେ ହେଉଛି। ଜାପାନ ପାଣିପାଗ ବିଜ୍ଞାନ ସଂସ୍ଥା ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରାରମ୍ଭିକ ସୁନାମି ପ୍ରବାହ ସେଭଳି ଆତଙ୍କ ସୃଷ୍ଟିକାରୀ ହୋଇନଥିଲେ ମଧ୍ୟ ପରେ ସମୁଦ୍ରରୁ ଉଚ୍ଚ ଲହରୀ ମାଡ଼ି ଆସିଥିଲା। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଆଲାସ୍କା, ହାଇୱା, ଚିଲି ଓ ସୋଲମାନ ଦ୍ୱୀପପୁଞ୍ଜରେ ସୁନାମିର ପ୍ରଭାବ ଅନୁଭୂତ ହୋଇଥିଲା। ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଥିବାର ଖବର ମିଳିଛି। ଜାପାନ ସରକାର ଉପକୂଳ ଅଞ୍ଚଳରୁ ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରିଥିଲା। ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ସେନ୍‌ଡାଇ ବିମାନଘାଟିକୁ ସାମୟିକ ବନ୍ଦ ରଖାଯାଇଥିଲା। ପୂର୍ବ ଅନୁଭୂତିକୁ ଦୃଷ୍ଟିରେ ରଖି ଫୁକୁସିମା ପରମାଣୁ କେନ୍ଦ୍ରକୁ ତୁରନ୍ତ ଖାଲି କରିଦିଆଯାଇଥିଲା। ପରବର୍ତ୍ତୀ ସମୟରେ କାମଚାଟକା ଉପଦ୍ୱୀପରେ ଥିବା କ୍ଲିଚେଭସ୍କୋଏ ଆଗ୍ନେୟଗିରିରୁ ଉଦ୍‌ଗୀରଣ ହୋଇଥିଲା।

ବିଶେଷଜ୍ଞଙ୍କ ସୂତ୍ରରୁ ପ୍ରକାଶ ଯେ ରୁଷର ସୁଦୂର ପର୍ବାଞ୍ଚଳରେ ଅବସ୍ଥିତ କାମଚାଟକା ପ୍ରଶାନ୍ତ ମହାସାଗରୀୟ ଅଗ୍ନିବଳୟରେ ଅବସ୍ଥିତ। ଭୂତାତ୍ତ୍ୱିକ ଦୃଷ୍ଟିକୋଣରୁ ଅଞ୍ଚଳଟି ଭୂମିକମ୍ପ ଓ ଆଗ୍ନେୟଗିରି ଉଦ୍‌ଗୀରଣ ଦୃଷ୍ଟିରୁ ସମ୍ବେଦନଶୀଳ। ସେସ୍‌ମିକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଅପେକ୍ଷାକୃତ ହାଲୁକା ଉତ୍ତର ଆମେରିକୀୟ ପ୍ଲେଟ ଭାରି ପ୍ରଶାନ୍ତ ମହାସାଗରୀୟ ପ୍ଲେଟର ଚାପରେ ଥିବାରୁ ଏହି ଅଞ୍ଚଳରେ କ୍ରମାଗତ ଭୂମିକମ୍ପ ଓ ଉଦ୍‌ଗୀରଣ ଭଳି ବିପର୍ଯ୍ୟୟର ସମ୍ମୁଖୀନ ହେବ। ଗତିଶୀଳ ପ୍ରଶାନ୍ତ ମହାସାଗରୀୟ ପ୍ଲେଟ ପ୍ରଥମରୁ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ପ୍ରକୃତିର ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ବିଜ୍ଞାନ ଏପର୍ଯ୍ୟନ୍ତ ସମର୍ଥ ହୋଇନାହିଁ। ପରିବେଶିକ ସଂଘାତ ଓ ଯୁଦ୍ଧ ବିଭୀଷିକାର ଘନଘଟା ମନୋରମ ପ୍ରକୃତିକୁ କ୍ରମାଗତ ଭାବେ ବିପର୍ଯ୍ୟୟ ମୁହଁକୁ ଠେଲି ଦେଇଛି। ପ୍ରାକୃତିକ ସଂପଦର ଦୁରୁପଯୋଗ ମାଧ୍ୟମରେ ଶକ୍ତି ଓ ଅହଂକାରର ପ୍ରଦର୍ଶନ ପାଇଁ ଯେଉଁ ପ୍ରତିଯୋଗିତା ଚାଲିଛି ତାହାର ପରାଭବ ମନୁଷ୍ୟ ସମାଜକୁ ଭୋଗିବାକୁ ପଡ଼ିବ। ଏହି ପ୍ରବାହ ଓ ବେଗକୁ ରୋକିବା ଲାଗି ବିଶ୍ୱ ନେତୃବର୍ଗ ଯେ ଅସମର୍ଥ ତାହା ହିଁ ସାଂପ୍ରତିକ ଆନ୍ତର୍ଜାତିକ ପରିସ୍ଥିତିରୁ ସ୍ପଷ୍ଟ।

ଘଟଣାକ୍ରମକୁ ନେଇ ସମଗ୍ର ବିଶ୍ୱ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ କ୍ରେମଲିନ୍ ମୁଖପାତ୍ର ଦମିତ୍ରି ପେସକଭ୍ କହିଛନ୍ତି ଯେ ଏହି ବିପର୍ଯ୍ୟୟରେ କାହାର ମୃତ୍ୟୁ ଘଟିନାହିଁ। ଆମର ମଜଭୁତ ନିର୍ମାଣ ଶୈଳୀ କୋଠାବାଡ଼ିକୁ ଭାଙ୍ଗିବାକୁ ଦେଇନି। ଯଥେଷ୍ଟ ପୂର୍ବରୁ ଲୋକଙ୍କ ନିକଟରେ ପହଞ୍ଚିପାରିଛି ସତର୍କ ସୂଚନା। ସ୍ଥାନାନ୍ତର ପ୍ରକ୍ରିୟାରେ ସରକାରୀ ତତ୍ପରତା ପରିସ୍ଥିତିର ଉଚିତ୍ ମୁକାବିଲା କରିପାରିଛି। ସେଭେରୋ-କୁରିଲ୍‌ସ ଉତ୍ତରାଞ୍ଚଳରେ ସୁନାମି ୩ରୁ ୫ ମିଟର ଉଚ୍ଚତାରେ ଆସିଥିବାରୁ ସମଗ୍ର ଅଞ୍ଚଳରେ ବନ୍ୟା ପ୍ଲାବନର ଭ୍ରମ ସୃଷ୍ଟି କରିଥିଲା। କୁରିଲ ଦ୍ୱୀପରେ ୬.୦୭ ତୀବ୍ରତାରେ ଭୂକମ୍ପ ଅନୁଭୂତ ହୋଇଥିଲା। କାମଚାଟକା ଓ ଉତ୍ତର ଜାପାନର ମଧ୍ୟବର୍ତ୍ତୀ ସ୍ଥାନରେ ଏହି କ୍ଷତିଗ୍ରସ୍ତ ଦ୍ୱୀପ ଅବସ୍ଥିତ। ଜାର୍ମାନୀର ଭୂ-ବିଜ୍ଞାନ ଗବେଷଣା କେନ୍ଦ୍ରର ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ସୁନାମି ପ୍ରଭାବରେ ବନ୍ଦର ଓ ମାଛଧରା ଜେଟି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା କ୍ଷମତାର ଅହଂକାର ସତକୁ ସତ ମାନିବାକୁ ନାରାଜ। ପ୍ରକୃତି ଓ ପରିବେଶ ନିଜ ନିୟନ୍ତ୍ରଣରେ ରଖିବାର ଅଭୀପ୍ସାର ପରିଣତି ଯେ କେତେ ବିଷମୟ ତାହା ବୁଝିବାକୁ ମଣିଷ ନାରାଜ।

ବିଶ୍ୱର ଦଶଟି ଶକ୍ତିଶାଳୀ ଭୂମିକମ୍ପ ମଧ୍ୟରୁ ସଦ୍ୟତମ ଭୂମିକମ୍ପ ଅନ୍ୟତମ। କ୍ରମାଗତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବିଶ୍ୱବାସୀ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସଜାଗ ଓ ସତର୍କ। ଆଶ୍ୱସ୍ତିର ବିଷୟ ଯେ ସୁନାମୀର ସମ୍ଭାବ୍ୟ ବିପଦ ବିଶେଷ କିଛି କ୍ଷତି ନ ଘଟାଇ ଟଳିଯାଇଛି। କିନ୍ତୁ ଏହି ଶତାବ୍ଦୀ ଅନୁରୂପ ଦୁଇଟି ବିପଦର ସମ୍ମୁଖୀନ ହୋଇଛି। ପରିସ୍ଥିତି କିଭଳି ମୁକାବିଲା କରାଯାଇ ପାରିବ ସେ ନେଇ ଠିକିଛି ଓ ଶିଖିଛି। ପ୍ରଶାନ୍ତ ମହାସାଗରୀୟ ତଟବର୍ତ୍ତୀ ଅଞ୍ଚଳରେ ସ୍ୱାଭାବିକତା ଫେରିଆସିବା ସୁଖର କଥା।

## ଆତ୍ମଦାହର ଚେତନା ଓ ଚେତାବନୀ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଇତିହାସରୁ ଆମେ ଭୁରି ଭୁରି ପ୍ରମାଣ ପାଇଛେ ଯେ ଶାସକୀୟ ସ୍ୱେଚ୍ଛାଚାରିତା ଓ ଦମନମୂଳକ କାର୍ଯ୍ୟଧାରା ଯୋଗୁଁ ସର୍ବତ୍ର ସୃଷ୍ଟି ହେଉଥିବା ଭୟ ଓ ଆତଙ୍କ ଜନତାଙ୍କୁ ନିରବ, ନିଷ୍ପ୍ରଭ ଓ ଅବଦମିତ ରହିବାକୁ ବାଧ୍ୟ କରିଥାଏ ସତ, ମାତ୍ର ଏ ନିରବତା ହେଉଛି ସର୍ବଦା ଅଶାନ୍ତ ନିରବତା ଏବଂ ଅଶାନ୍ତ ଆତଙ୍କଗ୍ରସ୍ତ ନିରବତା ହେଉଛି ଏକ ସୁପ୍ତ ଆଗ୍ନେୟଗିରି। ଜନତାଙ୍କ ଆପାତଦୃଷ୍ଟ ଜଡ଼ତା, ଭୟବିଜଡ଼ିତ ନିରବତା ସେମାନଙ୍କ ଭିତରେ ପ୍ରସ୍ତ ପରେ ପ୍ରସ୍ତ ଜ୍ୱଳନ୍ତ ଲାର୍ଭା ସୃଷ୍ଟି କରି ଚାଲିଥାଏ। ହଠାତ୍ ଦିନେ ତାହା ଉଦ୍‌ଗୀରିତ ହୋଇ ଶାସନ ଓ ସମାଜ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କରିଦେଇଥାଏ। ଯେଉଁ ଶାସନବ୍ୟବସ୍ଥା ଜନତାଙ୍କ ନିରବତାକୁ ସେମାନଙ୍କ ଅସହାୟ ଅଥଚ ଶାନ୍ତ ଆତ୍ମସମର୍ପଣ ବୋଲି ଭାବିବାର ଭ୍ରମ କରିଥାଏ, ଶୀଘ୍ର ହେଉ ବା ବିଳମ୍ବରେ ହେଉ, ତାହା ସେହି ବିସ୍ଫୋରିତ କ୍ରୋଧର ଶିକାର ହୋଇଥାଏ।

ଦେଶ ଓ ଦଶ ନିର୍ବିଶେଷରେ ଏବେ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର, ଉଗ୍ରଜାତୀୟତାବାଦ-ସୃଷ୍ଟ ଅସୂୟା, ବିଦ୍ୱେଷ ଓ ସାଂପ୍ରଦାୟିକ ଘୃଣା ସବୁର ବିଷାକ୍ତ, ସଂକ୍ରାମକ ବାତାବରଣରେ ପ୍ରତ୍ୟେକ ଶ୍ୱାସରୁଦ୍ଧ ଅବସ୍ଥାରେ। ଅର୍ଥନୈତିକ ବୈଷମ୍ୟ, ଅସମାନତା, ପର୍ଯ୍ୟାବରଣୀୟ ଦୁଃସ୍ଥିତି ଏବଂ ଧର୍ମ-ଜାତି-ଭାଷା-ଲିଙ୍ଗ ଆଦିକୁ ନେଇ ବିଭେଦତା, ଅସହିଷ୍ଣୁତାର ବାତାବରଣରେ ସତ୍‌ସ୍ୱଭାବସଂପନ୍ନ ପ୍ରତ୍ୟେକ ମଣିଷ ମାନବ ସଭ୍ୟତାର ଭବିଷ୍ୟତ ସମ୍ପର୍କରେ ସନ୍ଦିଗ୍ଧ। ଏ ପ୍ରକାର ବିଷାକ୍ତ ବାତାବରଣକୁ ଦୀର୍ଘସ୍ଥାୟୀ କରିବାରେ ମୁଖ୍ୟ ଭୂମିକା ନେଉଥିବା ଶାସକବର୍ଗଙ୍କ ମଧ୍ୟରୁ ଅନେକ ଫାସିବାଦ ଓ ନାଜିବାଦର ଭ୍ରଷ୍ଟ ଆଦର୍ଶ, ଭ୍ରଷ୍ଟ ରାଜନୈତିକ ସାଂସ୍କୃତିକ ମୂଲ୍ୟବୋଧର ପୃଷ୍ଠପୋଷକ। ସର୍ବସାଧାରଣଙ୍କୁ ଏମିତି ଶ୍ୱାସରୁଦ୍ଧ, ସନ୍ଦିଗ୍ଧ, ସଂଶୟାଚ୍ଛନ୍ନ କରି ରଖିଲେ ହିଁ ସେମାନଙ୍କ ସ୍ୱାଧୀନ ସ୍ୱର ନିଷ୍ପ୍ରଭ ହୋଇ ପରିଶେଷରେ ସଂପୂର୍ଣ୍ଣ ଅବଦମିତ ହୋଇଯିବ -ଏହା ହେଉଛି ସବୁକାଳେ ଫାସିଷ୍ଟ ସରକାରମାନଙ୍କର ନୀତି ଓ ଆଦର୍ଶ। ଭିନ୍ନମତ, ସ୍ୱାଧୀନ ବିଚାର ଚିନ୍ତନ ଉପରେ ଏହି ଆଦର୍ଶର ପକ୍ଷଧର ଶାସକମାନଙ୍କର ଯାବତୀୟ ଆକ୍ରମଣ, ଶାସକୀୟ ଅଙ୍କୁଶ ସତ୍ତ୍ୱେ ଯଦି ଜଣେ କିଏ କେଉଁଠି ସ୍ୱର ଉତ୍ତୋଳନ କରି, ବିରୋଧିତା ପ୍ରଦର୍ଶନ କରି ସରକାରୀ ନିର୍ମମତାର ଶିକାର ହୋଇ ମୃତ୍ୟୁବରଣ କଲା କିମ୍ବା ଅନନ୍ୟୋପାୟ ହୋଇ ଆତ୍ମବିସର୍ଜନ ବା ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଲା, ତାହା କେତେବେଳେ ଯେ ଅହିଂସ କି ହିଂସାତ୍ମକ ଜନବିଦ୍ରୋହର କାରଣ ନହେବ, ତା'ର ପୂର୍ବାନୁମାନ କେହି କରିପାରିବେ ନାହିଁ। ଗଣସ୍ୱାର୍ଥ ପାଇଁ ହେଉ କିମ୍ବା ନ୍ୟାୟସମ୍ମତ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ହେଉ, ଯିଏ 'ଶହୀଦତ୍ୱ' ବରଣ କରିଥାଏ, ସିଏ ଅଚିରେ ନିର୍ଭୟତା ଓ ଗଣତାନ୍ତ୍ରିକ ସଂଗ୍ରାମର ପ୍ରତୀକ ପାଲଟି ଯାଇଥାଏ କୋଟି କୋଟି ଜନତାଙ୍କ ଆଖିରେ।

ଉତ୍ତର-ଆଫ୍ରିକାର ଛୋଟିଆ ଦେଶ ଟ୍ୟୁନିସିଆର 'ମହମ୍ମଦ ବାଉଆଜିଜି'ଙ୍କ ଉଦାହରଣ ପ୍ରଥମେ ନେବା। ଛବିଶବର୍ଷର ଗରିବ ଫଳବିକ୍ରେତା ବାଉଆଜିଜି ପ୍ରତିଦିନ ମ୍ୟୁନିସିପାଲ ଅଫିସର ସମ୍ମୁଖ ରାସ୍ତାର ଗୋଟିଏ ପାର୍ଶ୍ୱରେ ପହଞ୍ଚିଯାଇଥା'ନ୍ତି ତାଙ୍କ ଫଳଭରା ଠେଲାଗାଡ଼ି ସହିତ। ୨୦୧୦ ମସିହାର କଥା ଇଏ। ପ୍ରେସିଡେଣ୍ଟ ଜାଇନ୍ ଅଲ୍ ଆବିଡାଇନଙ୍କ ସନ୍ତ୍ରାସରେ ସମଗ୍ର ଟ୍ୟୁନିସିଆ ଆତଙ୍କଗ୍ରସ୍ତ। ବାଉଆଜିଜିଙ୍କ ଠେଲାଗାଡ଼ିଟିକୁ ପ୍ରଥମେ ରାସ୍ତା କଡ଼କୁ ଫୋପାଡ଼ି ଦେଲେ ଆବିଡାଇନଙ୍କ ରକ୍ତମୁଖା ସୁରକ୍ଷା କର୍ମୀ ଓ ପୁଲିସ୍। ତା'ପରେ ଆରମ୍ଭ ହୋଇଗଲା ତାଙ୍କ ଉପରେ ଅମାନୁଷିକ ଅତ୍ୟାଚାର। କାକୁତିମିନତି ହେଉଥା'ନ୍ତି ବାଉଆଜିଜି। ଅନୁନୟ କରୁଥା'ନ୍ତି ଲୁହ ଛଳଛଳ ଆଖିରେ ନିର୍ଦ୍ଦୟ ପୁଲିସ୍‌କୁ। କିନ୍ତୁ ପୁଲିସ୍ ଲହୁଲୁହାଣ କରି ଚାଲିଥା'ନ୍ତି ତାଙ୍କୁ ସେଇଠି ସର୍ବସାଧାରଣ ରାସ୍ତାରେ, ନିରବଦ୍ରଷ୍ଟାମାନଙ୍କ ଆଖି ଆଗରେ। ଅମାନବିକ ନିର୍ଯାତନା, ଅପମାନକୁ ଆଉ କାହିଁକି ବା ସେ ସହ୍ୟ କରିବେ? ବାଉଆଜିଜି ବାଛିନେଲେ ଭୟାନକ ଆତ୍ମବଳିଦାନର ମାର୍ଗ। ନିଜକୁ ଜାଳିଦେଲେ ସେ ସେଇ ମ୍ୟୁନିସପାଲ୍ ଅଫିସ୍ ସମ୍ମୁଖସ୍ଥ ରାସ୍ତା ଉପରେ। କିନ୍ତୁ ତାଙ୍କର 'ଆତ୍ମଦାହ' ଜଳାଇଦେଲା ଲକ୍ଷଲକ୍ଷ ଟ୍ୟୁନିସିଆ ନାଗରିକଙ୍କ ଭିତରେ ବିଦ୍ରୋହର ବହ୍ନି। ଦିନ କେତୋଟି ଭିତରେ କ୍ଷୁଦ୍ର ଟ୍ୟୁନିସିଆରେ ସବୁଠି ଜଳି ଉଠିଲା ଗଣବିକ୍ଷୋଭର ଦାବାନଳ। ଅତ୍ୟାଚାରୀ ପ୍ରେସିଡେଣ୍ଟ ଆବିଡାଇନ୍ ପଳାୟନ କଲେ ଦେଶ ଛାଡ଼ି ରାତିଅଧରେ। ବାଉଆଜିଜିଙ୍କ ଆତ୍ମଦାହ ସୂତ୍ରପାତ କଲା 'ଆରବ ବିପ୍ଳବ'- ଏକବିଂଶ ଶତାବ୍ଦୀର ପ୍ରଥମ ଦଶକର ସର୍ବପ୍ରଥମ ସଂଗଠିତ ଗଣଆନ୍ଦୋଳନ। ଏହି ବିପ୍ଳବର ଅଗ୍ନିଶିଖା ଟ୍ୟୁନିସିଆ ସୀମା ଡେଇଁ ବ୍ୟାପିଗଲା ଇଜିପଟ୍, ଲିବିୟା ଓ ୟେମେନ୍ ପର୍ଯ୍ୟନ୍ତ ଏବଂ ଗାଦିଚ୍ୟୁତ ହେଲେ ସେ ସବୁ ଦେଶର ସ୍ୱେଚ୍ଛାଚାରୀ ଶାସକମାନେ।

ଦ୍ୱିତୀୟ ଉଦାହରଣଟି ହେଉଛି ଇରାନ୍‌ର ଛାତ୍ରୀ 'ନେଦାଙ୍କର ଆତ୍ମବଳିଦାନ', ଯାହା ୨୦୦୯ ମସିହାରେ ଇରାନ୍‌ରେ ଆରମ୍ଭ ହୋଇଥିବା 'ସବୁଜ ଆନ୍ଦୋଳନ' (ଗ୍ରୀନ୍ ରିଭୋଲ୍ୟୁସନ୍)ର ବୀଜ ରୋପଣ କରିଥିଲା। ବିବାଦାସ୍ପଦ ରାଷ୍ଟ୍ରପତି ନିର୍ବାଚନର ବିରୋଧ କରି ରାଜରାସ୍ତାରେ ଅହିଂସ ବିକ୍ଷୋଭ କରୁଥିବା ଇରାନୀୟମାନଙ୍କ ମଧ୍ୟରେ ଥିଲେ ନେଦା। ସରକାରୀ ସଶସ୍ତ୍ରବାହିନୀର ଗୁଳିମାଡ଼ରେ ଟଳି ପଡ଼ିଥିଲେ ସେ। ନେଦାଙ୍କ ଶହୀଦତ୍ୱ ପରେ ଇରାନ୍‌ର ସେତେବେଳର ସରକାର ଅବଶ୍ୟ ଗାଦିଚ୍ୟୁତ ହେଲାନି, କିନ୍ତୁ ନିର୍ଭୟ ସ୍ୱରଉତ୍ତୋଳନ ଏବଂ ପ୍ରତିବାଦର ଭାବୋଦ୍ଦୀପକ ପ୍ରତୀକଟିଏ ପାଲଟିଗଲେ ସେ। ନେଦାଙ୍କ ମରଶରୀରର ପଲକହୀନ ଆଖି ଦୁଇଟି ସତେଯେପରି ମୌନତାକୁ ଆଦରି ନେଇଥିବା ଲକ୍ଷଲକ୍ଷ ଇରାନବାସୀଙ୍କୁ କହୁଥିଲା, ଯାହା ଦିନେ କହିଥିଲେ ମହାମାନବ ମହାତ୍ମା ଗାନ୍ଧୀ, 'ତୁମେ ମୋତେ ଶୃଙ୍ଖଳବଦ୍ଧ କରିପାର, ଭୟଙ୍କର ଶାରୀରିକ, ମାନସିକ ଯନ୍ତ୍ରଣା ଦେଇପାର, ମୋତେ ଗୁଳିବିଦ୍ଧ କରିପାର କିମ୍ବା କାରାରୁଦ୍ଧ କରିପାର, କିନ୍ତୁ ମୋର ମନ, ହୃଦୟ ଓ ଚେତନା ରହିବ ଅକ୍ଷତ ଓ ମୁକ୍ତ ତମର ସକଳ ନିର୍ଯାତନା, ସକଳ କୂଟଫିସାଦ ସତ୍ତ୍ୱେ'।

ଶେଷୋକ୍ତ ଉଦାହରଣଟି ହେଉଛି ୧୯୬୯ ମସିହାର ଗୋଟିଏ 'ଆତ୍ମଦାହ'ର କଥା। ଚେକୋସ୍ଲୋଭାକିଆରେ ସୋଭିଏତ୍ ଅନୁପ୍ରବେଶ ବିରୋଧରେ ରାଜଧାନୀ 'ପ୍ରେଗ୍'ରେ ସଂଘଟିତ ଜନବିକ୍ଷୋଭରେ ଯୋଗ ଦେଇଥିବା ଛାତ୍ର 'ଜନ୍ ପାଲାକ୍' ସାମ୍ରାଜ୍ୟବାଦୀ ସୋଭିଏତ୍ ସରକାର ପ୍ରତି ଦେଶବାସୀଙ୍କ ବିଦ୍ରୋହଭାବନାକୁ ତୀବ୍ରତର କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାରେ ଆତ୍ମଦାହର ପଥ ବାଛିନେଲେ। ଜନ୍‌ଙ୍କ ଆତ୍ମୋତ୍ସର୍ଗ ବ୍ୟର୍ଥ ଗଲା ନାହିଁ। ଏହା ସୋଭିଏତ୍ ଶାସନତନ୍ତ୍ର ଓ ସାମ୍ରାଜ୍ୟବାଦ ବିରୋଧରେ ପ୍ରତିବାଦ, ପ୍ରତିରୋଧର ପ୍ରତୀକରେ ପରିଣତ ହେଲା ଏବଂ 'ଭେଲ୍‌ଭେଟ୍ ବିପ୍ଳବ' (ଭେଲ୍‌ଭେଟ୍ ରିଭୋଲ୍ୟୁସନ) ର ପ୍ରେରଣା ହେଲା।

ଏ ଆଲେଖ୍ୟର ଉଦ୍ଦେଶ୍ୟଟି ସ୍ପଷ୍ଟ ଓ ସରଳ ଏବଂ ଏଥିରେ ଓତପ୍ରୋତ ହୋଇ ରହିଛି ଚେତାବନୀଟିଏ- ନୀତି ଓ ଆଦର୍ଶର ଦ୍ୱାହି ଦେଇ ସାଧାରଣ ଜନତାଙ୍କୁ ଅନ୍ଧ, ମୂକ ଓ ବଧିର କରି ରଖିବାକୁ ମସୁଧା କରୁଥିବା ସ୍ୱେଚ୍ଛାଚାରୀ ଶାସନ ଓ ଜଡ଼ ପ୍ରଶାସନ ପାଇଁ। ଚେତାବନୀଟିଏ ବି ଅଛି ଶାସନତନ୍ତ୍ରର ମୂକଦର୍ଶକ ପାଲଟି ଯାଇ ନିଜ ନିଜ ଆରାମ ବଳୟ ଭିତରେ ଜାକିଜୁକି ହୋଇ ରହିବାକୁ ଅପବିତ୍ର ପଣ କରିଥିବା ଭୀରୁ, ଭୟାଳୁମାନଙ୍କ ପାଇଁ। ଛୋଟିଆ ଅଗ୍ନିଝୁଲଟିଏ ଯେପରି ଅଗ୍ନିପ୍ରଳୟ ରଚନା କରିପାରେ, ସେମିତି ଛୋଟ ଛୋଟ ବିଦ୍ରୋହ, ପ୍ରତିବାଦ, ଛୋଟ ଛୋଟ ପ୍ରତିରୋଧ ସର୍ବବ୍ୟାପକ ଗଣଆନ୍ଦୋଳନ ସୃଷ୍ଟି କରିପାରେ। ବର୍ଷ ବର୍ଷ ଧରି କପଟାଚାରୀ ଶାସକଙ୍କ ହୀନ ଚକ୍ରାନ୍ତରେ ଅଚଳ ହୋଇ ପଡ଼ିଥିବା ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ସଚଳ, କ୍ରିୟାଶୀଳ କରି ଏକ ସକାରାତ୍ମକ, ଲୋକାଭିମୁଖି ଶାସନତନ୍ତ୍ରର ପ୍ରତିଷ୍ଠା ପାଇଁ ପଥ ପରିଷ୍କାର କରିଦେଇପାରେ। ଜଣକର 'ଆତ୍ମୋତ୍ସର୍ଗ', 'ଆତ୍ମଦାହ' ମହାବିପ୍ଳବର କାରଣ ହୋଇପାରେ। ନିର୍ବେଦତା, ସ୍ୱାର୍ଥସର୍ବସ୍ୱ ଉଦାସୀନତାକୁ ଆଦରି ନେଇଥିବା ଜନତାଙ୍କୁ ଜାଗ୍ରତ କରିଦେଇପାରେ।

ଧୃତରାଷ୍ଟ୍ରୀୟ-ଚେତନାର ଶାସକବର୍ଗ ନାନା ମିଛ ଆଦର୍ଶର ଭାଟ ପାଲଟିଯାଇଥା'ନ୍ତି ପ୍ରତି ଯୁଗରେ। ମଣିଷ ବି ଅନେକ ସମୟରେ ମରୀଚିକା-ଶାନ୍ତି ଖୋଜିଥାଏ ତା' ଚତୁର୍ଦ୍ଦିଗରେ ଅନ୍ୟାୟ, ଅନାଚାର ଓ ବ୍ୟଭିଚାର ସବୁର ନିରବଦ୍ରଷ୍ଟା ହୋଇ। ଆଜି ବୋଧହୁଏ ସେ ସମୟ ଉପନୀତ ହୋଇସାରିଲାଣି ଯେତେବେଳେ ସେ ନିରବତା, ସ୍ଥାଣୁତାର ଅର୍ଗଳିରୁ ନିଜକୁ ମୁକ୍ତ କରିବା ପାଇଁ ଗଣତାନ୍ତ୍ରିକ, ସାମ୍ବିଧାନିକ ମାର୍ଗ ଖୋଜିବାକୁ ପ୍ରୟାସ ଆରମ୍ଭ କରିଦେବ। ସେଥିପାଇଁ ଏମିତି କେତେଜଣ, ନିର୍ଭୟ-ନିର୍ଭୟା, ଅଭୟ-ଅଭୟା, ଇତିଶ୍ରୀ-ସୌମ୍ୟାଶ୍ରୀଙ୍କ 'ଶହୀଦତ୍ୱ' ତା'ପାଇଁ ପ୍ରେରଣାର ଉତ୍ସ ହେବ। ଦୁଇଶହ ବର୍ଷ ତଳେ ଇଂଲଣ୍ଡର ଅନ୍ୟତମ ଶ୍ରେଷ୍ଠ ରୋମାଣ୍ଟିକ ବିଦ୍ରୋହୀ କବି ପି.ବି. ସେଲିଙ୍କ କବିତା 'ଦି ମାସ୍କ ଅଫ ଆନାର୍କି'ର ଏଇ ପଂକ୍ତି, 'ରାଇଜ୍ ଲାଇକ୍ ଲାୟନ୍‌ସ ଆଫ୍‌ଟର ସ୍ଲମ୍ବର / ଇନ୍ ଅନ୍‌ଭାନ୍‌କ୍ୱିସେବଲ୍ ନମ୍ବର/ ସେକ୍ ୟୁଓର୍ ଚେନ୍‌ସ .../ ୟୁ ଆର ମେନି/ ଦେ ଆର୍ ଫିଓ'ର ଓଡ଼ିଆ ମର୍ମାନୁବାଦ ଏହି ପରିପ୍ରେକ୍ଷୀରେ ଅବତାରଣା କରିବା ଖୁବ୍ ପ୍ରାସଙ୍ଗିକ ନିଶ୍ଚୟ - 'ଗଭୀର ନିଦ୍ରାରୁ ଉଠିପଡ଼ କେଶରୀସମ / ଚିରଦୁର୍ଦ୍ଦମ ଅପରାଜେୟ ତମେ / ଖୋଲିଦିଅ ହାତ ଓ ପାଦରୁ ଶୃଙ୍ଖଳ/ ସ୍ମରଣ ରଖ - ତମେମାନେ ଅଗଣିତ / ସେମାନଙ୍କ ସଂଖ୍ୟା ଏଇ ଶହେ କି ହଜାର ମାତ୍ର।'

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ରୋଗଣା ଘର

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଲଗାଣ ବର୍ଷାକୁ ଆମେ ସମସ୍ତେ ସାମ୍ନା କରୁଛେ। ବର୍ଷା ଦିନରେ ଅନେକ ରୋଗସବୁ ଦେଖା ଯାଇଥାଏ। ପେଟ, ଆଖି, କାନଠାରୁ ଅସ୍ଥି, ଚର୍ମ ନାକ, ସବୁକ୍ଷେତ୍ରରେ ଅନେକ ପ୍ରକାରର ଅସ୍ୱାଭାବିକତାକୁ ଆମେ ସାମ୍ନା କରୁ। ଆପଣଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ ଯେ ଘରକୁ ମଧ୍ୟ ରୋଗ ହୋଇପାରେ। ଏ କଥାଟି ଆପଣଙ୍କୁ ଟିକିଏ ଅଦ୍ଭୁଆ ଲାଗିପାରେ, କିନ୍ତୁ ଖୋଦ ଏହି ତଥ୍ୟଟି ବିଜ୍ଞାନ ଓ ଗବେଷଣା ତଥ୍ୟଭିତ୍ତିକ। ରୋଗଣା ଘର ସେ ଘରେ ରହୁଥିବା ମଣିଷକୁ ମଧ୍ୟ ରୋଗଗ୍ରସ୍ତ କରିଦେଇପାରେ। ଏଭଳି ଘରେ ରହି ଯେଉଁ ସବୁ ରୋଗ ହୁଏ ତାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ 'ସିକ ବିଲଡିଂ ସିଣ୍ଡ୍ରୋମ' କୁହାଯାଇଥାଏ।

ଶଉଳିଭରା କାନ୍ଥ ଏବଂ ପାଣି ଜକାଉଥିବା ଚଟାଣ ଘରକୁ ଜରାଗ୍ରସ୍ତ କରିଦିଏ। ଘରେ ଥିବା କାଠ ଆସବାବପତ୍ର ପୁରୁଣା ହୋଇ ସେଥିରେ ଫଙ୍ଗସ (ଛତୁ) ଜମିଲେ ଏହା ବିଭିନ୍ନ ରୋଗକୁ ଡାକି ଆଣିଥାଏ। ନିକଟରେ 'ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ' ତରଫରୁ ବିଲଡିଂ କୋଡ୍‌ର ମାନ ନିର୍ଦ୍ଧାରଣ ପାଇଁ ଆୟୋଜିତ ଏକ ଆଲୋଚନାଚକ୍ରର ନିବନ୍ଧ ବିଶ୍ୱବିଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଉଲ୍ଲେଖ କରିଛି। 'ସିକ ବିଲ୍ଡିଂ ସିନଡ୍ରୋମ'କୁ ଚିକିତ୍ସକମାନେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି ଏବେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମଧ୍ୟ ଏଥିରେ ସହମତି ଯୋଗାଇଛି। ସବୁଠୁ ଚିନ୍ତାର ବିଷୟ ହେଉଛି, ଯଦି ଜରାଗ୍ରସ୍ତ ଘରର ତାଲିକା ପ୍ରସ୍ତୁତ କରାଯାଏ ତା'ହେଲେ ବଡ଼ ସହରର ଅନେକ ପୁରୁଣା ଘରକୁ ନାକଚ କରିବାକୁ ପଡ଼ିବ। ସଂକ୍ରାମକ ଘର ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଏସବୁ ଘରଗୁଡ଼ିକୁ।

ଆସନ୍ତୁ ଜାଣିବା ଘର କିପରି ରୋଗଗ୍ରସ୍ତ ହୁଏ। 'ଲାନସେଟ୍'ର ସୂଚନା ଅନୁଯାୟୀ, କାନ୍ଥରେ ଦୂଷିତ ଜଳ ଜକେଇବା, କଳା ଛତୁ (ଫଙ୍ଗସ) ଚରିଯିବା, ଶିଉଳି ଜମିବା ଫଳରେ ଘର ରୋଗଣା ହୋଇଯାଏ। ସେ ଘରେ ରହୁଥିବା ଲୋକମାନଙ୍କୁ ସଂକ୍ରମିତ ହେଉଥିବା ରୋଗଗୁଡ଼ିକ ହେଲା - ଷ୍ଟେପିବୋଟ୍ରିସ ଚାଟେରମ୍, ଷ୍ଟେପିବ୍ରୋଟିସ ଏଟ୍ରା, (କଳା-ସବୁଜ ଶିଉଳି), ଏସ୍ପରଜିଲ୍ସ ଫ୍ୟୁମିଗେଟ୍‌ପ, ଏସ୍ପରିଜିଲ୍ସ କ୍ଲେଓଟସ ଓ ଏସ୍କୋମିସିଟିୟସ ପେସିଲିୟମ, ଫଙ୍ଗସ କଣନଖା, ଓନିକୋମିକୋସିସ୍ ଓ କର୍ନିଆରେ କିରୋଟୋମିକୋସିସ୍। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିଲେ ଏହା ମଣିଷକୁ ଖୁବ ଶୀଘ୍ର ଆକ୍ରାନ୍ତ କରେ। ରୋଗଣା ଘର ଜଣଙ୍କୁ ମାନସିକ ଭାବରେ ଅସ୍ୱସ୍ତିକର କରିବା ସହ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଯକୃତକୁ ମଧ୍ୟ ଏକପ୍ରକାର ଅସ୍ୱସ୍ତିକର ପରିପାର୍ଶ୍ୱିକ ପ୍ରତିକ୍ରିୟା ଭିତରକୁ ଠେଲି ଦେଇଥାଏ। ମାନସିକ ଭାବେ ଅସ୍ୱସ୍ତିକର ଓ ବିଷାଦମୟ ଚିନ୍ତାସବୁ ଯକୃତର ବିଭିନ୍ନ ଅନ୍ୟ ସମସ୍ୟାକୁ ଡାକି ଆଣିଥାଏ। ଅହେତୁକ ଭାବେ ଭୋକ କମିଯାଏ, ଚିଡ଼ଚିଡ଼ା ସ୍ୱଭାବ ପରିପାକ ବ୍ୟବସ୍ଥାକୁ ଓଲଟପାଲଟ କରିଦିଏ।

ଜରାଗ୍ରସ୍ତ ଘରେ ରହିଲେ ଆଖି, ନାକ ଏବଂ ଗଳାରେ ଜ୍ୱଳନ ଅନୁଭୂତ ହୁଏ। ଶୁଖିଲା କାଶ ହୋଇଥାଏ। ତ୍ୱଚାରେ ଶୁଖିଲାପଣ ଦେଖାଯାଏ ଏବଂ କୁଣ୍ଡେଇ ହୁଏ। ଏକାଗ୍ରତା କମିଯାଏ ଏବଂ କ୍ଳାନ୍ତ ଲାଗେ ସବୁବେଳେ। ଶ୍ୱାସକ୍ରିୟାରେ କଷ୍ଟ ଏବଂ ଶ୍ୱାସନଳୀରେ ଶୋଥ ହୁଏ। ନିୟମାନୁସାରେ ଘରକୁ ପ୍ରତିବର୍ଷ ଟିକେ ମରାମତି କରାଯିବା ସହିତ ନିୟମିତ ରଙ୍ଗ କରାଇବା ଉଚିତ। ଏହାଫଳରେ ଘରେ ଫଙ୍ଗସ ଜମେ ନାହିଁ। ଘରର କାନ୍ଥରେ ୱାଟର ପ୍ରୁଫ ରଙ୍ଗ ଦେଲେ ଖୁବ ଭଲ। ଶିଉଳି ଭରା କାନ୍ଥରେ ଯାଇଥିବା ପାଣି ପାଇପଗୁଡ଼ିକୁ କିଛି ବର୍ଷ ଅନ୍ତରରେ କାଢ଼ି ନୂଆ ପାଇପ ଲଗାଇବା ଉଚିତ। ଫଙ୍ଗସ ପାଣିକୁ ମଧ୍ୟ ଦୂଷିତ କରିପାରେ। ଘରେ ସୂର୍ଯ୍ୟକିରଣ ପଡ଼ିବାକୁ ଦିଅନ୍ତୁ। ଘର ପାଖାପାଖି ବଡ଼ ବଡ଼ ଗଛ ରଖନ୍ତୁ ନାହିଁ।

ସବୁ ପୁରୁଣାକାଳିଆ ଘର ଯେ ରୋଗଣା, ଅଶୁଭ ଓ ସ୍ୱାସ୍ଥ୍ୟ ପାଇଁ ହାନିକାରକ, ସେ କଥା ନୁହେଁ। ମୂଳକଥା ହେଉଛି 'ଘର ବୈକୁଣ୍ଠପୁର' ବୋଲି ମାନ୍ୟତା ଥିବାରୁ ଏହାର ଯତ୍ନ ନେବା ଜରୁରୀ। ବର୍ଷାଦିନେ ପୁରୁଣାକାଳିଆ ଘର ଯତ୍ନ ଅଭାବରୁ ଅନେକ ସମସ୍ୟା ସୃଷ୍ଟି କରିଥାଏ। ଘର ମଧ୍ୟ ଏକ ମନ୍ଦିର। ଆମ ଦେହ ମନ୍ଦିର ପରି ଏହାର ଯତ୍ନ ନେବା ଅତ୍ୟନ୍ତ ଜରୁରୀ। ଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ସଦାସର୍ବଦା ନିଜ ଇଷ୍ଟଙ୍କ ନାମ ସ୍ମରଣରେ ପବିତ୍ରମୟ କରନ୍ତୁ। ଘର ଭିତରକୁ ସୂର୍ଯ୍ୟକିରଣ ଓ ମୁକ୍ତ ଭାବେ ପବନ କିପରି ଆତଯାତ ହେବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। ଦେଖିବେ ଆପଣଙ୍କ ରୋଗଣା ଘର କେବଳ ସୁସ୍ଥବାନ ହେବନି, ଆପଣଙ୍କୁ ଓ ଆପଣଙ୍କ ଶରୀରକୁ ସୁସ୍ଥବାନ କରିରଖିବ।

(ଅବସରପ୍ରାପ୍ତ ପ୍ରଫେସର, ଏସ୍‌ସିବି ମେଡିକାଲ କଲେଜ)
କଟକ, ମୋ: ୯୪୩୭୦୫୧୯୫୭

## ତିବ୍ବତରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...



### ଦ୍ୱିତୀୟ-ବୁଦ୍ଧ କଥା

ବର୍ତ୍ତମାନ ତିବ୍ବତର ଧାର୍ମିକ ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା। ଶାନ୍ତରକ୍ଷିତ ଯେଉଁ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲେ ପଦ୍ମସମ୍ଭବ ସେଥିରେ ସମ୍ପୂର୍ଣ୍ଣ ସଫଳ ହେଲେ। ବନ୍ ଧର୍ମର ଯେଉଁମାନେ ବୌଦ୍ଧଧର୍ମକୁ ଘୋର ବିରୋଧ କରୁଥିଲେ ସେମାନେ ବର୍ତ୍ତମାନ ପଦ୍ମସମ୍ଭବଙ୍କ ପାଖରେ ଶରଣ ପଶିଲେ। ସମସ୍ତେ ତାଙ୍କୁ ସର୍ବମାନ୍ୟ ଗୁରୁ ଭାବରେ ସ୍ୱୀକୃତି ଓ ସମର୍ଥନ ଜଣାଇବାକୁ ଯେପରି ବାଧ୍ୟ ହୋଇଗଲେ। ପଦ୍ମସମ୍ଭବ ସତେଯେପରି ଯାଦୁ ଚଳାଇ ସମଗ୍ର ତିବ୍ବତରେ ବୌଦ୍ଧଧର୍ମକୁ ଦୃଢ଼ ଭାବେ ପ୍ରତିଷ୍ଠା କଲେ।

ପ୍ରକୃତରେ ପଦ୍ମସମ୍ଭବ ତିବ୍ବତକୁ ଏକ ଅଲୌକିକ ଧାର୍ମିକ ବ୍ୟବସ୍ଥା ସାଙ୍ଗରେ ନେଇ ଆସିଥିଲେ, ଯାହାର ସେ ଅନୁଗାମୀ ଓ ଆଚାର୍ଯ୍ୟ, ତାହା ହେଲା ବଜ୍ରଯାନ ବୌଦ୍ଧଧର୍ମ। ବୌଦ୍ଧଧର୍ମ ଭାବେ ତିବ୍ବତବାସୀ ଯାହାକୁ ଜାଣିଥିଲେ ଏହି ନୂତନ ଧର୍ମ ସେ ସବୁରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଥିଲା। ଶାନ୍ତରକ୍ଷିତଙ୍କୁ ଯେଉଁ ସ୍ଥାନୀୟ ଶକ୍ତି ବିରୋଧ କରିଥିଲେ ସେମାନେ ମଧ୍ୟ ପଦ୍ମସମ୍ଭବଙ୍କୁ ବିରୋଧ କରିବାର ଅପଚେଷ୍ଟା କରି ବିଫଳ ହେଲେ। ତିବ୍ବତରେ ଯେଉଁଥିପାଇଁ ସେ ସଫଳତା ଲାଭ କଲେ ତାହା ହେଲା ସେ ଜଣେ ସାଧାରଣ ବୌଦ୍ଧ ହେବା ଅପେକ୍ଷା ଜଣେ ଦକ୍ଷ ଓ ଅଭିଜ୍ଞ ତାନ୍ତ୍ରିକ ଥିଲେ। କାରଣ ସେ ଯେଉଁ ବୌଦ୍ଧଧର୍ମର ଅନୁଗାମୀ ତାହା ହେଉଛି ତାନ୍ତ୍ରିକ ବୌଦ୍ଧଧର୍ମ। ପଦ୍ମସମ୍ଭବଙ୍କ ପିତା ସମ୍ଭଳ ରାଜା ତଥା ସିଦ୍ଧ ଇନ୍ଦ୍ରଭୂତି ହେଉଛନ୍ତି ସେହି ବୌଦ୍ଧଧର୍ମର ପ୍ରତିଷ୍ଠାତା ଏବଂ ସେ ଥିଲେ ଚକ୍ରସମ୍ବର ସମ୍ପ୍ରଦାୟର ଅନୁଗାମୀ। ପଦ୍ମସମ୍ଭବ ନିଜେ ହେଉଛନ୍ତି ମହାଯାନର ଯୋଗାଚାର-ବିଜ୍ଞାନବାଦ ଦାର୍ଶନିକ ଭାଗର ଅନୁଗାମୀ ତଥା ବଜ୍ରଯାନୀ। ସେ ତିବ୍ବତରେ ରାଜା ଖ୍ରୀ-ସ୍ରନ୍‌ଙ୍କୁ ତାନ୍ତ୍ରିକ ବଜ୍ରକୀଳ ଓ ହୟଗ୍ରୀବ ସାଧନାରେ ଅଭିଷିକ୍ତ କରିଥିଲେ।

ପଦ୍ମସମ୍ଭବଙ୍କୁ ବିଭିନ୍ନ ମୂର୍ତ୍ତିକଳା ଓ ଚିତ୍ରକଳାରେ ଭୟଙ୍କର ଚେହେରାରେ ଉପସ୍ଥାପିତ କରାଯାଇଛି, କିନ୍ତୁ ଯଥାର୍ଥରେ ସେ ଅତ୍ୟନ୍ତ ଶାନ୍ତ, ସରଳ ଓ ଆକର୍ଷଣୀୟ ଚେହେରାଯୁକ୍ତ ଏବଂ କୂଟନୀତି ପ୍ରବୀଣ ଥିଲେ। ଏହି ନୀତି ପ୍ରୟୋଗ କରି ସେ ତିବ୍ବତୀୟଙ୍କୁ କରାୟତ୍ତ କରିପାରିଥିଲେ। ସେ ବାସ୍ତବପକ୍ଷେ ବନ୍ ଧର୍ମକୁ ତିବ୍ବତରୁ ସମ୍ପୂର୍ଣ୍ଣ ବହିଷ୍କାର କରି ନଥିଲେ। ଚେଷ୍ଟା କରିଥିଲେ କରିପାରି ନଥାନ୍ତେ ମଧ୍ୟ। ସେ ବନ ଧର୍ମର ସପକ୍ଷବାଦୀ ଓ ଅନୁଗାମୀ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରି କବଳିତ କରିପାରିଥିଲେ। ଅତ୍ୟନ୍ତ ଚତୁରତାର ସହ ବନ୍ ଧର୍ମର କେତେକ ଦେବଦେବୀ ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ଆଚାର, ବିଚାର ଓ ନୀତିକାନ୍ତି ଆଦିକୁ ବଜ୍ରଯାନ ମଧ୍ୟରେ ଗ୍ରହଣ କରିନେବା ଫଳରେ ସେମାନେ ନିରବ ହୋଇଗଲେ ଏବଂ ବଜ୍ରଯାନକୁ ଗ୍ରହଣ କରିନେଲେ। ଏପରିକି ସାଧାରଣ ଭାବେ ବୌଦ୍ଧ ଭିକ୍ଷୁମାନେ ଯେପରି ଅବିବାହିତ ରହୁଥିଲେ ସେହି ଧାରା ବଦଳାଇ ତିବ୍ବତୀୟ ଲାମାମାନେ ଯେପରି ଘରସଂସାର କରିପାରିବେ ସେହି ନୀତି ଆପଣେଇ ଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପାଟଣାଗଡ଼ ବିଧାନସଭା ନିର୍ବାଚନୀ ମାମଲା ସମ୍ପର୍କିତ ବିବୃତି ଗଣମାଧ୍ୟମରେ ପ୍ରସାରଣ ପ୍ରସଙ୍ଗ

# ହାଇକୋର୍ଟରେ କନକବର୍ଦ୍ଧନଙ୍କ ଅନ୍ତରୀଣ ଆବେଦନ ଖାରଜ

କଟକ, ୧।୮(ସମିସ): ହାଇକୋର୍ଟରେ ବିଚାରାଧୀନ ପାଟଣାଗଡ଼ ବିଧାନସଭା ଆସନ ନିର୍ବାଚନୀ ଅନିୟମିତତା ମାମଲା ସଂପର୍କରେ ଆବେଦନକାରୀଙ୍କ ପକ୍ଷରୁ ଗଣମାଧ୍ୟମରେ ବିବୃତି ଦେବା ଉପରେ ରୋକ୍ ଲଗାଇବାକୁ ପ୍ରାର୍ଥନା କରି ପ୍ରତିପକ୍ଷ ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂହଦେଓଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ନିର୍ବାଚନୀ ମାମଲାରେ ରହିଥିବା ଆଦେଶନାମାକୁ ଗଣମାଧ୍ୟମରେ ବିବୃତି ଦେବା ପାଇଁ ମୂଳ ମକଦ୍ଦମାର ଆବେଦନକାରୀଙ୍କୁ ନିଷେଧ କରିବା ଅଧିକାର ପ୍ରତିପକ୍ଷଙ୍କ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ବିଶେଷକରି ବିଚାର ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଆସ୍ଥା ସୃଷ୍ଟି ପାଇଁ ଓ ନିରପେକ୍ଷତାକୁ ପ୍ରଭାବିତ ନକରି ଅଦାଲତ ପ୍ରୋସିଡିଂ (କାର୍ଯ୍ୟାବଳୀ) ସମ୍ପର୍କିତ ରିପୋର୍ଟ ପ୍ରକାଶନ ପାଇଁ କୌଣସି ପ୍ରତିବନ୍ଧକ ରହିବା ଉଚିତ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ ଶ୍ରୀ ସିଂହଦେଓଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନକୁ ଖାରଜ କରି ଏପରି କହିଛନ୍ତି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା।

ପ୍ରକାଶଥାଉକି, ମୂଳ ନିର୍ବାଚନୀ ମାମଲାରେ ପ୍ରତିପକ୍ଷ ଥିବା ବିଧାୟକ ଶ୍ରୀ ସିଂହଦେଓ ନିର୍ଦ୍ଧାରିତ ସମୟ ସୀମା ସରିବା ପରେ ଜବାବ ଦାଖଲ




କରିଥିଲେ। ଜବାବ ଗ୍ରହଣ କରିବା ପାଇଁ ୨ହଜାର ଟଙ୍କା ହାଇକୋର୍ଟ ବାର୍ ଆସୋସିଏସନ୍‌ରେ ଜମା କରିବାକୁ ଶ୍ରୀ ସିଂହଦେଓଙ୍କୁ ଗତ ୨୦୨୫ ଜାନୁଆରି ୩୦ରେ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ଏହି ଅଦାଲତୀ ଆଦେଶକୁ ମୂଳ ମକଦ୍ଦମାର ଆବେଦନକାରୀ ସରୋଜ ମେହେର ଗଣମାଧ୍ୟମରେ ବିବୃତ୍ତି ଦେଇଥିଲେ। ଏଣୁ ମାମଲା ସମ୍ପର୍କିତ ଖବର ପ୍ରସାରଣ ଉପରେ ଅଙ୍କୁଶ ଜାରି ପାଇଁ ଆବେଦନ କରି କନକବର୍ଦ୍ଧନ ଏକ ଅନ୍ତରୀଣ ଆବେଦନ ରୁଜୁ କରିଥିଲେ ଯାହା ଆଜି ଖାରଜ ହୋଇଯାଇଛି। ଅଗଷ୍ଟ ୧୩କୁ ମୂଳ ନିର୍ବାଚନୀ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

■ ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣାକୁ ଦୁଇ ସପ୍ତାହ ବିତିଲା

# କେବେ ଖୋଲିବ ରହସ୍ୟ?

ବଲାଙ୍ଗୀ, ୧।୮(ସମିସ): ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣାକୁ ଦୁଇ ସପ୍ତାହ ବିତିଗଲାଣି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହି ରହସ୍ୟଜନକ ଘଟଣା ଉପରୁ ପରଦା ଉଠିପାରିନାହିଁ। ଏହି ଘଟଣାକୁ ନେଇ ପୂରା ଅଞ୍ଚଳବାସୀ ଏବେ ବି ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ଘଟଣା ପରଠାରୁ ଗ୍ରାମବାସୀ ଘର ବାହାରିବାକୁ ବି ଭୟ କରୁଛନ୍ତି। ସେପଟେ ପୀଡିତାଙ୍କୁ ଉଦ୍ଧାର କରିଥିବା ଦୁଃଖୀଶ୍ୟାମ କିଛି ଦିନ ତଳେ ନିଜକୁ ଅସୁରକ୍ଷିତ ମନେ କରିବା ସହ ପୁଲିସକୁ ସୁରକ୍ଷା ମାଗିଥିଲେ। ବଲାଙ୍ଗୀ ପୁଲିସ ପକ୍ଷରୁ ମଧ୍ୟ ତାଙ୍କ ଘର ସାମ୍ନାରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏବେ

**ଦିଲ୍ଲୀରୁ ଫେରିଲା ଟିମ୍**

ସେ ଗଣମାଧ୍ୟମ ସାମ୍ନାକୁ ଆସିବାକୁ ମଧ୍ୟ ସିଧାସିଧା ମନା କରିଦେଉଛନ୍ତି। ସେହିପରି ପୀଡ଼ିତାଙ୍କ ପରିବାରକୁ ମଧ୍ୟ ୨୪ ଘଣ୍ଟିଆ ସୁରକ୍ଷାବଳୟ ଭିତରେ ରଖାଯାଇଛି। କିନ୍ତୁ ଅଧିକାଂଶ ସମୟ ତାଙ୍କ ଘର ସାମନାରେ ବାହାରୁ ଆଉ ଭିତର ପଟୁ ତାଲା ଝୁଲୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଅନ୍ୟପଟେ, ପୀଡ଼ିତାଙ୍କ ବୟାନ ରେକର୍ଡ କରିବାକୁ ଯାଇଥିବା ପୁଲିସ୍ ଟିମ୍ ଆଜି ଅପରାହ୍ନରେ ଦିଲ୍ଲୀରୁ ଫେରିଛନ୍ତି। ତେଣୁ, ଆସନ୍ତାକାଲି ଘଟଣାକୁ ନେଇ କିଛି ନୂଆ ତଥ୍ୟ ଆସିପାରେ ବୋଲି ଅନୁମାନ କରାଯାଉଛି।

**ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ଅସନ୍ତୋଷ**

# ଆନ୍ଧ୍ରକୁ ଅନୁମୋଦନ; ଓଡ଼ିଶାରେ ପାଦେ ବି ଆଗେଇ ପାରୁନି

ଭୁବନେଶ୍ୱର,୧।୮ (ସମିସ): ଆଗେଇପାରୁନି ଓଡ଼ିଶା ଅର୍ଥନୈତିକ କରିଡର୍ ନିର୍ମାଣ କାର୍ଯ୍ୟ। କେବେ ହେବ ତାହା ବି କେହି କହି ପାରୁ ନାହାନ୍ତି। କେବଳ ଘୋଷଣାରେ ଏହା ସୀମିତ ରହିଯାଇଛି। ପୂର୍ବତଟ ଅର୍ଥନୈତିକ କରିଡର ଦୁଇଟି ଉପାଦାନ ରହିଛି। ଗୋଟିଏ ହେଲା ଓଡ଼ିଶା ଅର୍ଥନୈତିକ କରିଡର୍ ଓ ଅନ୍ୟଟି ହେଲା ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍। ଆନ୍ଧ୍ରପ୍ରଦେଶରେ ଏହାକୁ ଅନୁମୋଦନ ମିଳି ସାରିଛି। ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍ ଅଧୀନରେ ଥିବା ଆନ୍ଧ୍ରପ୍ରଦେଶର କୋପାର୍ଥୀ ଶିଳ୍ପାଞ୍ଚଳ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି; ହେଲେ ଓଡ଼ିଶାରେ କାମ ପାଦେ ବି ଆଗେଇ ପାରୁନି। ଏନେଇ ଅସନ୍ତୋଷ ପ୍ରକାଶ କରି ସାଂସଦ ମାନସ ମଙ୍ଗରାଜ ଶୁକ୍ରବାର ରାଜ୍ୟସଭାରେ ପ୍ରଶ୍ନ ଉଠାଇଛନ୍ତି।

### ପୂର୍ବତଟ ଅର୍ଥନୈତିକ କରିଡର୍

ଓଡ଼ିଶା ଅର୍ଥନୈତିକ କରିଡର୍ ପ୍ରତିଷ୍ଠା କରାଗଲାଣି କି ନାହିଁ। ପୂବତଟ ଅର୍ଥନୈତିକ କରିଡର୍ କେଉଁ ପର୍ଯ୍ୟାୟରେ ରହିଛି। ଏହି ପ୍ରକଳ୍ପ ରାଜ୍ୟରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିପାରୁଛି କି ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ସାଂସଦ ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଜାତୀୟ ଶିଳ୍ପ କରିଡର ଉନ୍ନୟନ ଯୋଜନା-୨୦୨୦ ଅଧୀନରେ ଦେଶର ୧୧ଟି ଶିଳ୍ପ କରିଡର୍ ରହିଛି। ଏଥିରେ ଓଡ଼ିଶା ଅର୍ଥନୈତିକ କରିଡର୍ ଅନ୍ତର୍ଭୂକ୍ତ ରହିଛି। ରାଜ୍ୟରେ ଏକ ନୂତନ ସ୍ମାର୍ଟ ଶିଳ୍ପ କ୍ଲଷ୍ଟର ପାଇଁ ଆବଶ୍ୟକ ଜମି ରହିଛି କି ନାହିଁ, ତାହା ନିଶ୍ଚିତ କରିବାକୁ ଅନୁରୋଧ କରାଯାଇଥିଲା। ହେଲେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହା ନିଶ୍ଚିତ କରିପାରି ନାହାନ୍ତି। ଆନ୍ଧ୍ରପ୍ରଦେଶର କୋପାର୍ଥୀ ଶିଳ୍ପାଞ୍ଚଳରେ ଥିବା ପୂର୍ବତଟ ଅର୍ଥନୈତିକ କରିଡର୍ ଅନ୍ତର୍ଗତ ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ୨୦୨୪ ମସିହାରେ ଅନୁମୋଦନ ଲାଭ କରିଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି।

## ରତ୍ନଭଣ୍ଡାର ଗଣତିମଣତି ପାଇଁ ନିଯୁକ୍ତ ହେବେ ଦୁଇ ଏକ୍ସପର୍ଟ

ଭୁବନେଶ୍ୱର,୧।୮ (ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତିମଣତି ଲାଗି ପ୍ରକ୍ରିୟା ଆଗେଇ ଚାଲିଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଗଣମଣତି ପାଇଁ ଦୁଇଜଣ ଏକ୍ସପର୍ଟଙ୍କୁ ଦାୟିତ୍ୱ ଦେବା ପାଇଁ ସରକାର ଆରବିଆଇକୁ ଚିଠି ଲେଖିଥିଲେ। ସେମାନେ ଦୁଇଜଣ ଏକ୍ସପର୍ଟଙ୍କ ନାଁ ମଧ୍ୟ ଦେଇଛନ୍ତି। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ। କମିଟିର ଅନୁମତିକ୍ରମେ ରତ୍ନ ସବୁକୁ ଭିତର ରତ୍ନ ଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ସେ ପ୍ରକ୍ରିୟା ସରିବା ପରେ ଆରବିଆଇ ଅଧିକାରୀଙ୍କୁ ନିର୍ଦ୍ଧାରିତ ତାରିଖ ଜଣାଯିବ। ଏହାପରେ ଏକ୍ସପର୍ଟ ଆସି ଉପସ୍ଥିତ ରହି ଗଣତିମଣତି କରିବେ ବୋଲି ଆଇନମନ୍ତ୍ରୀ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ‘ସିନ୍ଦୂର’ ପରେ...

ଇତିହାସର କଳା ଦିନ ବୋଲି କହିଥିଲେ। କଂଗ୍ରେସ ଅଧ୍ୟକ୍ଷ ଏ ନେଇ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କୁ ଚିଠି ଲେଖି ପ୍ରତିବାଦ ଜଣାଇଛନ୍ତି। ପରେ ପୁଣି ହଟ୍ଟଗୋଳ ହେବାରୁ ଉଭୟ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖା ଯାଇଥିଲା।

ସୂଚନା ଅନୁଯାୟୀ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ କହିଥିଲେ ଯେ ଆଜି କମାଣ୍ଡୋ ମୁତୟନ କରାଯାଇଛି। କିଏ ସିଆଇଏସ୍‌ଏଫ କହୁଛି ତା ପୁଣି ଆଉ କିଏ କିଛି କହୁଛି। ସେହି ଯବାନମାନେ ସଦସ୍ୟଙ୍କୁ ଅଟକାଇ ଦେଇଥିଲେ। ଅଧିକାରୀଙ୍କୁ ଭେଟିବା ପାଇଁ ଦେଇ ନ ଥିଲେ। ମହିଳା ସଦସ୍ୟଙ୍କୁ ପୁରୁଷ ଯବାନମାନେ ଅଟକାଇ ଥିଲେ। ଯେଉଁ ଭଳି ଭାବରେ ସଦସ୍ୟଙ୍କୁ ଅଟକା ଗଲା ଏବଂ ଗୃହ ମଧ୍ୟକୁ ଯିବାକୁ ଦିଆଯାଇ ନ ଥିଲା ତାହା ଆପତ୍ତିଜନକ। ସବୁ କିଛି କ୍ୟାମେରାରେ କଏଦ ହୋଇଯାଇଛି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ଯେ କିଛି ସଦସ୍ୟ ହଙ୍ଗାମା କରି ଆକ୍ରାମକ ହୋଇ ଯାଇଥିଲେ। କେବଳ ସେମାନଙ୍କୁ ରୋକା ଯାଇଛି। ସଦସ୍ୟମାନେ ସୁରକ୍ଷା ବଢ଼ାଇବାକୁ ଦାବି କରିଥିଲେ। ତେଣୁ ସିଆଇଏସଏଫ ଡକା ଯାଇଥିଲା। ସଦନ ଭିତରେ ସଦସ୍ୟ ବେଳେବେଳେ କ୍ଷମତାସୀନ ପକ୍ଷର ଡେସ୍କ ଉପରେ ଏବଂ ଗୃହର ମଧ୍ୟ ଭାଗରେ ଛିଡ଼ା ହୋଇ ଯାଉଛନ୍ତି। ଏଭଳି ନ କରିବା ପାଇଁ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। କୌଣସି ସାଂସଦଙ୍କୁ କହିବାକୁ ଅଟକା ଯିବନାହିଁ। ସେହିପରି ରାଜ୍ୟସଭା ଉପାଧ୍ୟକ୍ଷଙ୍କୁ ମଲ୍ଲିକାର୍ଜୁନ ଖଡଗେ ଲେଖିଥିବା ଚିଠିରେ କହିଛନ୍ତି ଯେ ଗୃହ ମଧ୍ୟକୁ ସିଆଇଏସଏଫ କର୍ମୀଙ୍କୁ ଡକାଯିବା ଆପତ୍ତିଜନକ। ଏହାକୁ ତୀବ୍ର ନିନ୍ଦା କରୁଛୁ। ଭବିଷ୍ୟତରେ ଏପରି ନ ହେବ ବୋଲି ସେ ଆଶା କରିଛନ୍ତି।

## ‘ପୁଷ୍କରା’ ଶ୍ରେଷ୍ଠ...

ପୁଷ୍କର ଛଡ଼ାଇବା ପରମ୍ପରା ଉପରେ ଫିଲ୍ମର କଥାବସ୍ତୁ ପର୍ଯ୍ୟବସିତ। ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ‘ପୁଷ୍କରା’ ମନୋନୀତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚଳଚ୍ଚିତ୍ର ନିର୍ମାତା ଓ ସମସ୍ତ କଳାକାର ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଚୟନ ପାଇଁ ଜୁରୀ ସଦସ୍ୟ ଆଶୁତୋଷ ଗୋବରୀକର ଓ ପି. ଶେଷାଦ୍ରୀଙ୍କ ନେତୃତ୍ୱରେ ଫିଲ୍ମଗୁଡ଼ିକୁ କିଛି ସପ୍ତାହ ଧରି ତର୍ଜମା କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଏଲ୍ ମୁରୁଗନ୍‌ଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଆଜି ଦିଲ୍ଲୀର ଜାତୀୟ ମିଡିଆ ସେଣ୍ଟରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଶ୍ରେଣୀର ଫିଲ୍ମ ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଯେଉଁଥିରେ ବଲିଉଡ୍ ବାଦ୍‌ଶାହା ଶାହରୁଖ ଖାନ୍ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଛନ୍ତି। “ଯୱାନ’ ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ‘ଟ୍ୱେଲ୍‌ଥ ଫେଲ୍’ ଫିଲ୍ମକୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ଘୋଷଣା କରାଯାଇଥିବା ବେଳେ ଏହି ଫିଲ୍ମରେ ବିକ୍ରାନ୍ତ ମାସିଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ରାଣୀ ମୁଖାର୍ଜୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଘୋଷଣା କରାଯାଇଛି। ଏହାସହିତ ସାଉଣ୍ଡ ଡିଜାଇନ୍ ଏବଂ ବ୍ୟାକଗ୍ରାଉଣ୍ଡ ସ୍କୋର୍ କ୍ୟାଟେଗୋରିରେ ରଣବୀର କପୁରଙ୍କ ଅଭିନୀତ ‘ଆନିମଲ୍’ ଫିଲ୍ମ ପାଇଁ ସନ୍ଦୀପ ରେଡ୍ଡୀ ବାଙ୍ଗା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

## ଲିକ୍ ପଛର...

ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ବୋର୍ଡ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା କିଭଳି ବୋର୍ଡ ଉପସଭାପତିଙ୍କ ଲାପଟପ୍ ପାସ୍‌ୱାର୍ଡ ହାତେଇଲେ? ଓଟିଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ ଉପସଭାପତିଙ୍କ ନିକଟରେ ରହିବା ନିୟମ ବହିର୍ଭୂତ ନୁହେଁ କି? ଯଦି ବି ନିୟମସମ୍ମତ ଥିଲା, ତାହାକୁ କିଭଳି ଗୋପନୀୟ ରଖିବାକୁ ସମ୍ପୃକ୍ତ ଅଧିକାରୀ ଅସମର୍ଥ ହେଲେ, ସେନେଇ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି।

କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ କହିବାନୁଯାୟୀ, ଉପରୋକ୍ତ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି। ଆଜି ଗିରଫ ହୋଇଥିବା ପ୍ରଶାନ୍ତ କୁମାର ଖମାରୀ କଳାହାଣ୍ଡି ଭବାନୀପଟାଣା ଭେଜପଦର ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ। ସେ ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କ୍ୟାଡର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର, ପୂର୍ବତନ କ୍ୟାଡର ଶିକ୍ଷକ ସଭାପତି ସନାତନ ବିଷୋୟୀଙ୍କ ସହିତ ମିଶି ଷଡ଼ଯନ୍ତ୍ର ରଚିଥିଲେ। ଲିକ୍ ହୋଇଥିବା ପ୍ରଶ୍ନପତ୍ରକୁ ପ୍ରଶାନ୍ତ ନିଜ ହାତରେ ଲେଖି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏପରିକି, ସେ ଇଂରାଜୀ ପ୍ରଶ୍ନର ଓଡ଼ିଆ ଅନୁବାଦ କରିବା ସହ ଏହାର ଉତ୍ତର ବି ଲେଖିଥିଲେ। ଲିକ୍ ପ୍ରଶ୍ନପତ୍ର ପାଇବା ପାଇଁ ସେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତ ବିଜୟ ମିଶ୍ରଙ୍କୁ ୯ ୯ ହଜାର ଟଙ୍କା ଫୋନ୍ ପେ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଛି ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ହାତଲେଖାର ନମୁନା ନିଆଯାଇଛି, ଯାହାକୁ ପରୀକ୍ଷା ଏବଂ ମତାମତ ପାଇଁ ହସ୍ତଲେଖା ବ୍ୟୁରୋ ଏବଂ ସାଇବର ଫରେନସିକକୁ ପଠାଯିବ। ଅନ୍ୟ ଅଭିଯୁକ୍ତଙ୍କ ଏହି ମାମଲାରେ ସେମାନଙ୍କର ସମ୍ପୃକ୍ତି ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଉପରୋକ୍ତ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି।

ପ୍ରକାଶଥାଉକି, ଗତ ଜୁଲାଇ ୨୦ରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବା ପୂର୍ବ ଦିନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଲିକ ହୋଇଥିଲା। ଘଟଣାର ସତ୍ୟାସତ୍ୟ ପରେ ପରଦିନ ହେବାକୁ ଥିବା ପରୀକ୍ଷାକୁ ଗତ ଜୁଲାଇ ୧୯ ତାରିଖ ରାତିରେ ବାତିଲ କରିଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ ସଂକ୍ରାନ୍ତରେ ବୋର୍ଡର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ବୁଲବୁଲ ବେହେରା କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଡିଆଇଜି ବି.ଗଙ୍ଗାଧରଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଜାରି ରଖିଛି।

## ଅଗଷ୍ଟ ୩୧ରେ...

ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା ୩୦ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଯେଉଁ ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନେ ପଢ଼ିଲେଖି ପାରୁନଥିବେ, ସେମାନେ ପରୀକ୍ଷାର ୪ଦିନ ପୂର୍ବରୁ ସେମାନଙ୍କ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ଅନ୍ୟ ଜଣଙ୍କ ସହାୟତା ନେବା ପାଇଁ ସମସ୍ତ ଅସଲି ଦସ୍ତାବିଜ ସହ ରିପୋର୍ଟ କରିବେ। ସମ୍ପୃକ୍ତ କେନ୍ଦ୍ର ଅଧୀକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶ କରି ଧାର୍ଯ୍ୟ ଗାଇଡଲାଇନ ଅନୁସାରେ ପଦକ୍ଷେପ ନେଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଏହି ପରୀକ୍ଷା ପାଇଁ ଆଡମିଟ କାର୍ଡ ଆସନ୍ତା ଅଗଷ୍ଟ୨୨ତାରିଖରୁ ବୋର୍ଡର ୱେବସାଇଟରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀ ମାନେ ଏହାକୁ ଡାଉନଲୋଡ କରିପାରିବେ।

ପ୍ରକାଶଥାଉକି, ଗତବର୍ଷ ଏହି ପରୀକ୍ଷା ଆରମ୍ଭ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଓ ଉତ୍ତରପତ୍ର ପ୍ରଘଟ ନେଇ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗକୁ ଗତବର୍ଷ ବୋର୍ଡ କର୍ତ୍ତୃପକ୍ଷ ଖଣ୍ଡନ କରଥିଲେ। ଏଥର ପ୍ରଥମେ ସ୍ଥିର ହୋଇଥିବା ପରୀକ୍ଷା ତାରିଖ ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିଲା ବେଳେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଜଣେ ବୋର୍ଡ କର୍ମଚାରୀ ୫ଜଣ ଶିକ୍ଷକଙ୍କ ସହ ମୋଟ ୭ଜଣଙ୍କୁ ଗିରଫ କରିଲାଣି।

## ୫ ପ୍ରସ୍ତାବକୁ...

ଦୈନିକ ଅଦାଲତ କାର୍ଯ୍ୟ ନିର୍ବିଘ୍ନରେ ଚାଲିବା ସହ ଲୋକେମାନେ ଦ୍ରୁତ ନ୍ୟାୟ ପାଇପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଆଇନ ବିଭାଗର ଅନ୍ୟ ଏକ ନିଷ୍ପତ୍ତିରେ ଓଡ଼ିଶା ଲ’ ଅଫିସର୍ସ ନିୟମାବଳୀ, ୧୯୭୧ରେ ରହିଥିବା ନିୟମାବଳୀରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ରାଜ୍ୟରେ ଥିବା ଛୋଟ ଛୋଟ ନାଳଗୁଡ଼ିକରେ ଥିବା ୩୩୧୩ଟି ନୂତନ ଆଡ଼ିବନ୍ଧ ନିର୍ମାଣ କରି ଅସ୍ଥାୟୀ ବନ୍ଧ ଦ୍ୱାରା ଜଳସେଚିତ ଜମିରେ ଜଳସେଚନ କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହାସହିତ ଅଚଳ ଅବସ୍ଥାରେ ଥିବା ପ୍ରାୟ ୩୫୨୯ ଆଡ଼ିବନ୍ଧଗୁଡ଼ିକର ପୁନଃରୁଦ୍ଧାର କରି ନିରବଚ୍ଛିନ୍ନ ଜଳସେଚନ ବ୍ୟବସ୍ଥା ପାଇଁ ସରକାର ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜ୍ୟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ମାଟି-୩.୦ କୁ ଅତିରିକ୍ତ ୫ ବର୍ଷ ଅର୍ଥାତ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଏଥିପାଇଁ ୨୭୩୮ କୋଟି ଟଙ୍କାର ଆନୁମାନିକ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଏହାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ପୂର୍ବରୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାନଙ୍କର ଆର୍ଥିକ ପ୍ରୋତ୍ସାହନ ଆବେଦନ ଗୁଡ଼ିକୁ ଅନୁମୋଦନ ପାଇଁ ତିନୋଟି କମିଟି ରହିଥିଲା । ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ (୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ), ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ (୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ) ଏବଂ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ (୧ କୋଟି ଟଙ୍କାରୁ ଅଧିକ) ଗଠିତ ହୋଇଥିଲା। କ୍ୟାବିନେଟ୍ ବୈଠକରେ ଏହାକୁ ସଂଶୋଧନ କରାଯାଇଛି। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଅଧ୍ୟକ୍ଷତାରେ (୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ), ଶିଳ୍ପ ନିର୍ଦ୍ଦେଶକ ଅଧ୍ୟକ୍ଷତାରେ (୧ କୋଟି ଟଙ୍କାରୁ ଅଧିକ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ (୧୦ କୋଟି ଟଙ୍କାରୁ ଅଧିକ ଏବଂ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ପାଇଁ ବ୍ୟବସ୍ଥା କରାଯାଇଛି। ଏହି ନିଷ୍ପତ୍ତି ବଳରେ ଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶର ଗତି ବୃଦ୍ଧି ପାଇବ ଏବଂ ଅଧିକ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ରାଜ୍ୟ ସରକାର ଆଶା ରଖିଛନ୍ତି।

## ବିଷ ପିଇ...

କରିବା ପରେ ରାଜକୁମାର ବିଲରେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାରଲୋକେ ସଙ୍ଗେସଙ୍ଗେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାନୁଯାୟୀ, ରାଜ କୁମାର ଧାରକରଜ କରି ଚାଷ କାର୍ଯ୍ୟ କରିଥିଲେ। କିନ୍ତୁ ଏଥର ତାଙ୍କ ଚାଷବାସ ଭଲ ନ ହେବାରୁ ଋଣ ଟଙ୍କା କିପରି ଶୁଝିବେ, ସେନେଇ ଚିନ୍ତାରେ ପଡ଼ିଯାଇଥିଲେ। ଗତ କିଛି ଦିନ ହେବ ସେ କାହା ସହ ଭଲରେ କଥାବାର୍ତ୍ତା କିମ୍ବା ମିଳାମିଶା କରୁନଥିଲେ। ଭିତରେ ଭିତରେ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରିବା ପରେ ଆଜି ଏପରି ଚରମ ପଦକ୍ଷେପ ନେଇଥିବା ତାଙ୍କ ପରିବାରଲୋକ କହିଛନ୍ତି।

## ରାଜ୍ୟରେ ମ୍ୟାଲେରିଆ...

ପ୍ରବଣ ରାଜ୍ୟକୁ ମ୍ୟାଲେରିଆ ମୃତ୍ୟରେ ଓଡ଼ିଶା ପଛରେ ପକାଇ ଦେଇଛି। ୨୦୨୪ ମସିହାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେଢ଼ କୋଟି ଔଷଧୀୟ ମଶାରି ମାଗିଥିଲେ। ମାତ୍ର ସେହି ମଶାରି ଆସିଲା କି ନାହିଁ, ବଣ୍ଟନ ହେଲା କି ନାହିଁ ତାହାର ସଠିକ୍ ସୂଚନା ଜନସ୍ୱାସ୍ଥ୍ୟ ବିଭାଗରେ ଉପଲବ୍ଧ ନାହିଁ।

ମ୍ୟାଲେରିଆ ଜ୍ୱରର ଭୟାବହତାକୁ ରୋକିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ଔଷଧ ବୋଳା ମଶାରି ବଣ୍ଟନ କରାଯାଉଥିଲା। ଏହାର ଔଷଧୀୟ ଗୁଣ ସ୍ୱରୂପ ଏହି ମଶାରିରେ ମଶା ବସି ପାରୁ ନ ଥିଲେ। ଫଳରେ ମ୍ୟାଲେରିଆ ରୋକିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଥିଲା। ଏଥିସହ ମଶା ବଂଶ ବୃଦ୍ଧି ରୋକିବାରେ ଦିଗରେ ସରକାରୀ ଭାବେ ବ୍ୟାପକ ଜନସେତନତା ସୃଷ୍ଟି କରାଯାଉଥିଲା। ମାତ୍ର ଗତ ଦୁଇ ବର୍ଷ ଧରି ଏସବୁ ଶିଥିଳ ପଡ଼ିଯାଇଥିବା ଅଭିଯୋଗ ହେଉଛି। ସେହିଭଳି ଲୋକମାନଙ୍କୁ ମଶାରୀ ବଣ୍ଟନ କରାଯିବା ପରେ ସେମାନେ ତାକୁ ବ୍ୟବହାର କରୁଛନ୍ତି ନା ନାହିଁ, ତାର ନୀରିକ୍ଷଣ ଆଶା ଓ ଅଙ୍ଗନବାଡି କର୍ମୀମାନେ କରୁଥିଲେ। ଲୋକମାନେ ଘରେ ପୁରୁଣା ଚିରା ଫଟା ମଶାରୀ ବ୍ୟବହାର କରୁଥିବାବେଳେ ନୂଆ ମଶାରୀକୁ କ୍ଷେତ ଘେରାଇବା, ମାଛ ମାରିବା ଭଳି କାମରେ ବ୍ୟବହାର କରୁଥିଲେ। ତେଣୁ ଏହାକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ରୀୟସ୍ତରରେ କର୍ମଚାରୀମାନଙ୍କୁ କାର୍ଯ୍ୟରେ ଲଗାଯାଇଥିଲା। ହେଲେ ଏସବୁ ଏବେ ବାଟବଣା ହୋଇଥିବା କୁହାଯାଉଛି ।

ଖୋଦ୍ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଓଡ଼ିଶାରେ ମ୍ୟାଲେରିଆ ଭୟାଭୟସ୍ଥିତିକୁ ସ୍ୱୀକାର କରିଛନ୍ତି। ସେ ଆହୁରି କହିଛନ୍ତି, ନିୟନ୍ତ୍ରଣ କରିବାକୁ ସରକାରୀ ଭାବେ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି। ସମଗ୍ର ଦେଶରେ ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ହୋଇଥିବାରୁ ଏଠି ‘ଦମନ’ ଭଳି କାର୍ଯ୍ୟକ୍ରମ ଜାରି ରହିଛି। ଦକ୍ଷିଣ ଓଡ଼ିଶାର ୭ ଜିଲ୍ଲାରେ ଔଷଧୀୟ ମଶାରୀ ବଣ୍ଟନ ହେଉଛି। ହେଲେ ଲୋକ ନୂଆ ବଦଳରେ ପୁରୁଣା ମଶାରୀ ବ୍ୟବହାର କରୁଛନ୍ତି। ମ୍ୟାଲେରିଆ ପ୍ରବଣ ଛତିଶଗଡ଼ ଓ ଝାଡ଼ଖଣ୍ଡ ଅପେକ୍ଷା ଆମ ରାଜ୍ୟରେ ଅଧିକ ମ୍ୟାଲେରିଆ ରୋଗୀ ଥିବା ପ୍ରସଙ୍ଗରେ ସେ କହିଛନ୍ତି, ସବୁ ରାଜ୍ୟରେ ଭୌଗଳିକସ୍ଥିତି ଭିନ୍ନ। କେଉଁ ରାଜ୍ୟ ସହ ଆମ ରାଜ୍ୟକୁ ତୁଳନା କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି।

## ସଂସଦରେ ଓଡ଼ିଶା...

ଥିଲା ଓ ଉପାଧ୍ୟକ୍ଷ ରାଜ୍ୟସଭାକୁ ମୁଲତବୀ ଘୋଷଣା କରିଥିଲେ। ମହିଳା ଏବଂ ଶିଶୁମାନଙ୍କ ସୁରକ୍ଷା ଏବଂ ସମ୍ମାନକୁ ପ୍ରଭାବିତ କରୁଥିବା ଜରୁରୀ ସାର୍ବଜନୀନ ଗୁରୁତ୍ୱର ଏକ ପ୍ରସଙ୍ଗ ଉଠାଇବାକୁ ସୁଯୋଗ ନ ଦେବାକୁ ଦଳର ସାଂସଦମାନେ ତୀବ୍ର ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ ଏପରି ଗମ୍ଭୀର ଅପରାଧକୁ ଅଣଦେଖା କରିବା ସଂସଦୀୟ ବିତର୍କ ଏବଂ ଦାୟିତ୍ୱର ଉଦ୍ଦେଶ୍ୟକୁ କ୍ଷୁର୍ଣ୍ଣ କରିଛି। ବିଜୁ ଜନତା ଦଳ ମହିଳାମାନଙ୍କ ପାଇଁ ନ୍ୟାୟ, ସୁରକ୍ଷା ଏବଂ ସମ୍ମାନ ପାଇଁ ଲଢ଼ିବାର ପ୍ରତିବଦ୍ଧତାରେ ଅଟଳ ରହିଛି। ଯେ ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ହସ୍ତକ୍ଷେପ ନ କରିବେ, ସେ ପର୍ଯ୍ୟନ୍ତ ଦଳ ସଂସଦ ଓ ସଂସଦ ବାହାରେ ସ୍ୱର ଉତ୍ତୋଳନ କରି ଚାଲିବ ବୋଲି ସାଂସଦମାନେ କହିଛନ୍ତି ।

## ବାଦ୍ ପଡ଼ିଲେ...

୨.୮୩ ଲକ୍ଷ ଲୋକଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ମଧୁପୁରାରେ ୯୯.୦୭୬, ପୂର୍ଣ୍ଣିଆରେ ୨.୭୩ ଲକ୍ଷ, ବକ୍ସରେ ୮୭,୬୪୫ ଲୋକଙ୍କ ନାମ କଟାଯାଇଥିବା ସୂଚନା ମିଳିଛି ।ତେବେ ଭୋଟର ତାଲିକାରେ ନୂଆ ନାମ ଭର୍ତ୍ତି ନିମନ୍ତେ ଅଗଷ୍ଟ ୨ ତାରିଖରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ବିଶେଷ ଶିବିର ଆୟୋଜନ କରାଯିବ ଓ ଏଠାରେ ଉପଯୁକ୍ତ ଦସ୍ତାବିଜ ଦେଇ ଲୋକମାନେ ସେମାନଙ୍କର ନାମ ସାମିଲ କରିପାରିବେ ବୋଲି ନିର୍ବାଚନ କମିଶନର କହିଛନ୍ତି।

**AFFIDAVIT**
By virtue of an affidavit No.2118, dtd.01.08.2025 in the court of the Executive Magistrate, Phulbani. I, Lovabati Kanhar, At/Po- Pabingia, Ps- Phiringia, Dist.: Kandhamal, Odisha – 762011 have changed my name from Luba Kanhar to Lovabati Kanhar. Henceforth I shall be known as **Lovabati Kanhar** for all purposes.
Sd/- Lovabati Kanhar

**AFFIDAVIT**
By virtue of an affidavit before The Notary Public, Titilagarh, on dated-26/07/2025. I, **Bidyadhar Bag** (Applicant name), S/O- Bhakchan Bag, Permanent resident of At- Sargiguda Titilagarh, P.O. Titilagarh, P.S. Titilagarh, Dist- Balangir, (Odisha), PIN-767033, now residing at the same place affirm that I have changed my minor daughter's name from **Hasinarani Bag** (old name) to **Hashina Rani Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Hashina Rani Bag** (new name).
**Bidyadhar Bag**

**CHANGE OF NAME**
By virtue of an affidavit sworn before Executive Magistrate, Bargarh, vide no-962, dated 31/07/2025 I, Radheshyam Gardia, S/o- Late Narendra Gardia resident of At/Po.- Gobindpur, Ps./Dist.- Bargarh, PIN- 768028, Odisha state that, I have changed my minor son's name from **Aditya Gardia** to **Bibek Gardia**. Henceforth he will be known as **Bibek Gardia** for all future purposes.

**AFFIDAVIT**
By virtue of an affidavit before the Executive Magistrate, Karlamunda, Kalahandi, Odisha, I, Pradip Rana, resident of At-Sanrengali, PO- Rinja, PS- M. Rampur, Dist.: Kalahandi, Odisha, PIN–766031 have changed my daughter's name from Boesali Rana to Baisali Rana. Henceforth she shall be known as **Baisali Rana** for all purposes.
Sd/- Pradip Rana

**AFFIDAVIT**
I, Prahalad Mohanty, S/o Late Fagu Mohanty, resident of Vill: At- Surapratapur (Kundigada) Po- Surapratapur, PS- Bhubana, Dist- Dhenkanal, State- Odisha, Pin- 759024 declare by this affidavit CF No-1645, dtd. 31.07.2025 that now onwards I shall be known as PRAHALLAD MOHANTY for all future purposes.
Sd- PRAHALLAD MOHANTY

**LOST**
I Mr. Lokanath Nayak declare that I have lost the Original Sale Deed No-1134, date 21/10/2024 of landed property of Mouza-Chappirikoilama, Tahasil - Ranapur, Thana Ranapur, District-Nayagarh, bearing Khata No 31, Plot No-177, Kisam-Sarad Jala-3, A0I.55 Decimal on Dated: 29/07/2025, at about 12.30 PM, somewhere at Lodhachua locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak (Advocate Name), Mobile No -9778070590 (Of Advocate) or in this address-Room No-309,3rd Floor, Nirmal Plaza, Near Navin Niwas, Forest Park, Bhubaneswar-751009 (Registered address of advocate) within 15 days of this publication.

**AFFIDAVIT**
By virtue of an affidavit in the court of the Executive Magistrate, Nabarangpur, I, TULARAM HARIJAN, Village–Biriguda, PO–Biriguda, PS–Kodinga have changed my minor daughter's name from KARINA HARIJAN to SILPA HARIJAN. Henceforth she shall be known as **SILPA HARIJAN** for all purposes.
Sd/- Tularam Harijan

**CHANGE OF NAME**
I Kalpana Chhotaray, W/o- Abhishek Ray, At- Uppersahi, Po./Dist./Ps.- Khordha, Pin- 752055, Odisha declare by this affidavit No. 1393 dtd.29.07.2025 that now onwards I shall be known as **KALPANA CHHOTRAY** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Cuttack I Sushree Sangita Rath @ Sushree Sangita Mishra @ Mamannie Mishra, D/o. Surendra Kumar Rath, W/o. Ranajit Kumar Mishra, R/o. Village/Po. Gurujang, Ps/Dist. Kurda declare that Sushree Sangita Rath, Sushree Sangita Mishra and Mamannie Mishra is one same person for all purposes.

**CHANGE OF NAME**
By virtue of an affidavit sworn before The Executive Magistrate, Papadahandi, Nabarangpur vide affidavit no.448/25 dtd.31.07.2025, I, Krushna Chandra Sahu, S/o- Rajendra Prasad Sahu resident of Vill./Po.- Jatabal, Ps.- Dabugaon, Dist.: Nabarangpur, Pin- 764071 state that, I have changed my name from **Lokanath Sahoo** (Old name) to **Krushna Chandra Sahu** (New name). Henceforth I shall be known as **Krushna Chandra Sahu** for all future purposes.

**AFFIDAVIT**
By virtue of an affidavit in the court of the Executive Magistrate, Balasore, I Bapu Sing, S/o- Chayan Singh At/Po- Nuapadhi, PS- Remuna, Dist –Balasore, declare that I have changed my name from Babula Singh to Bapu Sing vide Affidavit No.8468 dated: 23.07.2025 and shall be known as **Bapu Sing** for all the future purpose.

**CHANGE OF NAME**
By virtue of an affidavit sworn before Executive Magistrate, Banpur, vide no-2916, dated 23/07/2025 I, Nilima Sabar, W/o- Utam Sabar, of At- Mandar, Po.- Damiabarabara, Ps.- Banpur, Dist.- Khordha, declare that in my Adhar card my name is wrongly mentioned as Nilima Sahoo instead of Nilima Sabar. Henceforth, I shall be known as **Nilima Sabar** for all purposes.
Nilima Sabar

**AFFIDAVIT**
By virtue of an affidavit No.1935, dtd.21.07.2025 in the court of the Executive Magistrate, Phulbani. I, Tutengi Kanhar, At-Lendriniga, PO-Sadingia, PS-Phiringia, Dist-Kandhamal, Odisha – 762011 have changed my name from Tutengi Dei to Tutengi Kanhar. Henceforth I shall be known as **Tutengi Kanhar** for all purposes.
Sd/- Tutengi Kanhar

**NOTICE**
By virtue of an affidavit sworn before The Notary Public, Sunabeda dated 24/07/2025 I, Sri jinu Kanwar, S/o- Arjuna Kanwar, Vill.- Gulpandi, Po.- Malibelgaon, Ps.- Nandapur, District- Koraput declare that, I ahve changed my sons name from **Abayab Kanwar** to **Ashish Kanwar**. henceforth, my son shall be known as **Ashish Kanwar** for all purposes.
Jinu Kanwar

**AFFIDAVIT**
I, Upasana Giri, D/o- Kishore Kumar Paria, resident of Brahmani H401, Vedanta Meadows, Bhurkamunda, P.O- Jharsuguda, P.S- Badmal, Dist- Jharsuguda, PIN- 768201, Odisha declare by this affidavit No. 3668, dated- 09/07/2025 that now onward I shall be known as **UPASANA PARIA** for all future purpose.

### ବିଧାୟକଙ୍କ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

# ଡାକ୍ତରଖାନାରେ ଅବ୍ୟବସ୍ଥା ନେଇ ଘୋର ଉଦ୍‌ବେଗ ପ୍ରକାଶ

ଡେରାବିଶ,୧।୮ (ସମିସ)



ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଆଜି ଅଚାନକ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟବ୍ୟବସ୍ଥା ପରଖିଥିଲେ। ଏଥିସହ ଡାକ୍ତରଖାନାରେ ଅବ୍ୟବସ୍ଥା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଡେରାବିଶ ବ୍ଲକର ୨୭ଟି ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ଏଥିସହିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଡେରାବିଶ ବ୍ଲକ ଚାଟରାକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ଅବସ୍ଥିତ ହୋଇଥିବାରୁ ଜାତୀୟ ରାଜପଥରେ ହେଉଥିବା ବହୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଆନ୍ତି। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସଠିକ୍ ଭାବେ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ନେଇ ବହୁ ଅଭିଯୋଗ ହୋଇଆସୁଥିଲା। ଏ ସମ୍ପର୍କରେ ଡେରାବିଶର ଜନସାଧାରଣ ଗତ ପଞ୍ଚାୟତ ସମିତି ବୈଠକରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ। ଆଜି ବିଧାୟକ ଶ୍ରୀ ମହାପାତ୍ର କାହାକୁ କିଛି ନ ଜଣାଇ ଅଚାନକ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ୱାର୍ଡରେ ରୋଗୀଙ୍କୁ ଭେଟି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ଏହି ଡାକ୍ତରଖାନାରେ ସେମାନେ ପାଉଥିବା ଚିକିତ୍ସା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରା, ବିପିଏମ୍ ଇପସିତା ମହାପାତ୍ର, ବିଏଏମ୍ ସଂଗ୍ରାମ କେଶରୀ ସାମନ୍ତରାୟ ଓ ବିଡିଏମ୍ ବିଶ୍ୱଜିତ ରାଉତ ପ୍ରମୁଖଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ପଦବୀ, ରୋଗୀଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ହେଉଥିବା ଡାକ୍ତରୀ ଉପକରଣ, ଆବଶ୍ୟକ ଡାକ୍ତରଖାନା ଗୃହ ଇତ୍ୟାଦି ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ, ଚକ୍ଷୁ ବିଭାଗ, ବହିର୍ବିଭାଗ, ଔଷଧ ବିତରଣ କେନ୍ଦ୍ର, ଅପରେସନ୍ ଥିଏଟର ଇତ୍ୟାଦି ବୁଲି ଦେଖିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗରେ ରହିଥିବା ପ୍ରସୂତି ଟେବୁଲରେ ଇଟା ଭାରା ଦିଆଯିବା ଓ ଔଷଧ ବିତରଣ କେନ୍ଦ୍ରରେ ଅବଧି ଶେଷ ହୋଇଥିବା ଔଷଧ ଦେଖି ବିରକ୍ତି ପ୍ରକାଶ କରିଥିଲେ। ସନ୍ଧ୍ୟା ପରେ ବିଦ୍ୟୁତ୍ କଟିଗଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅନ୍ଧକାର ହୋଇଯାଉଥିବାବେଳେ ବାହାରେ ଲାଗିଥିବା ସୋଲାର ଲାଇଟ୍ ଖରାପ ହୋଇଯାଇଥିବା ନେଇ ସ୍ଥାନୀୟ ଲୋକେ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ଏହାର ଉତ୍ତରରେ ବିଧାୟକ ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜେନେରେଟର ଯୋଗାଇ ଦେବା ପାଇଁ ସରକାରୀ ଭାବେ ବ୍ୟବସ୍ଥା କରିବେ ବୋଲି କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ପୂରଣ ଓ ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ କଥା ହେବେ ବୋଲି କହିଥିଲେ। ବିଧାୟକଙ୍କ ଏହି ଗସ୍ତରେ ବରିଷ୍ଠ ବିଜେଡି ନେତା ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ସୁକାନ୍ତ ଦ୍ୱିବେଦୀ, ଚାଟରାକଡ଼ା ସମିତିସଭ୍ୟ ନିରଞ୍ଜନ କର, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ବାଲିଆ ସରପଞ୍ଚ ପ୍ରତାପ ସିଂ, ଦିଲ୍ଲୀପ ଦାସ, ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

● ମଜାରେ ମଜାରେ ସଜା

## କେବୁଲ୍ ତାର ଗୁଡ଼େଇ ହୋଇ ଯୁବକ ମୃତ

ରାଜକନିକା,୧।୮ (ସମିସ): ସ୍ୱାମୀସ୍ତ୍ରୀ ମଧ୍ୟରେ ଗେଲ ହେଉ ହେଉ ସତରେ ସ୍ୱାମୀ ବେକରେ କେବୁଲ ତାର ଗୁଡ଼ାଇ କୋଠା ଘରର ବାଲକୋନୀରୁ ଡେଇଁ ପଡ଼ି ମୃତ୍ୟୁବରଣ କରିବା




ଖବର ସାରା ଗାଁରେ ଶୋକ ଖେଳାଇ ଦେଇଛି। ରାଜକନିକା ଥାନା ଅନ୍ତର୍ଗତ କାଟଣାବଣିଆଁ ପଞ୍ଚାୟତର ବିରାଡ଼ିଆ ଗ୍ରାମର କମଳା ବେହେରାଙ୍କ ସାନପୁଅ ତପନ ବେହେରା (୩୨)ଙ୍କ ଗୁରୁଗାଁଓରେ ଗତକାଲି ମୃତ୍ୟୁ ହୋଇଥିବା ଖବର ମିଳିଛି। ତପନ ପାଣି ପାଇପ ମିସ୍ତ୍ରି ଭାବେ କାମ କରନ୍ତି। ସେ ସ୍ତ୍ରୀ ଶଶୀକଳା ବେହେରା, ୯ ବର୍ଷର ପୁଅ ତୁଷାର ଓ ୧୧ ମାସର ଝିଅ ସହ ଗୁରୁଗାଁଓରେ ରହୁଥିବାବେଳେ ଗତକାଲି ଏମିତି ଅଘଟଣ ଘଟିଛି। ଜଣେ ଭେଣ୍ଡିଆ ଯୁବକଙ୍କ ଏମିତି ଅପ୍ରତ୍ୟାଶିତ ମୃତ୍ୟୁ ଖବର ପାଇ ସାରା ଗାଁରେ ଶୋକ ଖେଳାଇ ଦେଇଥିବାବେଳେ ସେଠାରେ ଆଜି ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରୋଜଗାରିଆ ପୁଅର ମୃତ୍ୟୁ ପରେ ପରିବାର ଅସହାୟ ହୋଇପଡ଼ିଛି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦଳାଦଣ୍ଡା ରାସ୍ତା ସଫେଇ



ପଞ୍ଚୁପାଣ୍ଡବ,୧।୮ (ସମିସ): ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲ ବନ୍ଧଠାରୁ ତ୍ରିପୁରାରିପୁର ପର୍ଯ୍ୟନ୍ତ ଦଳଦଣ୍ଡା ରାସ୍ତା ସଫେଇ ହୋଇଛି। ଏହି ରାସ୍ତା ଦେଇ ଲୋକେ ଚାଷ ସମୟରେ ହଳ ବଳଦଠାରୁ ଟ୍ରାକ୍ଟର ପର୍ଯ୍ୟନ୍ତ ନେଇ ଯାତାୟାତ କରନ୍ତି। ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀ ଏହାର ସମାଧାନ କଲେନାହିଁ। ଚଳିତ ବର୍ଷାଋତୁରେ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦେଖି ସ୍ଥାନୀୟ ଗ୍ରାମର ସମାଜସେବୀ ସୁଧୀର ଭୂୟାଁ ପଟ୍ଟାମୁଣ୍ଡାଇ କେନାଲ ବନ୍ଧଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ଛୋଟି ପଞ୍ଚାୟତର ତ୍ରିପୁରାରିପୁର ପର୍ଯ୍ୟନ୍ତ ରାସ୍ତା ସଫା କରିଥିଲେ। ଏହି ରାସ୍ତାର ପ୍ରାୟ ଏକ କିମି ପର୍ଯ୍ୟନ୍ତ ଜେସିବି ମେସିନ ସାହାଯ୍ୟରେ ସଫେଇ କରାଯାଇଛି। ଏହି ରାସ୍ତା ଦୀର୍ଘଦିନ ଧରି ସଫା ହୋଇ ନ ଥିବାରୁ ବେଣା ବୁଦା ଓ କଣ୍ଟା ଜାତୀୟ ଜଙ୍ଗଲରେ ପରିପୂର୍ଣ୍ଣ ରହିଥିଲା। ଏହି ସଫେଇ କାର୍ଯ୍ୟରେ ସମାଜସେବୀଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ଉକ୍ତ ଦଳଦଣ୍ଡା ରାସ୍ତାର ଉନ୍ନତିକରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପଦ୍ମଲୋଚନ ଧଳଙ୍କ ବିୟୋଗରେ ଶୋକ



ରାଜକନିକା,୧।୮ (ସମିସ): ରାଜକନିକା ବ୍ଲକ୍ କୋରନ୍ଦ ପଞ୍ଚାୟତ ନନ୍ଦିମାହାରା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ପଦ୍ମଲୋଚନ ଧଳ(୮୦)ଙ୍କ ବୁଧବାର ପରଲୋକ ହୋଇଛି। ଗତ ୧୦ ତାରିଖରେ ମସ୍ତିଷ୍କାଘାତରେ ପୀଡ଼ିତ ହେବା ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସେ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ତାଙ୍କର ପରଲୋକ ହୋଇଥିଲା। ସେ ଜଣେ ଶାନ୍ତ, ସରଳ, ଅମାୟିକ ବ୍ୟକ୍ତି ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିବାବେଳେ ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅବୋହୂ ଓ ସାନ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ବଡ଼ମା’ଙ୍କ ଜନ୍ମ ଦିବସ ପାଳିତ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧।୮ (ସମିସ): ପରମ ପୂଜ୍ୟା ବଡ଼ମାଙ୍କ ୧୩୨ତମ ଜନ୍ମ ଦିବସ ଅଳପୁଆ ସତସଙ୍ଗ କେନ୍ଦ୍ରରେ ସହପ୍ରତିଋତ୍ୱିକ ପ୍ରମୋଦ ଶତପଥୀଙ୍କ ନେତୃତ୍ୱରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଭୟ କୁମାର ଦାସ ଉପସ୍ଥିତ ଥିଲେ। ଏ ଅବସରରେ ଆୟୋଜିତ ସତ୍‌ସଙ୍ଗରେ ମୁଖ୍ୟବକ୍ତା ଭାବେ ପ୍ରମୋଦ ଶତପଥୀ ଯୋଗଦେଇ ଠାକୁରଙ୍କ ଲୀଳା ଓ ସମାଜକୁ ଠାକୁରଙ୍କ ଆଦର୍ଶର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସତସଙ୍ଗ ମନ୍ଦିରରେ ଉଷା ବିନତି ପ୍ରାର୍ଥନା ସହିତ ସଦଗ୍ରନ୍ଥାବଳୀ ପାଠ କରାଯାଇ ଶୁଭ ମୁହୂର୍ତ୍ତରେ ଜଗତଜନନୀ ଲକ୍ଷ୍ମୀ ମା’ଙ୍କ ଶୁଭ ଜନ୍ମଲଗ୍ନ ଘୋଷଣା କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଠାକୁରଙ୍କ ଧ୍ୱନି ଦେବା ସହିତ ଠାକୁରଙ୍କ ଗ୍ରନ୍ଥ ଆହ୍ୱାନ ବାଣୀ ପାଠ କରାଯାଇ ଗୁରୁଭାଇ, ଗୁରୁମାଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଅପରାହ୍ନ ୪ ଘଟିକାରେ ମାତୃ ସମ୍ମିଳନୀ ଆୟୋଜନ କରାଯାଇ ଲକ୍ଷ୍ମୀ ମା’ଙ୍କ ଆଦର୍ଶ ଜୀବନୀ ଓ ସମାଜ ପାଇଁ ନାରୀର ଭୂମିକା କିପରି ରହିବା ଆବଶ୍ୟକ ଗୁରୁମା’ ଆଲୋଚନା କରିଥିଲେ। ସନ୍ଧ୍ୟାରେ ବିନତୀ ପ୍ରାର୍ଥନା ପରେ ସତସଙ୍ଗ ସଂଗୀତାଞ୍ଜଳି କାର୍ଯ୍ୟକ୍ରମ ସହିତ ଋତିକଙ୍କ ଦ୍ୱାରା ଠାକୁରଙ୍କ ଭାବଧାରା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଳପୁଆ ସରପଞ୍ଚ ପଦ୍ମିନ ବେହେରା, ତରଡିପାଳ ସମିତସଭ୍ୟ ନିରଞ୍ଜନ ବାରିକ, ଶିକ୍ଷାବିତ୍ ଅଶୋକ ନାୟକ, ନରେନ୍ଦ୍ର ଧଳ, ସରୋଜକାନ୍ତ ଦାସ, ଦେବାଶିଷ ରାଉତ, ହୃଷିକେଶ ଦାସ, ରଶ୍ମୀକାନ୍ତ ବେହେରା, ରମାକାନ୍ତ ବେହେରା, ହୃଷିକେଶ ବାରିକ, ଅକ୍ଷୟ ସାହୁ, ପର୍ଶୁରାମ ସାହୁ, ଜ୍ଞାନରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା,୧।୮ (ସମିସ): କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କ ପକ୍ଷରୁ ନିକଟରେ ଅବସର ଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ୟାଙ୍କ ପରିଚାଳନା ସମିତି ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ କଜଳାସ୍ଥ ବ୍ୟାଙ୍କର ମୁଖ୍ୟ ଶାଖାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ, ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା, ଜେନେରାଲ ମ୍ୟାନେଜର ରାଜୀବଲୋଚନ ପଣ୍ଡା, ଜେନେରାଲ ମ୍ୟାନେଜର ସୁରେଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ମ୍ୟାନେଜର (ରିକଭରି) ରବୀନ୍ଦ୍ର କୁମାର ପାତ୍ର, ମ୍ୟାନେଜର (କ୍ରେଡିଟ) ଅନ୍ନଦା ପ୍ରସନ୍ନ କାନୁନଗୋ, ପୁରୁଣା ବସ୍‌ଷ୍ଟାଣ୍ଡ ଶାଖା ମ୍ୟାନେଜର



ସୁରେଶ ଚନ୍ଦ୍ର ନାୟକ ଓ ସେହି ଶାଖାର ପିଅନ ରମେଶ ଚନ୍ଦ୍ର ଜେନା ଓ ଚାନ୍ଦୋଳ ଶାଖାର ପିଅନ କାଳନ୍ଦୀ ଚରଣ ମିଶ୍ର ପ୍ରମୁଖଙ୍କୁ ବଳଦେବଜୀଉଙ୍କ ଫଟୋଚିତ୍ର, ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଶାଲ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏ ଅବସରରେ ସଭାପତି ଶ୍ରୀ ମହାନ୍ତି ଅବସରପ୍ରାପ୍ତ କର୍ମଚାରୀଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରି କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମ୍ୟାନେଜର ଲଲାଟେନ୍ଦୁ କେଶରୀ ଦାସ, ସହକାରୀ ମ୍ୟାନେଜର ଭଞ୍ଜକିଶୋର ଜେନା, ସିଷ୍ଟମ ମ୍ୟାନେଜର ଆଦିତ୍ୟ କୁମାର ଶତପଥୀ, ସହକାରୀ ମ୍ୟାନେଜର ବିଶ୍ୱରଞ୍ଜନ ଲେଙ୍କା, ସହକାରୀ ମ୍ୟାନେଜର(ଆକାଉଣ୍ଟସ) ସଂଗୀତା ନାୟକ, ସହକାରୀ ମ୍ୟାନେଜର (ଆକାଉଣ୍ଟସ) ସସ୍ମିତା ବିଶ୍ୱାଳ, ମ୍ୟାନେଜର (ଅଡିଟ) ହିମାଂଶୁ ଶେଖର ଲେଙ୍କା, ଟାଇପିଷ୍ଟ ଅରବିନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ଏନ୍ ହାଇସ୍କୁଲରେ ବନ ମହୋତ୍ସବ

ପଟ୍ଟାମୁଣ୍ଡାଇ,୧।୮ (ସମିସ): ପଟ୍ଟାମୁଣ୍ଡାଇ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ ରାଉତରାୟଙ୍କ ପୌରୋହିତ୍ୟ ଓ ଇକୋ କ୍ଲବ୍ ଶିକ୍ଷକ ତାପସ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲା ଇକୋ କ୍ଲବ୍ ସଂଯୋଜକ ଗୋପୀନାଥ ଦାସ ମୁଖ୍ୟଅତିଥି, ସ୍କୁଲ ପରିଚାଳନା ସମିତି ସଭାପତି ତପନ ଦାସ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଏନସିସି କ୍ୟାଡେଟ୍, ସ୍କାଉଟ ଗାଇଡ୍, ଇକୋ କ୍ଲବ, ଏନର୍ଜି କ୍ଲବର ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ



ବୃକ୍ଷ ରୋପଣ କରିଥିଲେ। ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅଶୋକ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନସିସି ଶିକ୍ଷକ ସରୋଜ ସ୍ୱାଇଁ ଓ ସାଂସ୍କୃତିକ ସଂଯୋଜିକା ଅନୀତା ଧଳ, ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ ଓ ୟୁଥ୍ ଆଣ୍ଡ ଇକୋ କ୍ଲବ ଶିକ୍ଷକ ଅନୀଲ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବୃକ୍ଷରୋପଣ ପାଇଁ ପିଲାଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ସୁଜୟ ରାଉତରାୟ, ଗୋମତୀ ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା, ରଶ୍ମିତା ତରାଇ, ମାନସୀ ମହାନ୍ତି, ତପସ୍ୱିନୀ ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ବିନୋଦ ନାଥ, ସ୍ମିତାପ୍ରଜ୍ଞା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୧।୮ (ସମିସ): କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଆଜି ବନ୍ୟାଞ୍ଚଳ ଗସ୍ତରେ ଯିବା ସମୟରେ ତାଙ୍କୁ ପଟ୍ଟାମୁଣ୍ଡାଇ କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାଶ, ଜିଲ୍ଲା ଓବିସି ଅଧ୍ୟକ୍ଷ ମଳୟ ଦାସ, ଜାତୀୟ ଯୁବ କଂଗ୍ରେସ ସମ୍ପାଦକ ସମ୍ରାଟ ଜେନା, ଯୁବନେତା ତପନ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ସେଠୀ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସୁଚିତ୍ରା ବିଶ୍ୱାଳ, ପୂର୍ବତନ କାଉନସିଲର ମାଳତୀ ପାତ୍ର ଓ ଦିଲ୍ଲୀପ ସେଠୀ, ଗୌରହରି ବିଶ୍ୱାଳ ପ୍ରମୁଖ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଧାୟକ ଦଳ ନେତା ଶ୍ରୀ କାଡାମଙ୍କ ସହିତ ଆଜି କଂଗ୍ରେସ ନେତ୍ରୀ ଡା ଦେବସ୍ମିତା ଶର୍ମା, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା ଓ କଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକ ଓ ପିସିସି ସଭ୍ୟ ସଞ୍ଜୟ ରାଉତ ପ୍ରମୁଖ ସାମିଲ ଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ପୌରାଞ୍ଚଳର ବନ୍ୟା ବିପନ୍ନ ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଓ ପିଇବା ପାଣି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ।

## ପ୍ରଫେସର ଦୁଃଶାସନ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୧।୮ (ସମିସ)

ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ ଦୁଃଶାସନ ପରିଡା ଅବସର ଗ୍ରହଣ କରିଥିବାରୁ ତାଙ୍କୁ କଲେଜ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ପ୍ରାଧ୍ୟାପକ ଡଃ ସୁନୀଲ ପ୍ରଧାନ, ଡଃ ରମେଶ ସାହୁ, ଡଃ ଫକୀର ପ୍ରଧାନ, ଡଃ ଅମୀୟ ଦାସ, ସର୍ବେଶ୍ୱର ସାହୁ, ପ୍ରମୋଦ ସ୍ୱାଇଁ, ଡଃ ଅଞ୍ଜଳି ଦାଶ, ନିବେଦିତା ପ୍ରଧାନ, ସରୋଜିନୀ ମିଶ୍ର, ରଞ୍ଜନ ବେହୁରା, ପ୍ରଦ୍ୟୁମ୍ନ ପ୍ରଧାନ, ରଞ୍ଜନ ଗାହାଣ, ଅରବିନ୍ଦ ପାଣ୍ଡବ, ସୁଭାଶିଷ ମିଶ୍ର, ମାନସ ନାୟକ, ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଶ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଉପସଭାପତି ରାଜେନ୍ଦ୍ର ଦାଶ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ବିଶ୍ୱନାଥ ସାହୁ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଏଚ୍‌ଆଇଭି କୁଇଜ୍ ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୧।୮ (ସମିସ)

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ୍‌ର ପିଏମ୍‌ଶ୍ରୀ ସୁଦର୍ଶନ ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଜୁନିୟର ରେଡକ୍ରସର ମିଳିତ





ଆୟୋଜନରେ ଜିଲ୍ଲାସ୍ତରୀୟ ଏଚଆଇଭି/ଏଡସ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମାଜ ଦ୍ୱାରା ଏଡସ ସଚେତନତା ଉଦ୍ଦେଶ୍ୟରେ ପ୍ରଥମେ ବିଦ୍ୟାଳୟ ସ୍ତରରେ ଓ ପରେ ବ୍ଲକ୍ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରତି ବ୍ଲକରୁ ଦୁଇଜଣ ଲେଖାଏଁ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ। କୁରୁଜଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଦିବ୍ୟାଶ୍ରୀ ଦାସ ଓ ନିଆଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ରୋହିତ ରାଉତ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ଉଭୟଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥଲା। ରାଜନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ତନୁଶ୍ରୀ ବେହେରା, ହାଟସାହି ଉଚ୍ଚବିଦ୍ୟାଳୟ ଛାତ୍ର ସୌମ୍ୟରଞ୍ଜନ ପଡ଼ିଆରୀ, ହାତୀନା ଏଲବି ହାଇସ୍କୁଲ ଛାତ୍ରୀ ଆୟୁସ୍ମିତା ସାହୁ ଓ ପାଳକଣା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ତନଭୀ ତମନ୍ନାଙ୍କୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ପିଏମଶ୍ରୀ ସୁଦର୍ଶନ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କନକଲତା ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ନିରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ଡିଆଇଏସ ବ୍ରଜକିଶୋର ଜେନା ଓ ଆଇସିଟି ମାର୍ଗଦର୍ଶକ ଦେବେନ୍ଦ୍ର ରାଉତ ଯୋଗଦେଇ ସଚେତନତା ବାର୍ତ୍ତା ଦେବାସହ ସଚେତନ ହେଲେ ଶୂନ୍ୟ ନୂତନ ଏଚଆଇଭି ସଂକ୍ରମଣ ଲକ୍ଷ୍ୟ ସାଧନ କରିହେବ ବୋଲି କହିଥିଲେ। ଜୁନିୟର ରେଡ୍‌କ୍ରସ ମାର୍ଗଦର୍ଶକ ରାମଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଜୁନିୟର ରେଡ୍‌କ୍ରସ ବ୍ଲକ ସଂଯୋଜକ ଶୁଭେନ୍ଦୁ ନାୟକ, ସ୍ମୃତିକାନ୍ତ ସାହୁ, ସଂଯୋଜିକା ଅମିତା ରାଉତ ଓ ଅର୍ପିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମାଳିପୁରରୁ ବଳଭଦ୍ରପୁର ରାସ୍ତା କାମରେ ଦୁର୍ନୀତି ଅଭିଯୋଗ

# ସୂଚନା କର୍ମୀଙ୍କୁ ମନାଇବାରେ ଠିକାଦାର ବିଫଳ

ପଟ୍ଟାମୁଣ୍ଡାଇ/ମାଳିପୁର,୧।୮ (ସମିସ)

ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ପରେ ରାସ୍ତା କାମ କରିଥିବା ଠିକାଦାର ସୂଚନା କର୍ମୀଙ୍କୁ ଟଙ୍କା ଯାଚି ମନାଇବାକୁ ପ୍ରୟାସ କରି ନିରାଶ ହୋଇଛନ୍ତି। ଅନ୍ୟପକ୍ଷରେ ସରକାରଙ୍କୁ ଭୁଲ ତଥ୍ୟ ଦେଇ ରାସ୍ତା ନିର୍ମାଣ ପାଇଁ ଆସିଥିବା ୬ କୋଟି ଟଙ୍କାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ହଡ଼ପ କରିବାକୁ ମସୁଧା ଚଳାଇଛନ୍ତି। ଏ ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଥିବାବେଳେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସମ୍ପ୍ରତି ମାଳିପୁରଠାରୁ ବଳଭଦ୍ରପୁର ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଟିଆରଆଇପି ସ୍କିମ) ରେ ନିର୍ମାଣ ହୋଇଥିବା ରାସ୍ତା କାମରେ ଦୁର୍ନୀତି ବିରୁଦ୍ଧରେ ଅଞ୍ଚଳବାସୀଙ୍କ ପକ୍ଷରୁ ଭିଜିଲାନ୍ସ ତଦନ୍ତ ପାଇଁ ଅଭିଯୋଗପତ୍ର ଦିଆଯିବା ସହିତ କେନ୍ଦ୍ରାପଡ଼ା ଗ୍ରାମ୍ୟ ନିର୍ମାଣ ବିଭାଜନ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ବଳରେ ରାସ୍ତା ନିର୍ମାଣ ସମ୍ପର୍କିତ ତଥ୍ୟ ମଗାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ମାଧ୍ୟମରେ କୈଫିୟତ ତଲବ କରାଯାଇଥିଲା। ବିଭାଗ ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନ ଥିଲା। ଅଭିଯୋଗକାରୀ ଗତ ଜୁଲାଇ ୬ ତାରିଖରେ ତଦନ୍ତ ପାଇଁ ପୁନଃଆବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଉକ୍ତ କାର୍ଯ୍ୟର ତଦନ୍ତ ପାଇଁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ତଦନ୍ତରୁ ବର୍ତ୍ତିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସୂଚନା ଅଧିକାର କର୍ମୀଙ୍କୁ ଆପୋଷ ସମାଧାନ ପାଇଁ ଫୋନ ଯୋଗେ ଡାକିଥିଲେ। କିନ୍ତୁ ସୂଚନା କର୍ମୀ ଆପୋଷ ସମାଧାନକୁ ମନା କରିବା ପରେ ଠିକାଦାର ସୂଚନା କର୍ମୀଙ୍କୁ ଟଙ୍କା ନେଇ ଚୁପ୍ ରହିବାକୁ ଅନୁରୋଧ କରିଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ନିଜକୁ ଓ ଠିକାଦାରଙ୍କୁ ଭିଜିଲାନ୍ସ ଜାଲରୁ ବଞ୍ଚାଇବା ପାଇଁ ସରକାରଙ୍କୁ ଭୁଲ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୁଖ୍ୟ ଶାସନ ସଚିବ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ବିଭାଗ ପକ୍ଷରୁ ଦିଆଯାଇଥିବା ଚିଠି ଅନୁସାରେ ଗତ ଜୁଲାଇ ୧୧ ତାରିଖରେ କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରଜ ବିଶ୍ୱାଳ, ପଟ୍ଟାମୁଣ୍ଡାଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତ, ରାଜକନିକା ସବଡିଭିଜନର ପୂର୍ବତନ ସହନିର୍ବାହୀ ଯନ୍ତ୍ରୀ ଅୟସକାନ୍ତ ମହାପାତ୍ର, ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ନିର୍ମାଣ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ସୁବାସ ଖଟୋଇ, କାର୍ଯ୍ୟ କରିଥିବା ସଂସ୍ଥାର ଠିକାଦାର ବିଜୟ ମହାନ୍ତି, ବିଭାଗୀୟ କର୍ମଚାରୀ ହୃଷିକେଶ ବିଶ୍ୱାଳ, ପ୍ରଦୀପ ନନ୍ଦ ପ୍ରକଳ୍ପ ସ୍ଥାନରେ ପହଞ୍ଚି ସୂଚନା ଫଳକ ଲାଗିଥିବା ସ୍ଥାନରେ ଠିଆହୋଇ ପ୍ରକଳ୍ପ କାର୍ଯ୍ୟ ଠିକ୍ କରାଯାଇଥିବା ମିଥ୍ୟା ଫଟୋ ଉଠାଇ ସରକାରଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ମାଳିପୁରଠାରୁ ଡାମରପୁର ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ଭଲ ଥିବା ଓ ରାସ୍ତାର ଉଭୟ ପାଶ୍ୱର୍ରେ ଘର ଥିବାରୁ ରାସ୍ତା ନିର୍ମାଣ ପାଇଁ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ଏହି ସ୍ଥାନରେ କାର୍ଯ୍ୟ କରା ନ ଯାଇ ରାଘବପୁରଠାରୁ କାର୍ଯ୍ୟ ଆରମ୍ଭ ହୋଇଥିବା ଦର୍ଶାଇଥିଲେ।



ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ରାଘବପୁରଠାରୁ ମାତ୍ର ଦୁଇଶହ ମିଟର କାର୍ଯ୍ୟ ହୋଇଛି। ଏବେ ମଧ୍ୟ ରାସ୍ତା କାମ ଅଧାପନ୍ତରିଆ ହୋଇପଡ଼ିରହିଛି। ମାଳିପୁରଠାରୁ ଡାମରପୁର ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତାର ଉଭୟ ପାଶ୍ୱର୍ ଫାଙ୍କା ଓ ରାସ୍ତାର ଉଭୟ ପାଶ୍ୱର୍ରେ ପର୍ଯ୍ୟାପ୍ତ ସରକାରୀ ଜାଗା ରହିଛି। କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାର ସରକାରୀ ଅନୁଦାନ ଅର୍ଥ ଚଳୁ କରିବା ପାଇଁ କାମ ନ କରି ସରକାରଙ୍କୁ ମିଛ ତଥ୍ୟ ପ୍ରଦାନ କରିଛନ୍ତି।

ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନିର୍ମାଣ କରାଯାଇଥିବା ମାଳିପୁରଠାରୁ ଡାମରପୁର ପର୍ଯ୍ୟନ୍ତ ରାସ୍ତା ଓ ଦୁଇବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିବା ଡାମରପୁରଠାରୁ ବଳଭଦ୍ରପୁରପୁର ପର୍ଯ୍ୟନ୍ତ ରାସ୍ତାକୁ ଦେଖାଇ ଏବଂ ମାଳିପୁର ପୂର୍ତ୍ତ ବିଭାଗ ରାସ୍ତା ନିକଟରୁ ଅଳ୍ପ କିଛି ରାସ୍ତାକୁ ଢଳେଇ କରି ଫଟୋ ଉଠାଇ ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ୬ କୋଟି ଟଙ୍କା ହଡପ କରିବା ଯୋଜନା ଧରାପଡିଯାଇଛି। ଅନ୍ୟପକ୍ଷରେ ଅଞ୍ଚଳବାସୀଙ୍କ ଅଭିଯୋଗକୁ ଭିତ୍ତି କରି ‘ସକାଳ’ରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଉଚ୍ଚ ପଦାଧିକାରୀ ଓ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଗ୍ରାମ୍ୟ ନିର୍ମାଣ ବିଭାଜନ କାର୍ଯ୍ୟାଳୟକୁ କୈଫିୟତ ତଲବ କରାଯାଇଛି। ତରବରିଆ ଭାବେ ବିଭାଗୀୟ ଅଧିକାରୀ ସରକାରଙ୍କୁ ପ୍ରଦାନ କରିଥିବା ରିପୋର୍ଟରେ ତିନିଜଣ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିଥିବାବେଳେ ଏହି ତିନିଜଣ ବ୍ୟକ୍ତି ରାସ୍ତା କାମ ଠିକ ଭାବେ କରାଯାଇଛି ଓ ସ୍ଥାନୀୟ ଅଧିବାସୀ ବିଭାଗକୁ ପ୍ରଶଂସା କରିଥିବା ବିଭାଗୀୟ ଅଧିକାରୀଙ୍କୁ ରିପୋର୍ଟ କରିଥିବା କୁହାଯାଇଛି। ସରକାରଙ୍କୁ ଭୁଲ ତଥ୍ୟ ପ୍ରଦାନ କରିଥିବା ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉତିକଣ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି, ବରିଷ୍ଠ ସଦସ୍ୟ ରମାକାନ୍ତ ଦାଶ, ତୀର୍ଥ ପରିଡା, ଆଶିଷ ମଲିକ, ରଞ୍ଜନ ରାଉତ, ବୁଟୁନା ପଣ୍ଡା, ନିରଞ୍ଜନ ଦାସ, ଅଜୟ ସେନ, ମୁରଲୀଧର ସେଠୀ, ଅର୍ଜୁନ ସାହୁ, ଭ୍ରମରବର ନାୟକ ପ୍ରମୁଖ ଦାବି କରିଛନ୍ତି।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ପ୍ରାକ୍ତନ ସାଂସଦ



ଖଜୁରିଆକଟା, ୧।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ୩ ଜଣଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ଗୁରୁବାର ପୂର୍ବାହ୍ନରେ ହାତୀ ଆକ୍ରମଣରେ ବାଘଧରିଆ ଗ୍ରାମର ଝୁଲଣ ଦେହୁରୀ, କରୁଣାକର ଦେହୁରୀ ଏବଂ ଶଶି ଦେହୁରୀଙ୍କ ମୃତ୍ୟୁ ହୋଇଥିଲା। ପୂର୍ବତନ ସାଂସଦ ସାହୁ ଶୁକ୍ରବାର ଗ୍ରାମରେ ପହଞ୍ଚି ପହଞ୍ଚି ସେମାନଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ହିନ୍ଦୋଳରେ ହାତୀ ଆକ୍ରମଣ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିବାବେଳେ ହାତୀ ଉପଦ୍ରବରୁ ଲୋକଙ୍କୁ ସୁରକ୍ଷା ଦେବାପାଇଁ ପ୍ରଶାସନ ଏବଂ ଜଙ୍ଗଲ ବିଭାଗ ଅଧିକ ତତ୍ପର ହୋଇ କାର୍ଯ୍ୟ କରିବାକୁ ସେ ଦାବି କରିଛନ୍ତି। ପୂର୍ବତନ ସାଂସଦ ସାହୁଙ୍କ ସହ ନୂଆବଗ ସରପଞ୍ଚ ମାନସ ଦେହୁରୀ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସରପଞ୍ଚଙ୍କ ଭିଡିଓ ବାର୍ତ୍ତା ବିରୋଧରେ ଥାନାରେ ଅଭିଯୋଗ

ଗଁଦିଆ, ୧।୮ (ସମିସ)

ପୂର୍ବତନ ବିଧାୟକ ନବୀନ ନନ୍ଦ ଶୁକ୍ରବାର ନିଜ ସମର୍ଥକଙ୍କ ସହ ଗଁଦିଆ ଥାନାରେ ପହଞ୍ଚି ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ ତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ସାମାଜିକ ଗଣମାଧ୍ୟମରେ କରିଥିବା ଭିଡିଓ ବାର୍ତ୍ତା ବିରୋଧରେ ଅଭିଯୋଗ କରିଛନ୍ତି। ଦୁଇଦିନ ତଳେ ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ସରକାରଙ୍କ ରଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଗନ୍ଦିଆ ବ୍ଲକ ବେଲମାଳିଆ ଗ୍ରାମରେ କେତେଜଣ ଗ୍ରାମବାସୀ ରାସ୍ତାରେ ପଥର ଥୋଇ ତାଙ୍କୁ ଅଟକାଇ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି କାହିଁକି ପାଳନ କରାଯାଇ ନାହିଁ ବୋଲି ପ୍ରଶ୍ନ ପଚାରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଏହି ଘଟଣାରେ ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କୁ ଦାୟୀ କରି ଗୁରୁବାର ଏକ ଭିଡିଓ ବାର୍ତ୍ତା ଜାରି କରିଥିଲେ। ଏହି ଭିଡିଓରେ ସେ ପୂର୍ବତନ ବିଧାୟକ ନନ୍ଦ ଓ ତାଙ୍କ ପରିବାର ବିରୋଧରେ ଅନେକ ସମ୍ମାନହାନି ସୂଚକ ମନ୍ତବ୍ୟ ଦେଇ ବିଭିନ୍ନ ଅଭିଯୋଗ କରିଥିଲେ।




ଏଥିରେ ପୂର୍ବତନ ବିଧାୟକ ନନ୍ଦ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଗନ୍ଦିଆ ଥାନା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇ ଗୁରୁବାର ସେ ଜିଲ୍ଲା ବାହାରେ ଥିବାରୁ ଅନଲାଇନ୍‌ରେ ଏଫ୍‌ଆଇଆର ଦେଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସେ ବ୍ୟକ୍ତିଗତ ଭାବେ ଥାନାରେ ପହଞ୍ଚି ସରପଞ୍ଚଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ଏହି ଘଟଣାରେ ତାଙ୍କ ସମ୍ମାନ କ୍ଷୁଣ୍ଣ ହେବା ସହ ତାଙ୍କ ପରିବାରର ସମ୍ମାନ ମଧ୍ୟ କ୍ଷୁଣ୍ଣ ହୋଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ନନ୍ଦ ଶୁକ୍ରବାର ସକାଳେ ସାମାଜିକ ଗଣମାଧ୍ୟମରେ ଏହି ଘଟଣା ସମ୍ବନ୍ଧରେ ବିସ୍ତୃତ ବିବରଣୀ ରଖି ସରକାରରେ ଥିବା ଜିଲ୍ଲା ନେତୃତ୍ୱ ବ୍ୟକ୍ତିଗତ ଅସୂୟାଠାରୁ ଦୂରରେ ରହି ଯେଉଁ ଆଶା ଓ ଭରସା ନେଇ ଲୋକେ ବିଜେପିକୁ କେନ୍ଦ୍ର ଓ ରାଜ୍ୟରେ ସରକାରକୁ ଆଣିଛନ୍ତି ସେମାନଙ୍କର ଦାବିଗୁଡ଼ିକୁ ସହୃଦୟତାର ସହ ବିଚାରକୁ ନେଇ ସରକାରଙ୍କ ଦୃଷ୍ଟିକୁ ଆଣି ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ପୂର୍ବତନ ବିଧାୟକ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି।

# ଢେଙ୍କାନାଳ ବାଣିଜ୍ୟ ମେଳା ଉଦ୍‌ଘାଟିତ

ଢେଙ୍କାନାଳ, ୧।୮ (ସମିସ): ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟ ସମ୍ମୁଖ କଂଗ୍ରେସ ପଡ଼ିଆରେ ବାଣିଜ୍ୟ ମେଳା ଶୁଭାରମ୍ଭ ହୋଇଛି। ଜିଲ୍ଲା କଂଗ୍ରେସ ସଂଯୋଜକ ଛବିରାଜ ବିଶ୍ୱାଳ ଫିତାକାଟି ମେଳାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ସମରେନ୍ଦ୍ର ନନ୍ଦ, ମହମ୍ମଦ ଅର୍ସଦ, ସରୋଜ ଶତପଥୀ, ଜିଲ୍ଲା କଂଗ୍ରେସର ପୂର୍ବତନ ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ବରିଷ୍ଠ ସଦସ୍ୟ ନୁରୁଲ ଇସଲାମ, ରୁମେନା ବେଗମ୍, ବିଷ୍ଣୁଚରଣ ସାହୁ, ସୌମ୍ୟକାନ୍ତ ସାହୁ, ଶୁଭ୍ରଜିତ୍ ସାହୁ, ଶୁଭେନ୍ଦୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ସଭ୍ୟ ମେଳାର ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଆଜିଠାରୁ ୨୦ ଦିନ ଧରି ମେଳା ଅନୁଷ୍ଠିତ ହେବ ବୋଲି ମେଳାର ପରିଚାଳକ ମହମ୍ମଦ ଆଲାମ ସୂଚନା ଦେଇଛନ୍ତି।

# କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପରଜଙ୍ଗ, ୧।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଙ୍କଡ଼ାସୋଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନରେନ୍ଦ୍ର କୁମାର ଗନ୍ତାୟତ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ହିନ୍ଦୋଳ ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ ମୁଖ୍ୟଅତିଥି, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ ମୁଖ୍ୟବକ୍ତା, ଆମ୍ବପଳାସ ଅଭିମନ୍ୟୁପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ପଣ୍ଡା, ଅସିତ୍ କୁମାର ପଣ୍ଡା, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଶରତ ଚନ୍ଦ୍ର ଦଳେଇ, ସରପଞ୍ଚ ଦିବ୍ୟାଭାରତୀ ସିଂହ, କଙ୍କଡ଼ାସୋଡ଼ା ଗ୍ରାମ୍ୟ କମିଟି ସଭାପତି ଦଣ୍ଡଧର ସିଂହ, ପୂର୍ବତନ ଗ୍ରାମ୍ୟ କମିଟି ସଭାପତି ପୀତବାସ ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ୨୮ ବର୍ଷ ଧରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ପଶିକ୍ଷଣ ଦେଇଥିବା ଶିକ୍ଷକ ଗନ୍ତାୟତଙ୍କୁ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ତଥା ବିଦ୍ୟାଳୟର ପୁରାତନ ଛାତ୍ର ଅଜିତ୍ କୁମାର ଦାସ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ସଞ୍ଚାଳନ କରିଥିଲେ।



# ୫ ହଜାର ଚାରା ରୋପଣ କଲେ ଯାଦୁଗର



ହିନ୍ଦୋଳ, ୧।୮ (ସମିସ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଗୀତ ଓ ନାଟକ ପ୍ରଭାଗର ସ୍ୱୀକୃତିପ୍ରାପ୍ତ ଯାଦୁଗର ହିନ୍ଦୋଳ ମାଟିର ପୁଅ ବିମଳ କୁମାର ବିଶ୍ୱାଳ ୧୯୯୯ରୁ ଆଣ୍ଡାମାନ, ଓଡ଼ିଶା, ପଶ୍ଚିମବଙ୍ଗ, ସିକିମରେ ଯାଦୁଖେଳ ମାଧ୍ୟମରେ ପ୍ରଚାର ପ୍ରସାର କରିଆସୁଛନ୍ତି। ଯାଦୁବିଦ୍ୟା ପ୍ରଦର୍ଶନ କ୍ଷେତ୍ରରେ ତାଙ୍କ ୨୫ ବର୍ଷ ପୂର୍ତ୍ତି ଅବସରରେ ପୈତୃକ ଗାଁ ବାଙ୍ଗୁରେ ସେ ୫ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରିଛନ୍ତି। ବଙ୍ଗୁ, କଲଣ୍ଡା, ପଡ଼ା ଅଞ୍ଚଳରେ ଦୀର୍ଘଦିନ ହେବ ୫ରୁ ଊର୍ଦ୍ଧ୍ୱ ହାତୀ ରହିଆସୁଥିବା ବେଳେ ସେମାନଙ୍କ ଖାଦ୍ୟ ଜଙ୍ଗଲରେ ମିଳିପାରୁନାହିଁ। ଫଳରେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲୀ ହାତୀ ଗାଁମୁହାଁ ହେଉଛନ୍ତି। ଏହାଦ୍ୱାରା ହାତୀ-ମଣିଷ ଲଢ଼େଇ ଲାଗି ରହିଛି। କେତେବେଳେ ହାତୀ ଜୀବନ ଯାଉଛି ତ କେତେବେଳେ ମଣିଷ ମୃତ୍ୟୁମୁଖରେ ପଡ଼ୁଛି। ଏହି ଚାରା ରୋପଣ ଦ୍ୱାରା ଉଭୟ ମଣିଷ ଓ ପଶୁପକ୍ଷୀ ସେମାନଙ୍କ ଖାଦ୍ୟ ପାଇପାରିବେ ବୋଲି ସେ କହିଛନ୍ତି। ଗାଁ ନିକଟ ଜଙ୍ଗଲରେ ଆମ୍ବ, ପଣସ, ଜାମୁ ଆଦି ବିଭିନ୍ନ ଚାରା ରୋପଣ କରିଛନ୍ତି। ପରିବେଶ ସୁରକ୍ଷା କ୍ଷେତ୍ରରେ ଅବଦାନ ପାଇଁ ସେ ୨୦୦୯ରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହାଛଡ଼ା ଓଡ଼ିଶା ସରକାରଙ୍କ ଦ୍ୱାରା ମୁଁ ହିରୋ, ମୋ ଓଡ଼ିଶା, ମାଟିଭାଷା, ଆମ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଆଗାମୀ ଗୋଟିଏ ମାସ ଭିତରେ ଉପଖଣ୍ଡର ବିଭିନ୍ନ ଗ୍ରାମରେ ସେ ଚାରା ରୋପଣ କରିବେ ବୋଲି କହିଛନ୍ତି।

# ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ

ଢେଙ୍କାନାଳ, ୧।୮ (ସମିସ): ଟାଟା ଷ୍ଟିଲ ମେରାମଣ୍ଡଳୀର ସୁରକ୍ଷା, ଅଗ୍ନି ନିରାପତ୍ତା, ସିଏସଆର୍ ଓ ପ୍ରଶାସନ ବିଭାଗ ମିଳିତ ଉଦ୍ୟମରେ ଖଡ଼ଗପ୍ରସାଦ ହାଇସ୍କୁଲରେ ଅଗ୍ନି ନିର୍ବାପନ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କୁ ଏ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଗ୍ନି ନିରାପତ୍ତା ସମ୍ପର୍କିତ କୌଶଳ ତଥା ଘରେ ବ୍ୟବହୃତ ହେଉଥିବା ବିପଦପୂର୍ଣ୍ଣ ଉପକରଣ ଯୋଗେ ଆଶଙ୍କା ଥିବା ଅଘଟଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଚେତନ କରଯାଇଥିଲା। କିପରି ଏହିସବୁ ବିପର୍ଯ୍ୟୟ ଓ ଅଘଟଣର ମୁକାବିଲା କରାଯିବ ସେ ସମ୍ପର୍କରେ କ୍ଲାସରୁମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ଫାୟାର ଟେଣ୍ଡର ଓ ଅନ୍ୟ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଟାଟା ଷ୍ଟିଲ ତରଫରୁ ଏହି ସଚେତନତାମୂଳକ ପଦକ୍ଷେପ ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଧନ୍ୟବାଦ ଜଣାଇଥିଲେ। ଟାଟା ଷ୍ଟିଲ ମେରାମଣ୍ଡଳୀ ତରଫରୁ ଏଭଳି କାର୍ଯ୍ୟକ୍ରମ କମ୍ପାନୀର ଆଖପାଖ ଗ୍ରାମାଞ୍ଚଳ ତଥା ବିଦ୍ୟାଳୟଗୁଡ଼ିକରେ ନିୟମିତ ଆୟୋଜନ କରାଯାଇ ସଚେତନ କରାଯାଉଛି।



# ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ପରଜଙ୍ଗ, ୧।୮ (ସମିସ): ଶୁକ୍ରବାର ଅପରାହ୍ନରେ ବାଇକ ଦୁର୍ଘଟଣା ଘଟି ଢେଙ୍କାନାଳ ଜିଲ୍ଲା ମହାବିରୋଡ୍ ଥାନା ବିରିବିଲେଇ ପଞ୍ଚାୟତ ଜାଙ୍ଗୁ ଗ୍ରାମର କବିରାଜ ନାଏକଙ୍କ ପୁଅ ସୁନୀଲ ନାଏକ ଗୁରୁତର ଆହତ ହୋଇଛନ୍ତି। ସୁନୀଲ ମହାବିରୋଡ୍‌ରୁ ଘରକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ବାଇକରୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# ଏନଏସି ପକ୍ଷରୁ ସାମଗ୍ରୀ ବଣ୍ଟନ



ଭୁବନ, ୧।୮ (ସମିସ): ଭୁବନ ଏନ୍‌ଏସି ପକ୍ଷରୁ ସଫେଇ କର୍ମଚାରୀଙ୍କୁ ସାମଗ୍ରୀ ବଣ୍ଟନ କରାଯାଇଛି। ବାଜି ରାଉତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ ସାହୁ ଅଧ୍ୟକ୍ଷତା କରି ସଫେଇ ସଂସ୍ଥା ପ୍ରତ୍ୟୁଷ ପକ୍ଷରୁ କର୍ମଚାରୀଙ୍କୁ ସୁରକ୍ଷା ସମାଗ୍ରୀ ବଣ୍ଟନ କରିଥିଲେ। ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ସଂସ୍ଥାର ପ୍ରତିନିଧି ସତ୍ୟଜିତ ରାଉତଙ୍କ ସମେତ ସମସ୍ତ କାଉନସିଲର ଯୋଗଦେଇଥିଲେ। ସ୍ୱଚ୍ଛ ସର୍ଭେ ଅନୁଯାୟୀ ରାଜ୍ୟ ସ୍ତରରେ ୧୩ତମ ଓ ଜାତୀୟ ସ୍ତରରେ ୧୫୨ତମ ସ୍ଥାନ ଅଧିକାର କରିଛି ଭୁବନ ଏନ୍‌ଏସି। ଏହାକୁ ଏକ ନମ୍ବର କରିବାକୁ ଚେଷ୍ଟା ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ବେଜ କହିଛନ୍ତି।

# ନୂତନ ଅପରାଧିକ ଆଇନ ସମ୍ପର୍କିତ ସଚେତନତା



ଗଁଦିଆ, ୧।୮ (ସମିସ): ଗଁଦିଆ ଥାନା ପରିସରରେ ଶୁକ୍ରବାର ଆମ ପୁଲିସ ସମିତି ବୈଠକ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଶିବିରରେ ଯୋଗଦେଇଥିବା ସ୍ଥାନୀୟ ସହଦେବ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କୁ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ସଚେତନ କରାଯାଇଛି। କୋମଳମତି ପିଲାମାନେ ମୋବାଇଲ ବ୍ୟବହାରଠାରୁ ଦୂରେଇ ରହିବା, ଯଦି ଅଜଣା ନମ୍ବରରୁ ଫୋନ ଆସେ ତାହାକୁ ଗ୍ରହଣ ନ କରିବା, ଫେସବୁକ ଓ ହ୍ୱାଟ୍ସଆପ, ଅନଲାଇନ, ସାଇବର ଠକେଇ, ଗୁଡ୍ ଟଚ୍, ବ୍ୟାଡ୍ ଟଚ୍ ଆଦି ବିଷୟରେ ସଚେତନ ରହିବା, ନିହାତି ଆବଶ୍ୟକ ନ ଥିଲେ କେବେ ମୋବାଇଲ ବ୍ୟବହାର ନ କରିବା ଆଦି ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ପିଲାମାନେ ମୋବାଇଲଠାରୁ ନିଜକୁ ଦୂରେଇ ରଖିବେ ବୋଲି ଶପଥ ନେଇଥିଲେ। ଥାନା ଏସ୍‌ଆଇ ସୁକାନ୍ତି ସାହୁ ଶିବିର ପରିଚାଳନା କରିଥବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ।

# କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ହିନ୍ଦୋଳ, ୧।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଦୁଦୁରକୋଟ ଜନତାରାଜ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଗାୟତ୍ରୀ ପଟ୍ଟନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମୋ ସ୍କୁଲ ଅଭିଯାନ ସଭାପତି ରତିକାନ୍ତ ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଝୁନୁ ପଣ୍ଡା, ସମାଜସେବୀ ପୁଷ୍ପାଞ୍ଜଳି ମିଶ୍ର, ସୁକାନ୍ତି ରାଉତ, ଶିକ୍ଷୟତ୍ରୀ ବେଲେରିକା ଧୀର, ପ୍ରଦ୍ୟୁମ୍ନ କୁମାର ସାମଲ, ସୋନାଲି ଚୌଧୁରୀ, ଜମ୍ବେଶ୍ୱର ସାହୁ, ଶରତ ଚନ୍ଦ୍ର ମହାପାତ୍ର, ରୁନୁବାଳ ପ୍ରଧାନ ଓ କ୍ଷୀରୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷୟତ୍ରୀଙ୍କୁ ଉପହାର ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ହରିହର ନାଥ ସଭା ସଂଯୋଜନା କରିଥିଲେ।




# ନିଃସହାୟ ମହିଳାଙ୍କୁ ଠକିଦେଲେ ଏଲଆଇସି ଏଜେଣ୍ଟ !

ହିନ୍ଦୋଳ, ୧।୮ (ସମିସ)

ଜଣେ ନିଃସହାୟ ମହିଳାଙ୍କୁ ପ୍ରଲୋଭନ ଦେଖାଇ ଜଣେ ଏଲ୍‌ଆଇସି ଏଜେଣ୍ଟ ଚଞ୍ଚକତା ପୂର୍ବକ ଟଙ୍କା ଠକିନେଇଥିବା ରାସୋଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ରାସୋଳ ଥାନା ଅଞ୍ଚଳର ମିନତୀ ଦେହୁରୀ (୫୫) ନିକଟସ୍ଥ ବାଲିସାହି

**● ଥାନାରେ ଅଭିଯୋଗ, ୧୮ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ**


ଗ୍ରାମର ଏଲଆଇସି ଏଜେଣ୍ଟ ସଞ୍ଜୟ ସାହୁଙ୍କ ପାଖରେ ୨୦୦୬ ମସିହାରେ ଗୋଟିଏ ବୀମା ପଲିସି କରିଥିଲେ। ସେହିଦିନଠାରୁ ମିନତୀ ସଞ୍ଜୟଙ୍କୁ ବାର୍ଷିକ ୪୫୦୦ ଟଙ୍କା ଦେଇ ଆସୁଥିବା ବେଳେ ସଞ୍ଜୟ ଷ୍ଟାମ୍ପ ଲଗାଇ



ହାତଲେଖା ରସିଦ ଦେଇ ଆସୁଥିଲେ। ୨୦୧୩ରୁ ସଞ୍ଜୟ ତାଙ୍କୁ ଅରିଜିନାଲ ରସିଦ ଦେଇଆସୁଥିଲେ ମଧ୍ୟ ନିଜ ପାଖରେ ବଣ୍ଡ ରଖିଥିଲେ। ମିନତୀଙ୍କର ସନ୍ଦେହ ହେବାରୁ ସଞ୍ଜୟଙ୍କୁ ବଣ୍ଡ ମାଗିଥିଲେ। ତେବେ ବଣ୍ଡରେ ପଲିସିଟି ୨୦୦୬ ପରିବର୍ତ୍ତେ ୨୦୧୩ରେ ହୋଇଥିବା ଜଣାପଡ଼ିବା ପରେ ସଞ୍ଜୟ କୌଶଳ କ୍ରମେ ମିନତୀଙ୍କଠାରୁ ହାତଲେଖା ରସିଦ ନେଇଯାଇ ନୂତନ କମ୍ପ୍ୟୁଟର ରସିଦ ଦିଆଯିବ ବୋଲି କହିଥିଲେ। ଘଟଣା ଜଣାପଡ଼ିବା ପରେ ମିନତୀ ସଞ୍ଜୟ ଘରକୁ ଯାଇ ମୋର ଏତେଦିନର ଟଙ୍କା କୁଆଡ଼େ ଗଲା, ୨୦୦୬ ମସିହାର ରସିଦ ଫେରାଇ ଦିଅ କହିବାରୁ ସଞ୍ଜୟଙ୍କ ବାପା ପାଣ୍ଡିଆ ସାହୁ ଓ ସ୍ତ୍ରୀ ମିଶି ମିନତୀଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ଏ ନେଇ ମିନତୀ ରାସୋଳ ଥାନାରେ ଗତ ୧୨ ତାରିଖ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୬ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି ତଦନ୍ତ ନ କରିବାରୁ ସେ ୧୮ ତାରିଖ ଢେଙ୍କାନାଳ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ତୁରନ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ପାଇଁ ମିନତୀ ଫେରିଥିଲେ ମଧ୍ୟ ଇତିମଧ୍ୟରେ ୧୮ ଦିନ ବିତିଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ମିନତୀ ଭାଙ୍ଗି ପଡ଼ିଛନ୍ତି।

ଅନ୍ୟପଟେ ଗତ ବୁଧବାର ରାତିରେ କିଛି ଯୁବକ ଆସି ମିନତୀଙ୍କ ଘର କବାଟ ବାଡ଼େଇଥିବା ବେଳେ ଗାଳିଗୁଲଜ କରିଥିଲେ। ତୁରନ୍ତ କେଶ୍ ନ ଉଠେଇଲେ ପରିଣାମ ଭଲ ହେବନାହିଁ ବୋଲି ଧମକ ଦେଇଥିବା ମିନତୀ କହିଛନ୍ତି। ଏ ସମ୍ପର୍କରେ ସେ ପୁଲିସକୁ ମଧ୍ୟ ଅଭିଯୋଗ କରିଛନ୍ତି। ଏବେ ମିନତୀଙ୍କ ଜୀବନ ପ୍ରତି ବିପଦ ରହିଥିବା ବେଳେ ତୁରନ୍ତ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ କିପରି ସେ ଟଙ୍କା ଫେରି ପାଇବେ ସେ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଆଗାମୀ ୭ ଦିନ ଭିତରେ ତାଙ୍କୁ ନ୍ୟାୟ ନ ମିଳିଲେ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବିଭୂତି ଭୂଷଣ ମିଶ୍ରଙ୍କୁ ପଚାରିବାରୁ କହିଲେ, ମହିଳାଙ୍କ ଅଭିଯୋଗ ପରେ ଘଟଣାର ତଦନ୍ତ ଚାଲିଛି। ଖୁବଶୀଘ୍ର ସତ୍ୟାସତ୍ୟ ଉନ୍ମୋଚନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

# ଶକ୍ତି କ୍ଲବର ପୁରସ୍କାର ବିତରଣ ଉତ୍ସବ



କାମାକ୍ଷାନଗର, ୧।୮ (ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ଶକ୍ତି କ୍ଲବ ଆନୁକୂଲ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁରଥ କୁମାର ଚିନାରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ପ୍ରଧାନଶିକ୍ଷକ ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶକ୍ତିର ଆବଶ୍ୟକତା ଓ ଶକ୍ତି ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ। ଶକ୍ତି କ୍ଲବ ଦାୟିତ୍ୱରେ ଥିବା ବରିଷ୍ଠ ବିଜ୍ଞାନ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଯଥା ତର୍କ, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, ସ୍ଲୋଗାନ ଲିଖନରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ବିଷୟାବତି ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ମିତାଞ୍ଜଳି ସାମଲ, ଭାରତୀ ପରିଡ଼ା, କୈକେୟୀ ଦେହୁରୀ, ପୁଷ୍ପଲଳିତା କୁଜୁର, ସରୋଜିନୀ ସ୍ୱାଇଁ, ଶିକ୍ଷକ ଅଶେଷ କୁମାର ମାର୍ଥା ସହଯୋଗ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୧୫ ● ପାଉଣ୍ଡ ୧୧୫.୨୬
- ୟୁରୋ ୧୦୦.୬୮ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୫୦୦ (ନୂଆଦିଲ୍ଲୀ)
- ରୁପା : ୧,୧୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୯.୦୦
- ନିଫ୍ଟି ୨୪,୫୬୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଟ୍ରମ୍ପଙ୍କ ୨୫% ଟାରିଫ୍‌ର ପ୍ରଭାବ

# ଅଟୋ ଯନ୍ତ୍ରାଂଶରୁ ଚିଙ୍ଗୁଡ଼ି ରପ୍ତାନି ଯାଏ ସବୁରେ ଲାଗିବ ଝଟ୍‌କା

ନୂଆଦିଲ୍ଲୀ,୧।୮ (ଏଜେନ୍ସି)




ବୁଧବାର ଆମେରିକା ଭାରତ ଉପରେ ଘୋଷଣା କରିଥିବା ୨୫ ପ୍ରତିଶତ ଶୁଳ୍କ ଏବେ ସ୍ଥଗିତ ରହିଛି। ଏହି ନୂଆ ଟାରିଫ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହଠାତ୍ ଭାରତ ସମେତ ସମସ୍ତ ଦେଶଙ୍କୁ ଗୋଟିଏ ସପ୍ତାହର ଆଶ୍ୱସ୍ତି ଦେଇଛନ୍ତି। ଏହା ଅଗଷ୍ଟ ୭ରୁ କାର୍ଯ୍ୟକାରୀ ହେବ। ଟ୍ରମ୍ପ ଭାରତ ଉପରେ ଶୁଳ୍କ ଘୋଷଣା କରିବା ସମୟରେ କହିଛନ୍ତି ଯେ ବନ୍ଧୁ ହେବା ସତ୍ତ୍ୱେ, ଭାରତ ଏବଂ ଆମେରିକା ତୁଳନାତ୍ମକ ଭାବରେ କମ୍ ବାଣିଜ୍ୟ କରିଛନ୍ତି। ତେବେ ଟ୍ରମ୍ପଙ୍କ ଏହି ଶୁଳ୍କ ଦ୍ୱାରା ଭାରତର କେଉଁ ସବୁ କ୍ଷେତ୍ର ପ୍ରଭାବିତ ହେବ।

ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଆମେରିକାକୁ ଯେଉଁ ସମସ୍ତ ସାମଗ୍ରୀ ଏବଂ କ୍ଷେତ୍ର ରପ୍ତାନି କରେ ତାହା ପ୍ରବଳ ଭାବରେ ପ୍ରଭାବିତ ହେବ। ଉଦାହରଣ ସ୍ୱରୂପ, ଅଟୋ ଯନ୍ତ୍ରାଂଶ ନିର୍ମାଣକାରୀ କମ୍ପାନୀ, ବୟନ ଶିଳ୍ପ, ଧାତୁ ଏବଂ ଔଷଧ କମ୍ପାନୀଗୁଡ଼ିକ ଟ୍ରମ୍ପଙ୍କ ଶୁଳ୍କ ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ମହଙ୍ଗା ମୂଲ୍ୟରେ ଆମେରିକାରେ ଉପଲବ୍ଧ ହେବ। ଏହା ସେମାନଙ୍କର ବିକ୍ରି ହ୍ରାସ କରିବ ଏବଂ କମ୍ପାନୀଗୁଡ଼ିକୁ କ୍ଷତି ସହିବାକୁ ପଡିବ। ଅପରପକ୍ଷେ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି କହିଛନ୍ତି ଯେ ଭାରତର ସାମୁଦ୍ରିକ ଖାଦ୍ୟ, ବିଶେଷକରି ଚିଙ୍ଗୁଡ଼ି ରପ୍ତାନି, ଆମେରିକାର ଏହି ଶୁଳ୍କ ଦ୍ୱାରା ବିଷଶଷ ଭାବରେ ପ୍ରଭାବିତ ହେବ। ଆମେରିକା ଇକ୍ୱେଡର ଉପରେ କମ୍ ଶୁଳ୍କ ଲଗାଇଛି, ଏହା ଦ୍ୱାରା ଏହା ଲାଭବାନ ହେବ। ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିର ପ୍ରାୟ ୬୬% ହେଉଛି ଚିଙ୍ଗୁଡ଼ି। ୨୦୨୪-୨୫ରେ ଭାରତ ୪.୮୮ ବିଲିୟନ ଡଲାର ମୂଲ୍ୟର ଚିଙ୍ଗୁଡ଼ି ରପ୍ତାନି କରିଥିଲା। ଭାରତର ପ୍ରାୟ ଅଧା ଚିଙ୍ଗୁଡ଼ି ରପ୍ତାନି ଆମେରିକାକୁ ଯାଉଛି। ଆହୁରିମଧ୍ୟ ଏହି ଶୁଳ୍କ ଭାରତର ବୟନଶିଳ୍ପ ରପ୍ତାନିକୁ ମଧ୍ୟ ପ୍ରଭାବିତ କରିବ। ବ୍ରିଟେନ୍ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିରୁ ଆମେ ଯେଉଁ ଲାଭ ପାଇଲୁ ତାହା ଆମେରିକାର ଶୁଳ୍କ ଯୋଗୁଁ ନିରପେକ୍ଷ ହୋଇଯିବ। ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୨୫% ପ୍ରତିଶତ ଶୁଳ୍କ ବିଷୟରେ, ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ ର ଡିଜି ଏବଂ ସିଇଓ ଡକ୍ଟର ଅଜୟ ସହାୟ କହିଛନ୍ତି, ଭାରତ ଉପରେ ଲାଗୁ କରାଯାଇଥିବା ୨୫% ଶୁଳ୍କ ଟିକେ ଅଧିକ। ଆମେ ଆମେରିକା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ କଥାବାର୍ତ୍ତା କରୁଛୁ। ଏହା ବ୍ୟତୀତ, କେଉଁ ଜୋରିମାନା ଲାଗୁ ହେବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେ ଆମେରିକୀୟ ଆମଦାନୀକାରୀଙ୍କ ସହିତ ଦୀର୍ଘକାଳୀନ ସମ୍ପର୍କ ବିଷୟରେ କଥା ହୋଇପାରିବା, କାରଣ କିଛି ମାସ ମଧ୍ୟରେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ହେବ, ଯାହା ଏହି ଶୁଳ୍କକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ। ଏଥିଯୋଗୁ ୮୭ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ଆମେରିକାର ନୂତନ ଶୁଳ୍କ ଆମେରିକାକୁ ଭାରତର ସାମଗ୍ରୀ ରପ୍ତାନିକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଏଥିରେ ସାମଗ୍ରୀ ଏବଂ ସେବା ମଧ୍ୟରେ ଶ୍ରମ-ସଘନ ଉତ୍ପାଦ ଯେପରିକି ବୟନଶିଳ୍ପ, ଔଷଧ, ରତ୍ନ ଏବଂ ଅଳଙ୍କାର, ଏବଂ ପେଟ୍ରୋକେମିକାଲ୍ସ କାରବାର ପ୍ରଭାବିତ ହୋଇପାରେ। ଆମେରିକାର ବର୍ତ୍ତମାନ ଭାରତ ସହିତ ୪୫.୭ ବିଲିୟନ ଡଲାର ବାଣିଜ୍ୟ ନିଅଣ୍ଟ ଅଛି।

# ଅନିଲ ଅମ୍ବାନୀଙ୍କ ବିରୋଧରେ ଇଡ଼ିର 'ଲୁକ୍ ଆଉଟ୍ ନୋଟିସ୍' ଜାରି

ନୂଆଦିଲ୍ଲୀ,୧।୮ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନିଲ ଅମ୍ବାନୀଙ୍କ ବିରୋଧରେ ଆଜି ଲୁକ୍ ଆଉଟ୍ ନୋଟିସ୍ ଜାରି କରିଛି। ଫଳରେ ଅନିଲ ବିନା ଅନୁମତିରେ ଦେଶ ଛାଡିପାରିବେନାହିଁ। ଅନିଲ କମ୍ପାନୀଗୁଡ଼ିକ ସହିତ ଜଡିତ ଏକ ଋଣ ଠକେଇ ମାମଲାର ତଦନ୍ତ ଅନୁଯାୟୀ, ଇଡି ତାଙ୍କ ବିରୁଦ୍ଧରେ ଏହି ଲୁକ୍ ଆଉଟ୍ ସର୍କୁଲାର ଜାରି କରିଛି। ଏହାଛଡା ଅନୀଲଙ୍କ



### ଭୁବନେଶ୍ୱରର ୩ ସ୍ଥାନରେ ଚଢ଼ଉ

କାରବାର ସହ ଜଡିତ ଭୁବନେଶ୍ୱରର ୩ ସ୍ଥାନରେ ଇଡି ଆଜି ଚଢ଼ଉ କରିଛି। ଏଥିରେ ମେସର୍ସ ବିଶ୍ୱାଲ ଟ୍ରେଡ୍ ଲିଙ୍କ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଏହାର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମଧ୍ୟ ଏହି ଚଢ଼ଉ କରାଯାଇଛି। ତଦନ୍ତ ଅଧିକାରୀଙ୍କ ଅନୁମତି ବିନା ସେ ଭାରତ ଛାଡିପାରିବେ ନାହିଁ କିମ୍ବା ବିଦେଶ ଯାତ୍ରା କରିପାରିବେ ନାହିଁ। ଯଦି ସେ ବିଦେଶ ଯାତ୍ରା କରନ୍ତି, ତେବେ ତାଙ୍କୁ ବିମାନବନ୍ଦର କିମ୍ବା ସିଫି ପୋର୍ଟରେ ଅଟକ ରଖାଯିବ। ଦିଲ୍ଲୀରେ ଇଡି ମୁଖ୍ୟାଳୟରେ ସାକ୍ଷ୍ୟ ଦେବାକୁ ଅମ୍ବାନୀଙ୍କୁ କୁହାଯାଇଛି। ମନି ଲଣ୍ଡରିଂ ନିବାରଣ ଆଇନ ଅନୁଯାୟୀ ତାଙ୍କର ବୟାନ ରେକର୍ଡ କରାଯିବ। ଗତ ସପ୍ତାହରେ ଅମ୍ବାନୀଙ୍କ ବ୍ୟବସାୟିକ ଗ୍ରୁପ ସହିତ ଜଡିତ ଅନେକ କମ୍ପାନୀ ଏବଂ ଅଧିକାରୀଙ୍କ ପରିସରରେ ଚଢାଉ କରାଯିବା ପରେ ଇଡି ଏପରି ସମନ ଜାରି କରିଛି। ଜୁଲାଇ ୨୪ ରୁ ଆରମ୍ଭ ହୋଇ, ଏହି ଚଢାଉ ତିନି ଦିନ ଧରି ଚାଲିଥିଲା ଏବଂ ଅନିଲଙ୍କ ଗ୍ରୁପର ପ୍ରମୁଖ ଅଧିକାରୀମାନଙ୍କ ସମେତ ମୁମ୍ବାଇର ୫୦ କମ୍ପାନୀ ଏବଂ ୨୫ ବ୍ୟକ୍ତି ସହିତ ଜଡିତ ୩୫ ରୁ ଅଧିକ ସ୍ଥାନକୁ ଏଥିରେ ଟାର୍ଗେଟ କରାଯାଇଥିଲା।

# ଦେଶର ପ୍ରଥମ ପ୍ରୋବାୟୋଟିକ୍ ଚିଜ୍ ବ୍ରାଣ୍ଡ 'କ୍ୟୁରିଅସ୍ ଚିଜ୍' ବଜାରରେ

ଭୁବନେଶ୍ୱର,୧।୮ (ସମିସ): ଓଡ଼ିଶାର ଦୁଗ୍ଧ ଉତ୍ପାଦନରେ ବିପ୍ଳବ ଆଣି, କ୍ୟୁରିଅସ୍ ଚିଜ୍ ଭାରତର ପ୍ରଥମ ପ୍ରୋବାୟୋଟିକ୍ ଚିଜ୍ ବ୍ରାଣ୍ଡ ଭାବରେ ଗର୍ବର ସହିତ ଯାତ୍ରା ଆରମ୍ଭ କରିଛି। ହାର୍ଭାର୍ଡ ମେଡିକାଲ୍ ସ୍କୁଲ୍-ପ୍ରମାଣିତ ନ୍ୟୁଟ୍ରିସନ୍ ଏକ୍ସପର୍ଟ ପ୍ରିୟଙ୍କା ଅଗ୍ରୱାଲଙ୍କ




ଦ୍ୱାରା ପ୍ରତିଷ୍ଠିତ, ଏହି ବ୍ରାଣ୍ଡ ବିଜ୍ଞାନ, ପରମ୍ପରା ଏବଂ ସ୍ୱାଦକୁ ମିଶ୍ରଣ କରି ଚିଜ୍ ତିଆରି କରୁଛି ଯାହା ସ୍ୱାଦ ସହିତ କୌଣସି ପ୍ରକାରର ଆପତ୍ତି ନକରି ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉଛି। ଏଟୁ ଗାଇ କ୍ଷୀର ବ୍ୟବହାର କରି ପ୍ରସ୍ତୁତ, ଏହି ଚିଜ୍ ରେ ତିନୋଟି ପ୍ରକାର ରହିଛି - ମୋଜାରେଲା, ଓଆକ୍ସାକା ଏବଂ ଏଡାମ୍ - ପ୍ରତ୍ୟେକଟି ପ୍ରୋଟିନ୍, କ୍ୟାଲସିୟମ୍ ଏବଂ ଜୀବନ୍ତ ପ୍ରୋବାୟୋଟିକ୍ସରେ ଭରପୂର। ଅଗ୍ରୱାଲ କହିଛନ୍ତି ଯେ କ୍ୟୁରିଅସ୍ ଚିଜ୍ ବ୍ରାଣ୍ଡ ଓଡିଶାରେ ନୂଆ ବିପ୍ଳବ ଆଣିବ। ଆମେ ପ୍ରଥମ ପର୍ଯ୍ୟାୟରେ ନାଓ ଗ୍ରୋସରୀ ସହ ବ୍ୟବସାୟ ଆରମ୍ଭ କରିଛୁ। ଆଗାମୀ ଦିନରେ ଅନ୍ୟ ଷ୍ଟୋର ଓ ସପିଂ ମଲରେ ଏହା ଉପଲବ୍ଧ ହେବ। ଗ୍ରାହକମାନେ ଆମ ୱେବସାଇଟରେ ମଧ୍ୟ ଏହି ଚିଜ୍ ପାଇପାରିବେ।

# ଉମଙ୍ଗ୍ ଆପ୍‌ରେ ନିଯୁକ୍ତିଦାତାଙ୍କ ପାଇଁ ୟୁଏଏନ୍ ଆବଣ୍ଟନ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୧।୮ (ଏଜେନ୍ସି)

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ତା'ର ୟୁନିଭର୍ସାଲ୍ ଆକାଉଣ୍ଟ୍ ନମ୍ବର (ୟୁଏଏନ୍) ଆବଣ୍ଟନ ଏବଂ ସକ୍ରିୟକରଣ ପ୍ରକ୍ରିୟାକୁ ସରଳ କରିଛି। ଇପିଏଫ୍‌ଓ ଦ୍ୱାରା ଜାରି ଏକ ସର୍କୁଲାରରେ କୁହାଯାଇଛି ଯେ, ଏଣିକି ନିଯୁକ୍ତିଦାତାଙ୍କ ଲାଗି ଉମଙ୍ଗ୍ ଆପ୍ ଜରିଆରେ ୟୁଏଏନ୍ ଆବଣ୍ଟନ ଏବଂ ସକ୍ରିୟକରଣ ବାଧ୍ୟତାମୂଳକ କରାଯାଇଛି। ଏଥିରେ ଆଧାରର ଫେସ୍ ଅଥେଣ୍ଟିକେସନ୍ ଟେକ୍ନୋଲୋଜି (ଫ୍ୟାଟ୍) ବ୍ୟବହାର କରି କର୍ମଚାରୀ ଏବଂ ଇପିଏଫ୍ ସଦସ୍ୟଙ୍କ ପାଇଁ ଏକ ସୁଗମ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଉମଙ୍ଗ୍ (ୟୁନିଫାଏଡ୍ ମୋବାଇଲ୍ ଆପ୍ଲିକେସନ୍ ଫର୍ ନ୍ୟୁ-ଏଜ୍ ଗଭର୍ଣ୍ଣାନ୍ସ) ଆପ୍‌ରେ ତିନୋଟି ନୂତନ ସେବାକୁ ସଂଯୁକ୍ତ କରାଯାଇଛି। ଇପିଏଫ୍‌ଓ ସର୍କୁଲାରରେ ଇପିଏଫ୍‌ଓ ସଦସ୍ୟମାନେ ସେମାନଙ୍କର ୟୁଏଏନ୍ ତୁରନ୍ତ ପାଇବା ଏବଂ ସକ୍ରିୟ କରିବା ପାଇଁ ବ୍ୟବହାର କରିପାରିବେ। ଏଥିପାଇଁ ଇପିଏଫ୍ ସଦସ୍ୟମାନଙ୍କୁ ପ୍ଲେ ଷ୍ଟୋରରୁ ଉମଙ୍ଗ ଆପ୍ ଏବଂ ଆଧାର ଫେସ୍ ଆର୍‌ଡି ଆପ୍ ଡାଉନଲୋଡ୍ କରିବାକୁ ପଡିବ। ଥରେ ସଂସ୍ଥାପନ ହେବା ପରେ, ଉପଭୋକ୍ତାମାନେ ଇପିଏଫ୍‌ଓ ଅଧିକାରୀ କିମ୍ବା ନିଯୁକ୍ତିଦାତାଙ୍କ ସାହାଯ୍ୟ ବିନା ସେମାନଙ୍କର ସ୍ମାର୍ଟଫୋନ୍ ବ୍ୟବହାର କରି ସେମାନଙ୍କର ୟୁଏଏନ୍ ପାଇପାରିବେ ଏବଂ ତାହାକୁ ସକ୍ରିୟ କରିପାରିବେ। ଆଉ ଏକ ପଦକ୍ଷେପ ସ୍ୱରୂପ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଥିବା କର୍ମଚାରୀମାନେ ଏବେ କେବଳ ମୁହଁ ଚିହ୍ନଟ କରି ୟୁନିଭର୍ସାଲ ଆକାଉଣ୍ଟ ନମ୍ବର (ୟୁଏଏନ୍) ଏବଂ ଏ ସମ୍ପର୍କିତ ସେବା ପାଇପାରିବେ।

# ଆଇଡ଼ିବିଆଇ ବ୍ୟାଙ୍କ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ 'ହୋପ'ର ଆରମ୍ଭ

ଭୁବନେଶ୍ୱର,୧।୮ (ସମିସ): ଆଇଡ଼ିବିଆଇ ବ୍ୟାଙ୍କ ଭୁବନେଶ୍ୱର ଜୋନ୍ ପକ୍ଷରୁ ଯାଜପୁର ଜିଲ୍ଲା ଧର୍ମଶାଳାସ୍ଥିତ କମ୍ୟୁନିଟି ହେଲ୍‌ଥ ସେଣ୍ଟର (ସିଏଚସି)ରେ ସିଏସ୍‌ଆର୍ କାର୍ଯ୍ୟକ୍ରମ 'ହୋପ' ଆରମ୍ଭ କରାଯାଇଛି। ବ୍ୟାଙ୍କର ଜିଏମ୍ ତଥା ଡେପୁଟି ଜୋନାଲ ମୁଖ୍ୟ ଡ. ନିହାର ରଞ୍ଜନ ସାମଲ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏଥିରେ ଧର୍ମଶାଳା କମ୍ୟୁନିଟି ହେଲ୍‌ଥ ସେଣ୍ଟରକୁ ହ୍ୱିଲ୍ ଚେୟାର, ଷ୍ଟ୍ରେଚର, ବିପି




ମେସିନ୍, ରୋଗୀ ବସିବା ପାଇଁ ଷ୍ଟୁଲ, ଓପିଡ଼ିରେ ପାଇଁ ରୋଗୀ ଅପେକ୍ଷା କରିବା ଷ୍ଟିଲ୍ ବେଞ୍ଚ, ଏକ୍‌ଜୁକ୍ୟୁଟିଭ୍ ରିଭଲଭିଙ୍ଗ ଚେୟାର ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସିଏଚ୍‌ସିର ଦାୟିତ୍ୱରେ ଥିବା ଡଃ. ସୁଧୀର କୁମାର ସାହୁ, ସ୍ଥାନୀୟ କମ୍ୟୁନିଟି ନେତୃବୃନ୍ଦ ତଥା ଅନ୍ୟାନ୍ୟ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ବିଶାଖାପାଟଣାରେ ନିର୍ମାଣ ହେବ ଏସିଆର ବୃହତ ଡାଟା ସେଣ୍ଟର

ବିଶାଖାପାଟଣା,୧।୮ (ଏଜେନ୍ସି): ଗୁଗୁଲ୍ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଏସିଆର ସର୍ବବୃହତ ଡାଟା ସେଣ୍ଟର ନିର୍ମାଣ କରିବାକୁ ଯାଉଛି। ଏହି ଡାଟା ସେଣ୍ଟରର କ୍ଷମତା ୧ ଗିଗାୱାଟ୍ ରହିବ। ଏଥିରେ କମ୍ପାନୀ ୫୦ ହଜାର କୋଟି ଟଙ୍କା ନିବେଶ କରିବ ବୋଲି ଘୋଷଣା କରିଛି। ତେବେ ବର୍ତ୍ତମାନ, ସାରା ଦେଶରେ ମୋଟ ୧.୪ ଗିଗାୱାଟ୍‌ର କ୍ଷମତା ବିଶିଷ୍ଟ ଡାଟା ସେଣ୍ଟରଗୁଡ଼ିକ କାର୍ଯ୍ୟକ୍ଷମ ରହିଥିବାବେଳେ ଗୁଗଲର ଏହି ଘୋଷଣା ଭାରତରେ ଡାଟା ସୁରକ୍ଷା ଦିଗରେ ଏକ ବଡ଼ ପଦକ୍ଷେପ ହେବ। ରଏଟର୍ସ ରିପୋର୍ଟ ଅନୁଯାୟୀ, ଗୁଗୁଲ୍ ଏଥିପାଇଁ ଯେଉଁ ୫୦,୦୦୦ କୋଟି ଟଙ୍କା ନିବେଶ କରିବ, ସେଥିରୁ ୧୬,୦୦୦ କୋଟି ଟଙ୍କା ନବୀକରଣଯୋଗ୍ୟ ଶକ୍ତି ସୁବିଧା ନିର୍ମାଣରେ ଖର୍ଚ୍ଚ ହେବ।

### ଖୋଲିଲା ଭିତରକନିକା

# ପ୍ରଥମ ଦିନରେ ୬୧ ପର୍ଯ୍ୟଟକ

ରାଜନଗର, ୧।୮ (ସମିସ): ଦୀର୍ଘ ୩ ମାସ ପରେ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିଛି ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ। ଆଜି ପ୍ରଥମ ଦିନରେ ଭିତରକନିକାକୁ ୬୧ଜଣ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ

### ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ, ମିଠା ଦେଇ ସ୍ୱାଗତ




ମିଠା ଖୁଆଇ ବନ କର୍ମଚାରୀ ସ୍ୱାଗତ କରିଛନ୍ତି। ଭିତରକନିକାକୁ ପଲିଥିନ୍‌ମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କୁ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ବୁଝାଇଥିଲେ। ଏଥିସହ ପର୍ଯ୍ୟଟକଙ୍କୁ କାଗଜ ଓ କପଡ଼ା ବ୍ୟାଗ୍ ମଧ୍ୟରେ ଜାତୀୟ ଉଦ୍ୟାନ ମଧ୍ୟକୁ ସେମାନେ ଆଣିଥିବା ସାମଗ୍ରୀ ନେବାକୁ କୁହାଯାଇଥିଲା। ପ୍ଲାଷ୍ଟିକ୍ ପାଣି ବୋତଲ ଜାତୀୟ ଉଦ୍ୟାନ ମଧ୍ୟକୁ ଛଡ଼ାଯାଇନାହିଁ।

ଆଜି ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟରେ ଏସିଏଫ ମାନସ ଦାସ, ଫରେଷ୍ଟର୍ ପ୍ରଶାନ୍ତ ସିଂ, ହେମନ୍ତ ପାଣିଗ୍ରାହୀ, ଯଶୋବନ୍ତ ବେହେରା, ବବୁଲ ପରିଡ଼ା, ଶୁଭ୍ରଜିତ ଖୁଣ୍ଟିଆଙ୍କ ସମେତ ରବି ସିଂ, ଇଡିସି ସଭାପତି ପ୍ରଭାତ ବେହେରା ପ୍ରମୁଖ ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଗୁପ୍ତି ଏଣ୍ଟ୍ରି ପଏଣ୍ଟରେ ଫରେଷ୍ଟର ବିଭୂତି ଭୂଷଣ ତରାଇ, ତ୍ରିଦୀପ ପ୍ରଧାନ, ପ୍ରକାଶ ଦାସ, ଦେବୀପ୍ରସାଦ ମୁଣ୍ଡା, ଇକୋ ଡେଭେଲପମେଣ୍ଟ କମିଟିର ଗିରୀଶ ନାୟକ, ଖଗେଶ୍ୱର ଲେଙ୍କା, ରମେଶ ମିସ୍ତ୍ରୀ ଓ ବିଭିନ୍ନ ଏସଏଚ୍‌ଜି ଗୋଷ୍ଠୀ ମହିଳା ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟରେ ଫରେଷ୍ଟର୍ ନବୀନ ମଲ୍ଲିକଙ୍କ ସମେତ ବନ କର୍ମଚାରୀ ଓ ବୋଟ୍ ଆସୋସିଏସନ୍‌ର କର୍ମକର୍ତ୍ତା ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଦେଇ ସ୍ୱାଗତ କରିଥିଲେ।

ଆଜି ସ୍ଥଳପଥରେ ଡାଙ୍ଗମାଳ ଦେଇ ଭିତରକନିକାକୁ ୪୧ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଖୋଲା ଏଣ୍ଟ୍ରିପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୧୦ଜଣ ଓ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୧୦ଜଣ ପର୍ଯ୍ୟଟକ ଆସି ଭିତରକନିକାର ଉପଭୋଗ କରିଛନ୍ତି। ପର୍ଯ୍ୟଟକଙ୍କ ପାଇଁ ଡାଙ୍ଗମାଳରେ ନିର୍ମାଣ ହୋଇଥିବା ୧୫ଫୁଟ୍ ଓ ୬୦୦ ମିଟରର ସ୍କାଏୱାକ୍ ବ୍ରିଜ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଥିଲା।

# ବିଧାୟକ ଧ୍ରୁବ ସାହୁଙ୍କ ବିରୋଧରେ ମାମଲା ଖାରଜ

କଟକ/ରାଜନଗର, ୧।୮ (ସମିସ): ରାଜନଗର ବିଜେଡି ବିଧାୟକ ଧ୍ରୁବଚରଣ ସାହୁଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗରେ ଦାୟର ନିର୍ବାଚନୀ ମକଦ୍ଦମାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପରାଜିତ ବିଜେପି ପ୍ରାର୍ଥୀ ଲଳିତ ବେହେରାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲା ଶୁଣାଣି ସମୟରେ ଆବେଦନକାରୀ କିମ୍ବା ତାଙ୍କ ଓକିଲ ଉପସ୍ଥିତ ନଥିଲେ। ଏପରିକି ଗତ ଶୁଣାଣି ସମୟରେ ମଧ୍ୟ ଉଭୟ ଅନୁପସ୍ଥିତ ରହିଥିବା ଅଦାଲତ ଅବଗତ ହୋଇଥିଲେ। ଗୋଟଏପଟେ, ଭାରତୀୟ ଜନପ୍ରତିନିଧି ଆଇନର ଧାରା ୮୬(୭) ଅନୁସାରେ ନିର୍ବାଚନୀ ମକଦ୍ଦମା ଦାୟର ହେବାର ୬ମାସ ମଧ୍ୟରେ ଶୁଣାଣି ଶେଷ ହେବା କଥା। ହେଲେ ଖୋଦ ଆବେଦନକାରୀ ଅସହଯୋଗ କରିବାରୁ ହାଇକୋର୍ଟ ଏଭଳି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଆଦେଶନାମାର ନକଲ ଭାରତୀୟ ନିର୍ବାଚନ କମିସନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ କମିସନ ଓ ଓଡିଶା ବିଧାନସଭା ବାଚସ୍ପତିଙ୍କୁ ତୁରନ୍ତ ପ୍ରେରଣ ପାଇଁ ରେଜିଷ୍ଟ୍ରିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୪ ସାଧାରଣ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗରେ ରାଜନଗର ବିଧାନସଭା ଆସନରୁ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଧ୍ରୁବଚରଣ ସାହୁଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ଲଳିତ କୁମାର ବେହେରାଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଥିଲା। ହେଲେ ମାମଲା ପରିଚାଳନାରେ ଉଭୟ ଆବେଦନକାରୀ ଓ ତାଙ୍କ ଓକିଲ ସହଯୋଗ ନକରିବାରୁ ଅଦାଲତ ମାମଲାକୁ ରଦ୍ଦ କରିଛନ୍ତି।

■ ମହିଳା ସଂଯୋଜିକାଙ୍କୁ ସିଡବ୍ଲୁସି ସଦସ୍ୟଙ୍କ ଯୌନ ନିର୍ଯାତନା

# ଥାନାରେ ମାମଲା ରୁଜୁ, ଅଭିଯୁକ୍ତ ଅଟକ

ଜଗତସିଂହପୁର, ୧।୮ (ସମିସ): ଜଗତସିଂହପୁର ଜିଲ୍ଲାରେ ଆଉ ଏକ ଲଜ୍ଜାଜନକ ଘଟଣା ଘଟିଛି। ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ର ଜଣେ ସଦସ୍ୟ ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ରୁଚିକା ସମାଜ ମଙ୍ଗଳ ସଂଗଠନର ମହିଳା କୋର୍ଡିନେଟର୍‌ଙ୍କୁ ଗତ ଫେବୃଆରୀ ମାସରୁ ଯୌନ ନିର୍ଯାତନା ଦେଇଆସୁଥିବା ନେଇ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିଛନ୍ତି ପୀଡ଼ିତା ଓ ରୁଚିକା ସମାଜ ମଙ୍ଗଳ ସଂଗଠନ କର୍ମକର୍ତ୍ତା। ସୂଚନା ମୁତାବକ, ଜଗତସିଂହପୁର ଜିଲ୍ଲାରେ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟରେ ରୁଚିକା ସମାଜ ମଙ୍ଗଳ ସଂଗଠନ ନାମକ ସ୍ୱେଚ୍ଛାସେବୀ ସଂଗଠନର ଜିଲ୍ଲା କୋର୍ଡିନେଟର୍ ଭାବେ ସଂପୃକ୍ତା ଯୁବତୀ କାର୍ଯ୍ୟ କରିଆସୁଥିଲେ। ଗତ ଫେବ୍ରୁଆରୀରୁ ସେହି କାର୍ଯ୍ୟାଳୟରେ କାର୍ଯ୍ୟରତ ସଭ୍ୟ ବିବେକାନନ୍ଦ ବଳ ଯୁବତୀଙ୍କୁ ଯୌନ ନିର୍ଯାତନା ଦେଇଆସୁଥିଲେ। ଯୁବତୀଜଣଙ୍କ ଏହି ସମ୍ପର୍କରେ ରୁଚିକା ସମାଜ ମଙ୍ଗଳ ସଂଗଠନ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ଦିନକୁ ଦିନ ଅଭିଯୁକ୍ତଜଣଙ୍କ ଯୁବତୀଙ୍କୁ ବାରମ୍ବାର ଅଶାଳୀନ ବ୍ୟବହାର ଓ ଯୌନ ନିର୍ଯାତନା ଦେଇ ଆସୁଥିବାରୁ ଆଜି ସଂଗଠନ କର୍ମକର୍ତ୍ତାଙ୍କ ସହ ପୀଡ଼ିତା ଯୁବତୀ ଜଗତସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ଏଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସଦର ଏସ୍‌ଡିପିଓ ଆଜିଙ୍କ୍ୟ ମାନେ ବାବୁରାଓ ସୂଚନା ଦେଇଛନ୍ତି।

# ବଜ୍ରପାତରେ ଯୁବକ ମୃତ

ବାଲେଶ୍ୱର,୧।୮ (ସମିସ): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ସୁଲପଟା ଅଞ୍ଚଳରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସୁଲପଟା ଅଞ୍ଚଳର ବାଇଧର ମହାଳିକଙ୍କ ପୁଅ ଗଣେଶ ମହାଳିକ (୪୪) ଆଜି ବିଲକୁ ଚଳି ରୋଇବାକୁ ଯାଇଥିବା ବେଳେ ଅପରାହ୍ଣରେ ବର୍ଷା ହୋଇଥିଲା। ଗଣେଶ ଘରକୁ ଫେରୁଥିବା ବେଳେ ହଠାତ ଏକ ବଜ୍ରପାତ ହେବାରୁ ଗଣେଶ ଏଥିରେ ଟଳିପଡ଼ିଥିଲେ। ପରିବାରଲୋକ ତାଙ୍କୁ ସଙ୍ଗେସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସୁଲପଟା ଅଞ୍ଚଳର ଜଳଧର ମହାଳିକଙ୍କ ପତ୍ନୀ ସରସ୍ୱତୀ ମହାଳିକ (୬୭) ଘର ନିକଟସ୍ଥ ପୋଖରୀ ନିକଟରେ ଛେଳି ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

# ଶିମିଳିପାଳ ନେଚର୍ କ୍ୟାମ୍ପ ନିର୍ମାଣରେ ଦୁର୍ନୀତି

ବାରିପଦା, ୧।୮ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରେ ମହାଦୁର୍ନୀତି ହୋଇଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି। କୋଟିକୋଟି ଟଙ୍କା ହଡ଼ପ କରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଉତ୍ତର) ବନଖଣ୍ଡର ଉପନିର୍ଦ୍ଦେଶକ ବଦଳି ହୋଇ

### ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପ୍ରାକ୍ତନ ଉପନିର୍ଦ୍ଦେଶକଙ୍କୁ କୈଫିୟତ ତଲବ



ଅନ୍ୟତ୍ର ପଳାଇବା ପରେ ଏପରି ଘଟଣା ଜଣାପଡ଼ିଛି। ଅଭୟାରଣ୍ୟରେ ନେଚର୍ କ୍ୟାମ୍ପ ନିର୍ମାଣ ନାମରେ ସମ୍ପୃକ୍ତ ଅଧିକାରୀ ଦାୟିତ୍ୱରେ ଥିବା ବେଳେ ବ୍ୟାପକ ସରକାରୀ ଅର୍ଥ ହରିଲୁଟ୍ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ବର୍ତ୍ତମାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ବାରିପଦା ସର୍କଲର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗନାନୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ, ପ୍ରାକ୍ତନ ଉପନିର୍ଦ୍ଦେଶକଙ୍କଠାରୁ ଅନିୟମିତତା ଅର୍ଥ ଭରଣା କରାଯାଇପାରେ ବୋଲି ଶ୍ରୀ ଗୋଗିନେନୀ କହିଛନ୍ତି।

ଶିମିଳିପାଳ ଉତ୍ତର ବନଖଣ୍ଡର ପୂର୍ବତନ ଉପନିର୍ଦ୍ଦେଶକ ଡି. ସାଇକିରଣଙ୍କ ସମୟରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର ନଅଣା ରେଞ୍ଜରେ ନେଚର୍ କ୍ୟାମ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୨୩ ଫେବ୍ରୁଆରୀ ୧୯ ତାରିଖରେ ନେଚର୍ କ୍ୟାମ୍ପ ନଅଣା ଭିଲା ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶିଳାନ୍ୟାସ କରିଥିଲେ। ଯାହାର ପ୍ରକଳ୍ପ ଅଟକଳ ୪କୋଟି ୬୦ ଲକ୍ଷ ଟଙ୍କା ରହିଥିଲା। ମାତ୍ର ଦୁଇବର୍ଷ ପରେ ମଧ୍ୟ ଏହି ନେଚର୍ କ୍ୟାମ୍ପ ନିର୍ମାଣ ସମ୍ପୂର୍ଣ୍ଣ ନହୋଇ ସମସ୍ତ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଗୋଟିଏ ପଟେ ପ୍ରକଳ୍ପ ଅଧାପନ୍ତରିଆ ହୋଇପଡ଼ିଥିବା ବେଳେ ବିଭାଗ ପକ୍ଷରୁ ୟୁସି ଦିଆସରିଛି। ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ମଞ୍ଜୁର ଅର୍ଥ ଯଦି ଖର୍ଚ୍ଚ ହେଲା, ତେବେ କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବା ନେଇ ଏବେ ପ୍ରଶ୍ନ ଉଠିଛି। ଅଭିଯୋଗ ପାଇବା ପରେ ଶ୍ରୀ ଗୋଗନାନୀ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପୂର୍ବତନ ଉପନିର୍ଦ୍ଦେଶକଙ୍କୁ ମଧ୍ୟ କୈଫିୟତ ତଲବ କରାଯାଇଛି ବୋଲି ସେ କହିଛନ୍ତି।

ଶିମିଳିପାଳ ଜାତୀୟ ଅଭୟାରଣ୍ୟ ମଧ୍ୟରେ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ ଥିବା ବେଳେ ଏହି ଗୋଟିଏ ଘଟଣା ନୁହେଁ, ଏଭଳି ବହୁ ଦୁର୍ନୀତି ପଦାକୁ ଆସିବ ବୋଲି ଅଭିଯୋଗ କରିଛି ଜିଲ୍ଲାର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନା। ଶିମିଳିପାଳ ମଧ୍ୟରେ ବିନା ଟେଣ୍ଡର୍‌ରେ ସବୁ କାର୍ଯ୍ୟ କରାଯାଉଥିବା ବେଳେ ତାହା ଅଧିକାରୀଙ୍କୁ ଦୁର୍ନୀତି କରିବାକୁ ଅଧିକ ସୁଯୋଗ ଦେଉଛି ବୋଲି ଅଭିଯୋଗ ହୋଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭଞ୍ଜସେନା ଦାବି କରିଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ । ପାରିବାରିକ ମତଭେଦ ଦୂର ହେବ ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ । କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଶୁଭ ସମ୍ବାଦ ମିଳିବ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି ।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ । କିଛି କ୍ଷେତ୍ରରେ ଅସଫଳ ରହିବେ । କାଳୀ ମା'ଙ୍କ ପୂଜା କରନ୍ତୁ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ତୁଳା:** ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବସାୟରୁ ଲାଭ ମିଳିବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ । ଋଣ ସମସ୍ୟା ଦୂର ହେବ ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ । ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ । ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ । ଘର ପାଇଁ ନୂଆ ଜିନିଷ କିଣିବେ ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦିନଟିରେ ଖୁସି ରହିବେ । ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ନୂଆ ଗାଡ଼ି କିଣିବେ ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ଗୀତ, ନାଚରେ ସମୟ ଅତିବାହିତ କରିବେ । ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅସହାୟଙ୍କୁ ସାହାଯ୍ୟ କରିବେ ।

## ଆଜିର ଇତିହାସ

- ୧୭୯୦- ଆମେରିକାରେ ପ୍ରଥମ ଥର ଜନଗଣନା ହେଲା ।
- ୧୯୨୨- ଚୀନ୍‌ରେ ଭୟଙ୍କର ତୋଫାନ ଆସିବାରୁ ୬୦ହଜାର ଲୋକଙ୍କ ମୃତ୍ୟୁ ।
- ୧୯୫୫- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା ।
- ୧୯୮୪- ୟୁରୋ ଅଦାଲତ ଫୋନ୍ ଟ୍ୟାପିଂର ଆଲୋଚନା କଲା ।
- ୧୯୯୦- ଇରାକ୍ କୁଏତ୍ ଉପରେ ଆକ୍ରମଣ କଲା ।
- ୨୦୧୦- ପାକିସ୍ତାନରେ ବନ୍ୟା ଯୋଗୁ ୧୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ।



# 'ୱାର୍ ୨'ରେ ଏଣ୍ଟ୍ରିକୁ ନେଇ ବାଣୀଙ୍କ ଖୁଲାସା

ସ୍ପାଇ ଥ୍ରିଲର୍ ମୁଭି 'ୱାର୍'ର ସଫଳତାର ଛଅବର୍ଷ ପରେ ଏହାର ସିକ୍ୱେଲ ଆସୁଛି । ଏଥିରେ ହ୍ରିତିକ୍ ରୋଶନଙ୍କ ସହ ଜୁନିୟର୍ ଏନ୍‌ଟିଆର୍ ଓ କିଆରା ଆଡଭାନୀ ଲିଡ୍ ରୋଲରେ ନଜର ଆସିବେ । ସିକ୍ୱେଲରେ କିନ୍ତୁ ଟାଇଗର୍ ଶ୍ରଫ୍‌ଙ୍କୁ ବାଦ୍ ଦିଆଯାଇଛି । ଏଥିରେ ବାଣୀ କପୁର ନଜର ଆସିପାରନ୍ତି ବୋଲି କିଛି ଦିନ ପୂର୍ବରୁ ଚର୍ଚ୍ଚା ହେଉଥିଲା । ଏବେ ବାଣୀ ଏହାକୁ ନେଇ ଖୁଲାସା କରିଛନ୍ତି । ବାଣୀ ଏବେ 'ମଣ୍ଡାଲା ମର୍ଡର୍ସ' ସହ ଓଟିଟି ଡେବ୍ୟୁ କରିଛନ୍ତି । ଏହି ସିରିଜ୍‌ର ପ୍ରମୋସନ୍ ସମୟରେ ସେ 'ୱାର୍ ୨'ରେ କାମ କରୁନାହାନ୍ତି ବୋଲି କହିଥିଲେ । ତାଙ୍କୁ ଏଥିରୁ ବାଦ୍ ଦିଆଯାଇଥିବାରୁ ଏଥିପାଇଁ ତାଙ୍କର ତିଳେ ବି ଅବଶୋଷ ନ ଥିବା କଥା କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ- ' 'ୱାର୍'ରେ ମୋତେ ଓ ଟାଇଗର୍‌ଙ୍କୁ ମାରି ଦିଆଯାଇଥିଲା । ଯଦି ଟାଇଗର୍ ଫେରିବେ ତାହେଲେ ମୁଁ ଫେରିବି ।' ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ୱାର୍ ୨' ୧୪ ଅଗଷ୍ଟ, ୨୦୨୫ରେ ରିଲିଜ୍ ହେବ । ଏହାର ପ୍ରଯୋଜନା ଦାୟିତ୍ୱରେ ଯଶରାଜ ଫିଲ୍ମସ୍ ରହିଛି ।

# ସ୍ୱାମୀଙ୍କ ଟିଫିନ୍ ପ୍ରସ୍ତୁତି ପାଇଁ ସ୍ତ୍ରୀ ନିଅନ୍ତି ଟଙ୍କା



ପ୍ରତ୍ୟେକ ଘରେ ସ୍ତ୍ରୀ ଲୋକମାନେ ହିଁ ଖାଦ୍ୟ ପ୍ରସ୍ତୁତ କରନ୍ତି । ସେମାନେ ସ୍ୱାମୀମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରି ଅଫିସ୍ ନିମନ୍ତେ ଟିଫିନ୍ ମଧ୍ୟ ପ୍ୟାକ୍ କରନ୍ତି । ଏହି କ୍ରମରେ ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ମହିଳା ନିଜ ସ୍ୱାମୀଙ୍କ ଅଫିସ୍ ଟିଫିନ୍ ତିଆରି କରିବା ପାଇଁ ଟଙ୍କା ନେଉଛନ୍ତି । ଏହି ଘଟଣା ଖୋଦ୍ ମହିଳା ଜଣକ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହାକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଯାଇଛି । ରେ ନାମ୍ନୀ ଏହି ମହିଳା ଜଣକ ଜଣେ ସୋସିଆଲ ମିଡିଆ କ୍ରିଏଟର । ତାଙ୍କର ଦୁଇଜଣ ସନ୍ତାନ ଅଛନ୍ତି । ତେବେ ତାଙ୍କ ସ୍ୱାମୀଙ୍କ ଟିଫିନ୍ ପ୍ରସ୍ତୁତି ଲାଗି ସେ ଟଙ୍କା ନେଉଥିବା କହିଛନ୍ତି । ପ୍ରତିଦିନ ସେ ଏଥିଲାଗି ଭାରତୀୟ ମୁଦ୍ରାରେ ୧୧୫୦ ଟଙ୍କା ନେଉଛନ୍ତି । ଅବଶ୍ୟ ଏଭଳି କରିବା ପଛର ସେ ଠୋସ୍ କାରଣ ବି ଦର୍ଶାଇଛନ୍ତି । ରେ'ଙ୍କ ମତରେ ଯଦି ତାଙ୍କ ସ୍ୱାମୀ ପ୍ରତିଦିନ ମ୍ୟାକ୍‌ଡୋନାଲ୍ଡ ଭଳି ଅନ୍ୟ ସ୍ଥାନରେ ଖାଦ୍ୟ ଖାଇବା ପାଇଁ ଟଙ୍କା ଦେଇପାରୁଛନ୍ତି, ସେହି ଟଙ୍କା ସେ ନିଜ ସ୍ତ୍ରୀକୁ କାହିଁକି ନ ଦେବେ । ଅନ୍ୟପଟେ ଏଭଳି କରି ସେ ଓ ତାଙ୍କ ସ୍ୱାମୀ ଉଭୟ ଖୁସି ଥିବା କଥା କହିଛନ୍ତି । ଗୋଟେ ପଟେ ତାଙ୍କ ସ୍ୱାମୀ ଖାଦ୍ୟ ଖାଇ ଖୁସି ଥିବା ବେଳେ ରେ' ଏଲାଗି ଟଙ୍କା ନେଇ ଖୁସି ଥିବା କହିଛନ୍ତି । ସେ ତାଙ୍କ ସ୍ୱାମୀଙ୍କ ପାଇଁ ସାଲାଡ୍ ତିଆରି କରିବା ବେଳେ ଏକ ଭିଡିଓ ମାଧ୍ୟମରେ ଏହି କଥା ସେୟାର୍ କରିଛନ୍ତି । ଅନେକ ଲୋକ ତାଙ୍କୁ ସମର୍ଥନ କରିଥିବାବେଳେ କିଛି ଜଣ ତାଙ୍କର ଏହି ଚିନ୍ତାଧାରାକୁ ପସନ୍ଦ କରି ନାହାନ୍ତି । ଅନେକ ତାଙ୍କୁ ଏଥିପାଇଁ ଟ୍ରୋଲ କରିବା ସହ ତାଙ୍କର ଏହି କାମକୁ ଜଣେ ପ୍ରେମରେ ବ୍ୟାପାର ବୋଲି କହିଛନ୍ତି ।

# ଜେନ୍ ଜେଡ୍ ଓ ଏନର୍ଜି ଡ୍ରିଙ୍କ

ଆଜିର ଜେନ୍ ଜେଡ୍ ଯୁବପିଢ଼ି ଫିଟ୍‌ନେସ୍ ଏବଂ ସୋସିଆଲ ମିଡିଆ ଟ୍ରେଣ୍ଡକୁ ନେଇ ଅଧିକ ଉତ୍ସାହିତ ରହୁଛନ୍ତି । ଏହି କାରଣ ଯୋଗୁଁ ଏନର୍ଜି ଡ୍ରିଙ୍କର ଚାହିଦା ତଥା ଲୋକପ୍ରିୟତା ବେଶ୍ ବୃଦ୍ଧି ପାଇଛି । ସେହିପରି ଜେନ୍ ଜେଡ୍ ଯୁବପିଢ଼ିଙ୍କ ଜୀବନଶୈଳୀର ଏକ ମୁଖ୍ୟ ଅଂଶ ଏନର୍ଜି ଡ୍ରିଙ୍କ ବୋଲି କହିଲେ କିଛି ଭୁଲ ହେବ ନାହିଁ । ତେବେ ପ୍ରଶ୍ନ ଉଠୁଛି, ଏହି ଡ୍ରିଙ୍କ ଶରୀର ପାଇଁ ହିତକର ନା କ୍ଷତିକାରକ । ଅଧିକାଂଶ ଏନର୍ଜି ଡ୍ରିଙ୍କରେ କେଫିନ, ଚିନି, ଭିଟାମିନ୍ ବି ଏବଂ କିଛି ଅନ୍ୟ ଉପାଦାନ ଥାଏ । ଏଭଳି ଏନର୍ଜି ଡ୍ରିଙ୍କ କମ୍ପାନିଗୁଡ଼ିକ ଏହା ଶରୀରକୁ ଶୀଘ୍ର ଶକ୍ତି ଯୋଗାଇଥାଏ ବୋଲି ଦାବି କରନ୍ତି । ହେଲେ ଏହାର ପ୍ରଭାବ ସବୁବେଳେ ସ୍ୱାସ୍ଥ୍ୟକର ହୋଇ ନ ଥାଏ । ସେହିପରି ଏଭଳି ଏନର୍ଜି ଡ୍ରିଙ୍କରେ ଚା' ଓ କଫିଠାରୁ ଅଧିକମାତ୍ରାରେ କେଫିନ୍ ଥାଏ । ବାରମ୍ବାର ଏହାକୁ ପିଇବା ଦ୍ୱାରା ନିଦ୍ରାହିନତା, ବିଚଳିତ ହେବା ଏବଂ ଜୋର୍‌ରେ ହୃଦ୍ ସ୍ପନ୍ଦନ ହେବା ସହିତ ରକ୍ତଚାପ ଭଳି ସମସ୍ୟା ଦେଖା ଦେଇପାରେ । ସେହିଭଳି ଏଥିରେ ଅଧିକ ପରିମାଣର ଚିନି ରହିଥାଏ । ଏହାଦ୍ୱାରା ଓଜନ ବଢ଼ିବା ସହ ମଧୁମେହ ହେବା ଆଶଙ୍କା ମଧ୍ୟ ଥାଏ । କେବଳ ସେତିକି ନୁହେଁ, ଏହି ପାନୀୟକୁ ଲଗାତାର ପିଇବା ଦ୍ୱାରା ବୃକ୍କ ଓ ଯକୃତ୍ ଉପରେ ମଧ୍ୟ ଚାପ ପଡ଼ିଥାଏ । ଶରୀରରେ ଜଳୀୟ ଅଂଶ କମ୍ ଥିଲେ ଏହାର ପ୍ରଭାବ ଅଧିକ ପଡ଼ିଥାଏ । ତେଣୁ ଜେନ୍ ଜେଡ୍ ଏନର୍ଜି ଡ୍ରିଙ୍କକୁ ସାବଧାନତାର ସହ ପିଇବା ଦରକାର । ଏହାବାଦ୍ ସେମାନେ ଏନର୍ଜି ଡ୍ରିଙ୍କର ବିକଳ୍ପ ଭାବେ ପାଣି, ପଇଡ଼ ପାଣି, ଲେମ୍ବୁ ଓ ମହୁ ପାଣି ପିଇବା ଭଲ । ଅନ୍ୟପଟେ ଉତ୍ତମ ନିଦ୍ରା, ସନ୍ତୁଳିତ ଖାଦ୍ୟ ଏବଂ ନିତିଦିନ ବ୍ୟାୟାମ ହିଁ ଶରୀରକୁ ପ୍ରାକୃତିକ ଭାବେ ଶକ୍ତି ଯୋଗାଇବାର ଏକ ଭଲ ବିକଳ୍ପ ।



# ସୁମନ

## ଦୁଃଖୀର ଦରଦୀ ବନ୍ଧୁ



ସତ୍ୟନାରାୟଣ ପ୍ରଧାନ

ମନ ପରା ତାଙ୍କ ଛୋଟ ପିଲା ପରି
ସହି ପାରନ୍ତିନି ଦୁଃଖ
ଦୁଃଖୀ ରଙ୍କିଙ୍କର କରିଥିଲେ ସେବା
ଭୁଲି ପରିବାର ସୁଖ ।।
ନିଜ ପୁଅ କଥା ପଛରେ ପକାଇ
ମାଟି ମାଆ ପୁଅ ଆଗ
ଗରିବ ମୁହଁରେ ହସ ବୁଣି ଦେଇ
ଯେପରି ମିଳେ ସରଗ ।।
ସବୁବେଳେ ଚିନ୍ତା ଅଭାବୀ ମଣିଷ
କେମିତି ବଞ୍ଚିବେ ରହି
ସୁବିଧା ସୁଯୋଗ ଦିଅନ୍ତି ଯୋଗାଇ
ଭୋକିଲା ପେଟକୁ ଚାହିଁ ।।
ଗୋରା ସରକାର କମାଣ ବନ୍ଧୁକ
ତିଳେ ହେଁ ନ ଥିଲା ଡର
ଦେହରେ ଜୀବନ ରହିଥିବା ଯାଏ
ଉଠାଇ ବିଦ୍ରୋହ ସ୍ୱର ।।
ଦେଶ ମାତୃକାର ସୁଯୋଗ୍ୟ ସନ୍ତାନ
ନାମ ତାଙ୍କ ଗୋପବନ୍ଧୁ
କରିଗଲେ ଧନ୍ୟ ଓଡ଼ିଶା ମାଟିକୁ
ଦୁଃଖୀର ଦରଦୀ ବନ୍ଧୁ ।।

ଜେନାପୁର, ଯାଜପୁର
ମୋ -୯୧୭୮୩୧୩୬୪୪

## ଝରିଯାଉ ବରଷା



ପ୍ରଶାନ୍ତ କୁମାର ଦାଶ

ଝରି ଝରିଯାଉ ଆକାଶୁ ବରଷା
ଓଦା ହେଉ କ୍ଷେତମାଟି
କୃଷକ ରୋଇବ କେତେ ଗଛ ଚାରା
ଫସଲ ଆଣିବ କାଟି ॥
ଉହଳ ଖରାର ଦାଉ ଦୂରେ ଯାଉ
ପୂରିଉଠୁ ନଈ ଝର
ନିଦାଘର ତାତି ଦେହରେ ବାଜିଲେ
ଲାଗୁଛି ଛାନିଆ ଡର ॥
କଅଁଳି ଉଠନ୍ତୁ ଘାସ ଗଛଲତା
ସୁନ୍ଦର ଦିଶିବ ଗାଆଁ
ରାଶି ରାଶି ଫୁଲ ଫୁଟିଲେ ଗଛରେ
ମହକ ଛୁଟିବ ଛାଆଁ ॥
ମୁକୁତା ସମାନ ଝଲମଲ ହେଉ
ସୂରୁଜ କଅଁଳ ଖରା
ଚଢ଼େଇ ଗୀତରେ କୋଳାହଳମୟ
ହେଉଯାଉ ପୁଣି ଖରା ॥
କଳା ମଚମଚ ଅନ୍ଧାର ରାତିରେ
ବରଷା ବରଷିଯାଉ
ଉଇ ହୁଙ୍କା ଦେହେ ବରଷା କାଳରେ
ବାଲି ଛତୁ ଫୁଟୁଥାଉ ॥
ବରଷା ପରଶେ ମାଟିର ଦହନ
ଦୁଃଖତକ ଯାଉ ସରି
ଗାଉ ବସି ଗୀତ କାଳିଆ ଭଅଁର
ସୁମନ ସୁରଭି ଧରି ॥

କୁଞ୍ଜର -ସଙ୍ଗଳାଇ
ପିପିଲି, ପୁରୀ
ମୋ- ୯୬୬୮୮୨୨୧୯୦



## ସକାଳ ଶିଶୁ କୁଇଜ୍-୧୭୩

(୧) ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରର ନାମ କ'ଣ?
ଉତ୍ତର : __________

(୨) ତାନସେନ୍ କେଉଁ ରାଜାଙ୍କ ଦରବାରରେ ଥିଲେ?
ଉତ୍ତର : __________

(୩) ମହେନ୍ଦ୍ର ତନୟା ନଦୀ କେଉଁ ପର୍ବତରୁ ବାହାରିଛି?
ଉତ୍ତର : __________

(୪) ଖଣ୍ଡୁଆ ପାଟ ପାଇଁ ଓଡ଼ିଶାର କେଉଁ ସ୍ଥାନ ପ୍ରସିଦ୍ଧ?
ଉତ୍ତର : __________

(୫) ରଣଜି ଟ୍ରଫି କେଉଁ ଖେଳ ସହ ସମ୍ପୃକ୍ତ?
ଉତ୍ତର : __________

**ଗତ ସପ୍ତାହର କୁଇଜ୍ ବିଜେତା**
- ଜସ୍ମିନ୍ ହୋତା, ନୀଳଗିରି
- ସରୋଜ ରାଉତ, ରାଜେନ୍ଦ୍ର ନଗର, କଟକ
- ବୈଶାଖୀ ମହାନ୍ତି, ରାଉରକେଲା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯



## ଗଛମାନେ ବି କଥା ହୁଅନ୍ତି




ସ୍ନିଗ୍ଧା ନାୟକ

ଘଞ୍ଚ ଜଙ୍ଗଲର ଠିକ୍ ମଝାମଝିରେ ଗୋଟାଏ ବିଶାଳ ବୁଢ଼ା ଶାଳ ଗଛଟିଏ ଥିଲା । ତାକୁ ସମସ୍ତେ ବୁଢ଼ା ଶାଳ ଗଛ କହୁଥିଲେ । ତା'ର ଗଣ୍ଡିଟି ବେଶ୍ ଟାଣୁଆ ଥିଲା । ଶାଖାଗୁଡ଼ିକ ଚାରିଆଡ଼କୁ ବିସ୍ତାରିତ ହୋଇଥିଲା, ଆଉ ଚେର ମାଟିର ବହୁତ ଭିତରକୁ ଚାଲି ଯାଇଥିଲା । ଯଦିଓ ସେ ମଣିଷମାନଙ୍କ ଭଳି ବଡ଼ ପାଟିରେ କଥା କହୁ ନ ଥିଲା କିନ୍ତୁ ତା'ର ଚେର ଦ୍ୱାରା ସେ ଅନ୍ୟ ଗଛଗୁଡ଼ିକ ସହ ଫୁସ୍‌ଫାସ୍ କରି କଥା ହେଉଥିଲା । ଗଛଲତାମାନଙ୍କର ଏହା ଗୋଟିଏ ସ୍ୱତନ୍ତ୍ର ଭାଷା ଅଟେ । ଚେରମାନଙ୍କ ଦ୍ୱାରା ସଙ୍କେତ, ଅଳ୍ପ କମ୍ପନ ଏବଂ ଧୀରେ ଧୀରେ କରି କଥା ହେବା । ଏହାକୁ ବିଜ୍ଞାନ ଭାଷାରେ ଉଡ୍ ୱାଇଡ୍ ୱେବ୍ ବୋଲି କୁହାଯାଏ । ଏହା ମାଟିତଳେ ବିଛାଡ଼ି ହେଇ ପଡ଼ିଥିବା ଏକ ଜୀବନ୍ତ ନେଟ୍‌ୱର୍କ । ଯୋଉଠି ବୃକ୍ଷଲତା ନିଜ ନିଜ ଭିତରେ ଆଳାପ କରନ୍ତି । ଖାଦ୍ୟ ଆଦାନ ପ୍ରଦାନ କରନ୍ତି ଏବଂ ଚେତାବନୀ ମଧ୍ୟ ଦିଅନ୍ତି । ବୁଢ଼ା ଶାଳ ଗଛ ପାଖରେ ଗୋଟିଏ ଛୋଟ ଗଛ ଉଠିଥିଲା । ତା ନାଁ ଥିଲା ଚିକୁ । ଚିକୁର ସବୁ ଜିନିଷ ବିଶେଷକରି ନିଜ ଚାରିପାଖରେ ଘଟୁଥିବା ବିଭିନ୍ନ କଥା ବିଷୟରେ ଜାଣିବା ପାଇଁ ଆଗ୍ରହ ଥାଏ । ଦିନେ ଚିକୁ ବୁଢ଼ା ଶାଳ ଗଛକୁ ପଚାରିଲା "ବୁଢ଼ା ବାପା, ଯେତେବେଳେ ବର୍ଷା ହୁଏ, ମୋ ଚେରଗୁଡ଼ିକରେ କାହିଁକି ଯେ ଗୁଦୁଗୁଦି ହୁଏ?" ବୁଢା ଶାଳ ଗଛଟି କହିଲା- "କାହିଁକି ନା, ମାଟିତଳେ ନେଟୱର୍କମାନେ କଥା ହେଉଛନ୍ତି । ସେମାନେ ଆମକୁ ଜଣାଇବାକୁ ଚାହାନ୍ତି ଯେ, ମାଟି ଓଦା ଅଛି, ନା କୋଉଠି ଆଉ କିଛି ଅସୁବିଧା ଅଛି ।" "ମାନେ? ଗଛମାନେ କ'ଣ ତାହେଲେ ପରସ୍ପରକୁ ସାହାଯ୍ୟ କରନ୍ତି !" ଚିକୁ ଚକିତ ହୋଇ ପଚାରିଲା । "ହଁ, ପୁଅ । ଯଦି ଗଛ ରୋଗଗ୍ରସ୍ତ ହୁଏ କିମ୍ବା ଶୋଷିଲା ଥାଏ ତ ଅନ୍ୟ ଗଛମାନେ ତାକୁ ଖାଦ୍ୟ ଓ ପାଣି ଯୋଗାନ୍ତି । ଏମିତିରେ ହିଁ ତ ଚାଲେ, ଆମମାନଙ୍କ ପରିବାର ।" ଚିକୁକୁ ଏସବୁ କଥା ଭାରି ଅଦ୍ଭୁତ ଲାଗୁଥାଏ । ଦିନେ ଜଙ୍ଗଲରେ ଭୟଙ୍କର ଗର୍ଜନ ଶୁଣାଗଲା । ବଡ଼ ବଡ଼ ମେସିନ୍‌ଗୁଡ଼ିକ ଜଙ୍ଗଲ ମଧ୍ୟକୁ ଆସିଥିଲା । ମଣିଷମାନେ କିଛି ଗଛ ଉପରେ ନାଲିରଙ୍ଗର ଚିହ୍ନ ଲଗାଇଲେ । " ଏଇ ଗଛମାନଙ୍କୁ ହାଣି ଦିଆଯିବ ।" ଗୋଟିଏ ବାଉଁଶ ଗଛ ମନଦୁଃଖ କରି କହିଲା । ଚିକୁ ଭୟଭୀତ ହୋଇ ପଡ଼ିଲା । ସେ ଭାବିଲା, "ଯଦି ସବୁ ଗଛମାନଙ୍କୁ ହାଣି ଦିଆଯିବ ତ କଣ ହେବ !" ବୁଢ଼ା ଶାଳ ଗଛଟି ବି ମନଦୁଃଖରେ ଝାଉଁଳି ପଡ଼ିଲା । ଗଛର ଚେରମାନେ କାନ୍ଦିବା ଆରମ୍ଭ କଲେ । ନେଟ୍‌ୱର୍କ ଭାଙ୍ଗିଗଲା । ସେମାନଙ୍କର ହୃଦୟର ସ୍ପନ୍ଦନ ଧକ୍ ଧକ୍ କରିବା ବନ୍ଦ କରିଦେଲା । ସେ ରାତିରେ ଚିକୁକୁ ଅନୁଭବ ହେଲା - ଗଛର ଜଡ଼ ସାହାଯ୍ୟ ଚାହୁଁଛନ୍ତି । ନିମ୍ବଗଛ, ଅନିତା ଦିଦି ଦୁର୍ବଳ ହେଇ ପଡ଼ିଥିଲେ । ଚିକୁ ବୁଢ଼ା ଶାଳ ଗଛଙ୍କୁ ସଂକେତ ଦେଲା ନିମ୍ବ ଅନିତା ଦିଦିଙ୍କୁ ପ୍ରବଳ ଶୋଷ ହେଉଛି ।" ଚିକୁ ଓ ବୁଢ଼ା ଶାଳ ଗଛ ଦିହେଁ ମିଶି ନିଜ ଚେର ସାହାଯ୍ୟରେ ଅନିତା ଦିଦି ପର୍ଯ୍ୟନ୍ତ ପାଣି ଓ ପୋଷଣ ପଠାଇଲେ । ସକାଳକୁ ଅନିତା ଦିଦିଙ୍କ ପତ୍ରଗୁଡ଼ିକ ପୁଣି ସତେଜ ଦେଖାଗଲେ । " ଧନ୍ୟବାଦ୍ ।" ନିମ୍ବ ଅନିତା ଦିଦି ଧିର ସ୍ୱରରେ ଜଣାଇଲେ । ଚିକୁ ଏହି ନେଟ୍‌ୱର୍କର ଅଂଶ ହୋଇ ପ୍ରସନ୍ନ ହେବା ସହ ଗର୍ବିତ ମଧ୍ୟ ଥିଲା । କିନ୍ତୁ ବିପଦ ଟଳି ନ ଥିଲା । ବଡ଼ ବଡ଼ ମେସିନ୍‌ମାନେ ପୁଣି ଘୋ - ଘୋ..., ଶବ୍ଦ କରି ଆସିଲେ । ସେମାନେ ବୁଢ଼ା ଶାଳ ଗଛ ପାଖରେ ଯାଇ ହାଜର ହେଲେ । ଠିକ୍ ଏତିକିବେଳେ ସ୍କୁଲ ପିଲାମାନଙ୍କ ଗୋଟିଏ ଦଳ ଜଙ୍ଗଲ ଭିତରକୁ ଦଉଡ଼ି ଆସିଲା । ସେମାନଙ୍କ ହାତରେ ଗୋଟିଏ ଲେଖାଏଁ ପୋଷ୍ଟର ଥିଲା । ଯୋଉଥିରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା - " ଆମ ଜଙ୍ଗଲକୁ ବଞ୍ଚିବାକୁ ଦିଅ ।" "ସେମାନେ କଥା କୁହନ୍ତି, ସେମାନଙ୍କର ବି ଜୀବନ ଅଛି ।" ଗୋଟିଏ ଛୋଟ ଝିଅ ବୁଢ଼ା ଶାଳ ଗଛକୁ କୁଣ୍ଢାଇ ଧରି କହିଲା । "ଆମେ ଆପଣମାନଙ୍କୁ ଗଛ କାଟିବାକୁ ଦେବୁନାହିଁ ।"

ମେସିନ୍ ବନ୍ଦ ହେଇଗଲା । ପିଲାମାନଙ୍କ ଜିଦ୍ ଆଗରେ ହାରିଯାଇ ମଣିଷମାନେ ସେମାନଙ୍କ ଯନ୍ତ୍ରପାତି ସହ ଫେରିଗଲେ । ଜଙ୍ଗଲର ଅଟକି ଯାଇଥିବା ନିଃଶ୍ୱାସ ପୁଣି ଫେରି ଆସିଲା । ସେଦିନ ରାତିରେ ଚିକୁ ପଚାରିଲା, " କ'ଣ ପିଲାମାନେ ଆମ କଥା ଶୁଣିଲେ ? " ବୁଢ଼ା ଶାଳ ଗଛ ହସିଦେଇ କହିଲେ," ହଁ, ବୋଧେ କାନରୁ ତ ନୁହଁ କିନ୍ତୁ ହୃଦୟରୁ ନିଶ୍ଚୟ ।" ମାଟି ଭିତରେ ଚେରଗୁଡ଼ିକ ଚମକି ଉଠିଲେ, ଖୁସିର ସନ୍ଦେଶ ଜଙ୍ଗଲ ସାରା ଦୌଡୁଥିଲା । ଚିକୁ ନିଜ ଆଖି ବନ୍ଦ କଲା । ସେ କେବଳ ଗୋଟିଏ ଛୋଟ ଗଛ ନ ଥିଲା, ସେ କଥା କହୁଥିବା ଜଡ଼ମାନଙ୍କ ସ୍ୱର ଥିଲା । ଗଛ ଆମପାଇଁ କେତେ ଉପକାରୀ, ଆମେ ବେଶ୍ ଜାଣୁ । ଗଛମାନେ ଖାଲି ଛିଡ଼ା ହୋଇ ରହିନଥାନ୍ତି । ସେମାନେ ପରସ୍ପର ସହ କଥା ହୁଅନ୍ତି । ନିଜ ନିଜ ଭାବର ଆଦାନ ପ୍ରଦାନ କରନ୍ତି । ଆବଶ୍ୟକ ସ୍ଥଳେ ପରସ୍ପରକୁ ସାହାଯ୍ୟ କରନ୍ତି, ପରସ୍ପରର ସୁଖଦୁଃଖ ବୁଝନ୍ତି । ମାଟିତଳେ ସେମାନଙ୍କର ନେଟ୍‌ୱର୍କ ଥାଏ । ଆମେ ସେମାନଙ୍କୁ ସୁରକ୍ଷା ଦେଇ, ଅସୁବିଧାଗୁଡ଼ିକରୁ ଦୂରେଇ ରଖିବା ଉଚିତ୍ । ସେମାନଙ୍କ ସ୍ୱର ଆମକୁ ସିନା ଶୁଣା ଯାଏନି କିନ୍ତୁ ଆମ ପାଦ ତଳର ମାଟିରେ ଉପସ୍ଥିତ ଥାଏ ।

ମୋ- ୯୫୭୧୦୩୩୨୭

## ତୁମ ଆଙ୍କିବା ତୁମ ଛବି





ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





ମୁସ୍କାନ ପ୍ରଧାନ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଭୁବନେଶ୍ୱର





ସାଇ ଶିବେଶ ବେହେରା
ସପ୍ତମ ଶ୍ରେଣୀ
କାମମେଲ୍ ସ୍କୁଲ
ରାଉରକେଲା





ସାଗର ହାଁସଦା
ନବମ ଶ୍ରେଣୀ
ବିସିପୁର ଉଚ୍ଚ ବିଦ୍ୟାଳୟ
ମୟୂରଭଞ୍ଜ

## ଓଭାଲ ଟେଷ୍ଟ: ଦ୍ୱିତୀୟ ଦିବସ

# ଇଂଲଣ୍ଡର ଇନିଂସ ଅଗ୍ରଣୀ

ଲଣ୍ଡନ, ୧।୮ (ଏଜେନ୍ସି)



ସ୍ଥାନୀୟ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଭ୍ରମଣକାରୀ ଭାରତ ବିପକ୍ଷରେ ଚାଲିଥିବା ନିର୍ଣ୍ଣାୟକ ୫ମ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଭାରତ ୨୨୪ ରନ ଜବାବରେ ଘରୋଇ ଦଳ ଦ୍ୱିତୀୟ ଦିବସରେ ୨୪୭ ରନ କରି ଅଲ୍‌ଆଉଟ୍ ହେବା ସହ ୨୩ ରନର ଅଗ୍ରଣୀ ଲାଭ କରିଛି। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭାରତ ୧୧ ଓଭର ଖେଳି ୧ ୱିକେଟ୍‌ରେ ୪୭ ରନ କରିଛି। ଲୋକେଶ ରାହୁଲ ୭ ରନ୍ କରି ଆଉଟ୍ ହୋଇଥିଲେ । ଏଥିସହ ୨୪ ରନ୍‌ରେ ଆଗୁଆ ରହିଛି। ଏହି ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ୨-୧ରେ ସିରିଜ ଆଗୁଆ ରହିଛି। ପଞ୍ଚମ ଟେଷ୍ଟରେ ଭାରତ ବିଜୟୀ ହେଲେ ସିରିଜ ୨-୨ରେ ଡ୍ର ରହିବ। ଯଦି ଏହି ମୁକାବିଲା ଡ୍ର ରୁହେ ତେବେ ଘରୋଇ ଦଳ ୨-୧ରେ ସିରିଜ ହାତେଇନେବ। ତେଣୁ ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ସଦୃଶ ହୋଇଛି।

ଭାରତର ୨୨୪ ରନ ଜବାବରେ ଶୁକ୍ରବାର ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡ ପାଇଁ ଦୁଇ ଓପନର୍ ଜ୍ୟାକ୍ କ୍ରଲୀ ଓ ବେନ୍ ଡକେଟ୍ଟ ସମ୍ପୂର୍ଣ୍ଣ ଟି-୨୦ ଶୈଳୀରେ ଖେଳିଥିଲେ। ଉଭୟ ଭାରତୀୟ ଦ୍ରୁତ ବୋଲର୍‌ଙ୍କୁ ନିର୍ଦ୍ଧୁମ ପ୍ରହାର କରି ୧୨.୫ ଓଭରରେ ୯୨ ରନ ଉଠାଇଥିଲେ। ଏହାପରେ ଡକେଟ୍‌ଙ୍କୁ ୪୩ ରନ (୩୮ ବଲ୍, ୫ ଚୌକା ଓ ୨ ଛକା)ରେ ଆଉଟ୍ କରି ଆକାଶଦୀପ୍ ଭାରତକୁ ଏହି ପ୍ରତୀକ୍ଷିତ ବ୍ରେକ ଥ୍ରୁ ଦେଇଥିଲେ। ସେହିଭଳି ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିବା ଅନ୍ୟତମ ଓପନର୍ କ୍ରଲୀ ମଧ୍ୟ ୬୪ ରନ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଶିକାର ବନିଥିଲେ। ସେ ତାଙ୍କ ୫୭ ବଲ୍ ପାଳିରେ ୧୪ ଚୌକା ମାରିଥିଲେ। ଏହି ଦୁଇ ଖେଳାଳିଙ୍କ ଆଉଟ୍ ପରେ ଇଂଲଣ୍ଡର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ମଧ୍ୟ ଓ ନିମ୍ନକ୍ରମର ବ୍ୟାଟର୍ ମହମ୍ମଦ ସିରାଜ ଓ ପ୍ରସିଦ୍ଧଙ୍କ ବୋଲିଂକୁ ସାମ୍ନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ତେବେ ହ୍ୟାରୀ ବ୍ରୁକ୍ ୫୩ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଇଂଲଣ୍ଡ ୯ ୱିକେଟ୍‌ରେ ୨୪୭ ରନ କରିପାରିଥିଲା। କ୍ରିସ ୱକ୍ସ ଆହତ ହୋଇ ବଳକା ମୁକାବିଲାରୁ ବାଦ୍ ପଡ଼ିଥିବାରୁ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ କାମଚଳା ଅଧିନାୟକ ଓଲି ପୋପ୍ ୨୨, ଜୋ ରୁଟ୍ ୨୯, ଆଟକିନସନ ୧୧, ଜ୍ୟାକବ ବେଥେଲ ୬ ଓ ଜେମି ସ୍ମିଥ୍ ୮ ରନ କରି ଆଉଟ୍ ହୋଇଥିଲେ। ଭାରତୀୟ ଦଳ ପକ୍ଷରୁ ସଫଳ ବୋଲର ଭାବେ ସିରାଜ ଓ ପ୍ରସିଦ୍ଧ ୪ଟି ଲେଖାଏ ଏବଂ ଆକାଶଦୀପ୍‌ଙ୍କୁ ଗୋଟିଏ ୱିକେଟ ମିଳିଥିଲା।

ପୂର୍ବରୁ ଭାରତ ଏହାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୪/୬ରୁ ଶୁକ୍ରବାର ଖେଳ ଆରମ୍ଭ କରି ଆଉ ୨୦ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଥିଲା। ୫୨ ରନ କରି ଅପରାଜିତ ରହିଥିବା କରୁନ ନାୟର ଆଜି ୫ ରନ ଯୋଡ଼ି ୫୭ ରନରେ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ୱାଶିଂଟନ ସୁନ୍ଦର ୨୬ ରନ କରିଥିବାବେଳେ ସିରାଜ ଓ ପ୍ରସିଦ୍ଧ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଇଂଲଣ୍ଡ ପାଇଁ ଗସ୍ ଆଟକିନସନ ୫ଟି, ଜୋଶ୍ ଟଙ୍ଗ ୩ଟି ୱିକେଟ୍ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ପାଳି: ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁନ୍ଦର- ୨୬, ଜୁରେଲ-୧୯, ଗିଲ୍- ୨୧, ରାହୁଲ- ୧୪, ସୂଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ- ୩/୫୭)।

ଇଂଲଣ୍ଡ ପ୍ରଥମ ପାଳି: ୨୪୭ରେ ଅଲ୍‌ଆଉଟ୍ (କ୍ରଲୀ- ୬୪, ଡକେଟ- ୪୩, ପୋପ୍- ୨୨, ରୁଟ୍- ୨୯, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।

ଭାରତ ୨ୟ ପାଳି: ୪୭/୧, ୧୧ ଓଭର ସୁଦ୍ଧା

## ଆହତ ୱକ୍ସ ଆଉ ଖେଳିବେନି



ଗୁରୁତ୍ୱପୂର୍ଣ୍ଣ ୫ମ ଟେଷ୍ଟର ଦ୍ୱିତୀୟ ଦିବସରେ ଘରୋଇ ଇଂଲଣ୍ଡକୁ ଶକ୍ତ ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଇଂଲଣ୍ଡର ପ୍ରମୁଖ ଦ୍ରୁତ ବୋଲର କ୍ରିସ୍ ୱକ୍ସ ଏହି ମ୍ୟାଚର ଅବଶିଷ୍ଟ ମୁକାବିଲାରେ ଆଉ ଖେଳିପାରିବେ ନାହିଁ। ୩୬ ବର୍ଷୀୟ ୱକ୍ସ ଗୁରୁବାର ପ୍ରଥମ ଦିବସରେ ଭାରତୀୟ ପାଳିର ୫୭ତମ ଓଭରରେ ବୋଲିଂ କରୁଥିବାବେଳେ ଡାହାଣ ହାତର କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ସେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ ଏବଂ ଆଉ ଆସି ନ ଥିଲେ। ଶୁକ୍ରବାର ୨ୟ ଦିବସ ଖେଳ ଆରମ୍ଭରୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ୱକ୍ସଙ୍କ ଆଘାତ ସମସ୍ୟା ଗୁରୁତର ଥିବାରୁ ସେ ଏହି ମ୍ୟାଚର ଅବଶିଷ୍ଟ ମୁକାବିଲାରେ ଆଉ ଖେଳିପାରିବେ ନାହିଁ। ଫଳରେ ଇଂଲଣ୍ଡ ପାଇଁ ଏହା ଏକ ବଡ଼ ଧକ୍କା କହିଲେ କିଛି କମ୍ ହେବ ନାହିଁ। ମାତ୍ର ୩ଜଣ ସ୍ପେଶାଲିଷ୍ଟ ବୋଲର ଗସ୍ ଆଟକିନସନ, ଜୋଶ୍ ଟଙ୍ଗ୍ ଓ ଜେମି ଓଭରଟନ୍‌ଙ୍କୁ ନେଇ ଇଂଲଣ୍ଡ ଏବେ ଭାରତର ଦ୍ୱିତୀୟ ପାଳିରେ ପଡ଼ିଆକୁ ଓହ୍ଲାଇବ। ସେହିଭଳି ବାମହାତୀ ସ୍ପିନର ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କ ସହ ଜୋ ରୁଟ୍ କାମଚଳା ସ୍ପିନ ଦାୟିତ୍ୱ ତୁଲାଇବେ। ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିରେ ୱକ୍ସ ଇଂଲଣ୍ଡର ଏକମାତ୍ର ଦ୍ରୁତ ବୋଲର ଥିଲେ ଯିଏକି ୫ଟି ଯାକ ଟେଷ୍ଟ ଖେଳିବାର ସୌଭାଗ୍ୟ ପାଇଥିଲେ। ପୂର୍ବରୁ ନିୟମିତ ଅଧିନାୟକ ବେନ୍ ଷ୍ଟୋକ୍ସ ଆଘାତ ପାଇ ଏହି ଟେଷ୍ଟରୁ ବାଦ୍ ପଡ଼ିଥିଲେ।

### ଅଲ୍‌ଓଡ଼ିଶା ସ୍ନୁକର

## ଆଶୁତୋଷ-ରାକେଶ ଫାଇନାଲ ଆଜି




ଭୁବନେଶ୍ୱର, ୧।୮ (ସମିସ): ଆଶୁତୋଷ ପାଢ଼ୀ ଓ ଡ. ରାକେଶ ପ୍ରଧାନଙ୍କ ମଧ୍ୟରେ ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲ ଶନିବାର ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ରାକେଶ ୪-୩ ଫ୍ରେମରେ ସୁବ୍ରତ ଦାସଙ୍କୁ ପରାସ୍ତ କରିଥିଲେ। ସେହିଭଳି ଦ୍ୱିତୀୟ ସେମିରେ ଆଶୁତୋଷ ୪-୧ରେ ଅବିନାଶ ମହାପାତ୍ରଙ୍କ ବିପକ୍ଷରେ ବିଜୟୀ ହୋଇଥିଲେ। ଶନିବାର ଫାଇନାଲ ସହ ଆଇଆର୍‌ସି ଭିଲେଜସ୍ଥିତ ଭିନଟେଜ କ୍ଲବରେ ଗତ ସପ୍ତାହେ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ।

● ଅଢ଼େଇ ଦିନରେ ଲଢ଼େଇ ହାରିଲ ଜିମ୍ବାୱେ

## ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡର ବାଜିମାତ୍

ବୁଲାୱାୟୋ, ୧।୮ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଜିମ୍ବାୱେ ମାତ୍ର ଅଢ଼େଇ ଦିନରେ ଆତ୍ମସମର୍ପଣ କରିନେଇଛି। ମ୍ୟାଚର ତୃତୀୟ ଦିବସର ଟି'ପାନ ବିରତି ପରେ ନ୍ୟୁଜିଲାଣ୍ଡ ଏହି ମ୍ୟାଚକୁ ସହଜରେ ୯ ୱିକେଟ୍‌ରେ ଜିତିନେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୮ ରନର ଛୋଟିଆ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଡେଭନ କନୱେ (୪)ଙ୍କ ୱିକେଟ୍ ହରାଇ ୧୦ଟି ବଲରେ ଜିତିନେଇଥିଲା। ପୂର୍ବରୁ ୧୫୮ ରନରେ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜିମ୍ବାୱେ ଗୁରୁବାର ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ୨ ୱିକେଟ୍ ହରାଇ ୩୧ ରନ କରିଥିଲା। ଶୁକ୍ରବାର ଏହି ଅସମାପ୍ତ ୨ୟ ପାଳିରୁ ବ୍ୟାଟିଂ ଆରମ୍ଭ କରି ଜିମ୍ବାୱେ ୬୭.୧ ଓଭରରେ ୧୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସିନ ୱିଲିୟମ୍ସ ସର୍ବାଧିକ ୪୯ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ଅଧିନାୟକ ମିଚେଲ ସାଣ୍ଟନର ୪ ଏବଂ ମ୍ୟାଟ୍ ହେନରୀ ଓ ୱିଲିୟମ ଓ'ରୁକ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ପାଳିରେ ୬ଟି ୱିକେଟ୍ ନେଇଥିବା ହେନରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅନ୍ତିମ ତଥା ୨ୟ ମ୍ୟାଚ୍ ଅଗଷ୍ଟ ୭ରୁ ଏଠାରେ ଆରମ୍ଭ ହେବ।

### ସଂକ୍ଷିପ୍ତ ସ୍କୋର

ଜିମ୍ବାୱେ ପ୍ରଥମ ପାଳି: ୧୪୯
ନ୍ୟୁଜିଲାଣ୍ଡ ପ୍ରଥମ ପାଳି: ୩୦୭
ଜିମ୍ବାୱେ ୨ୟ ପାଳି: ୧୬୫
ନ୍ୟୁଜିଲାଣ୍ଡ ୨ୟ ପାଳି: ୮/୧

### ଅଗଷ୍ଟ ୨୮ ରୁ ଦୁଲିପ ଟ୍ରଫି ଦୁଲୀପ୍ ଟ୍ରଫି

## ପୂର୍ବାଞ୍ଚଳ ଦଳରେ ସନ୍ଦୀପ ପଟ୍ଟନାୟକ

### ଷ୍ଟାଣ୍ଡବାଏ ତାଲିକାରେ ଆଶୀର୍ବାଦ ଓ ସ୍ୱସ୍ତିକ


ସନ୍ଦୀପ ପଟ୍ଟନାୟକ


ଆଶୀର୍ବାଦ ସ୍ୱାଇଁ



ସ୍ୱସ୍ତିକ ସାମଲ

କଟକ,୧।୮ (ସମିସ): ବେଙ୍ଗାଲୁରୁରେ ଆସନ୍ତା ୨୮ରୁ ଦୁଲିପ ଟ୍ରଫି ଖେଳାଯିବ। ଏଥି ନିମନ୍ତେ ଘୋଷିତ ୧୫ ଜଣିଆ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସନ୍ଦୀପ ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଝାଡ଼ଖଣ୍ଡର ଅନ୍ତର୍ଜାତୀୟ କ୍ରିକେଟର ଇଶାନ କିଶାନ ପୂର୍ବାଞ୍ଚଳ ଦଳର ନେତୃତ୍ୱ ନେବେ। ଏହାଛଡ଼ା ଓଡ଼ିଶାର ଆଉ ୨ ଖେଳାଳି ଆଶୀର୍ବାଦ ସ୍ୱାଇଁ ଏବଂ ସ୍ୱସ୍ତିକ ସାମଲ ଦଳର ଷ୍ଟାଣ୍ଡବାଏ ତାଲିକାରେ ରହିଛନ୍ତି। ୨୭ବର୍ଷୀୟ ଅଲରାଉଣ୍ଡର ସନ୍ଦୀପଙ୍କୁ ଗତ ସିଜନରେ ରାଜ୍ୟ ଦଳର ନେତୃତ୍ୱ ମିଳିଥିଲା। ରଣଜୀ ଟ୍ରଫିର କେବଳ ଶେଷ ଦୁଇ ମ୍ୟାଚ୍‌ରେ ସେ ନେତୃତ୍ୱ ନେଇଥିଲେ। ତେବେ ସିଜନରେ ସନ୍ଦୀପ ଓଡ଼ିଶା ନିମନ୍ତେ ସର୍ବାଧିକ ରନ ସଂଗ୍ରହକାରୀ ରହିଥିଲେ। ସେ ୬ଟି ମ୍ୟାଚ୍‌ରୁ ୪୩୫ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ଗୋଟିଏ ଶତକ ଏବଂ ୨ଟି ଅର୍ଦ୍ଧଶତକ ରହିଥିଲା। ନବାଗତ ଯୁବ ୱିକେଟକିପର ଆଶୀର୍ବାଦ ଏବଂ ଓପନିଂ ବ୍ୟାଟର ସ୍ୱସ୍ତିକଙ୍କୁ ୬ ଜଣିଆ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଉପରୋକ୍ତ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପଶ୍ଚିମାଞ୍ଚଳର ଦଳରେ ୭ ମୁମ୍ବଇ ଖେଳାଳି

ମୁମ୍ବଇ, ୧।୮ (ଏଜେନ୍ସି): ସମ୍ମାନଜନକ ଦୁଲୀପ୍ ଟ୍ରଫିରୁ ବିସିସିଆଇର ଚଳିତ ଘରୋଇ ସିଜନ ଆରମ୍ଭ ହେବ। ଅଗଷ୍ଟ ୨୮ରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିଲାଗି ଶୁକ୍ରବାର ପଶ୍ଚିମାଞ୍ଚଳ ଦଳ ଘୋଷଣା ହୋଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କୁ ଘୋଷିତ ୧୫ ଜଣିଆ ପଶ୍ଚିମାଞ୍ଚଳ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସ୍ଥାନୀୟ ଶରଦ ପାୱାର ଇଣ୍ଡୋର କ୍ରିକେଟ୍ ଏକାଡେମୀରେ ବସିଥିବା ଚୟନ ବୈଠକରେ ମୁମ୍ବାଇର ସର୍ବାଧିକ ୭ଜଣ ଖେଳାଳିଙ୍କୁ ଦଳରେ ନିଆଯାଇଛି। ସେହିଭଳି ଗୁଜରାଟର ୪ଜଣ ଏବଂ ମହାରାଷ୍ଟ୍ର ଓ ସୌରାଷ୍ଟ୍ରର ୨ଜଣ ଲେଖାଏ ଖେଳାଳି ପଶ୍ଚିମାଞ୍ଚଳ ଦଳରେ ସ୍ଥାନ ପାଇଛନ୍ତି। ଅଧିନାୟକ ଶାର୍ଦ୍ଦୁଳଙ୍କ ବ୍ୟତୀତ ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର, ସର୍ଫରାଜ ଖାନ, ତୁଷାର ଦେଶପାଣ୍ଡେ, ତନୁଷ କୋଟିଆନ ଓ ସାମ୍ସ ମୁଲାନୀ ମୁମ୍ବଇର ରହିଛନ୍ତି।

## ଖଲିଦ ଜାମିଲ ଭାରତୀୟ ଫୁଟ୍‌ବଲ ଦଳର ନୂଆ ପ୍ରଶିକ୍ଷକ



ନୂଆଦିଲ୍ଲୀ, ୧।୦୮: ପୂର୍ବତନ ମଧ୍ୟଭାଗ ଖେଳାଳି ଖଲିଦ ଜାମିଲ ଭାରତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ଏଆଇଏଫ୍ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ଓ ଟେକ୍‌ନିକାଲ କମିଟି ଜାମିଲଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଫଳରେ ଦୀର୍ଘ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଜଣେ ଭାରତୀୟ ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ପଦ ମଣ୍ଡନ କରିଛନ୍ତି। ଶେଷଥର ଲାଗି ୨୦୧୧-୧୨ରେ ସାଭିଓ ମେଡେଇରା ଭାରତୀୟ ଭାବେ ଜାତୀୟ ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରେ କାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ସ୍ପେନର ମନୋଲୋ ମରକ୍ୟୁଜଙ୍କ ଇସ୍ତଫା ପରେ ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଖାଲି ପଡ଼ିଥିଲା। ୪୮ ବର୍ଷୀୟ ଜାମିଲ ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ଭାରତୀୟ ଦଳ ପାଇଁ ୪୦ ମ୍ୟାଚ୍ ଖେଳି ୪ଟି ଗୋଲ୍ ଦେଇଥିଲେ। ସେ ମଧ୍ୟ ମହିନ୍ଦ୍ରା ୟୁନାଇଟେଡ୍, ଏୟାର ଇଣ୍ଡିଆ ଓ ମୁମ୍ବାଇ ପକ୍ଷରୁ ଘରୋଇ ପ୍ରତିଯୋଗିତା ଖେଳିଥିଲେ। ଅବସର ପରେ ସେ ୨୦୦୯ରୁ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ଆଇଏସ୍‌ଏଲ୍ ଦଳ ଜାମସେଦପୁର ଏଫ୍‌ସିର ଦାୟିତ୍ୱରେ ଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଜାମସେଦପୁର ୨୦୨୩-୨୪ ସିଜନରେ ସୁପର୍ କପ୍‌ରେ ଉପବିଜେତା ରହିଥିଲା।

## ଫିଡେ ରେଟିଂ: ଶୀର୍ଷ-୧୫ରେ ଦିବ୍ୟା



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା କ୍ଲାସିକ ଚେସ୍ ର୍ୟାଙ୍କିଙ୍ଗ୍‌ରେ ବିଶ୍ୱକପ୍ ବିଜୟିନୀ ଦିବ୍ୟା ଦେଶମୁଖ ଶୀର୍ଷ-୧୫ ମଧ୍ୟକୁ ପ୍ରବେଶ କରିଛନ୍ତି। ନିକଟରେ ଜର୍ଜିଆରେ ଅନୁଷ୍ଠିତ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ କୋନେରୁ ହମ୍ପିଙ୍କୁ ପରାସ୍ତ କରି ୧୯ ବର୍ଷୀୟା ଦିବ୍ୟା ଚାମ୍ପିଅନ ହୋଇଥିଲେ। ଏହି ସଫଳତା ପାଇବା ପରେ ସେ ତାଙ୍କ କ୍ୟାରିୟରର ପ୍ରଥମଥର ଲାଗି ଶୀର୍ଷ-୧୫ ମଧ୍ୟରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଦିବ୍ୟାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୨୪୭୮ ରହିଛି। ବିଶ୍ୱକପ୍ ଜିତିବା ପୂର୍ବରୁ ସେ ୧୮ତମ ସ୍ଥାନରେ ରହିଥିଲେ। ସେହିଭଳି ଶୀର୍ଷ-୧୫ରେ ଆଉ ଦୁଇଜଣ ଭାରତୀୟ ରହିଛନ୍ତି। ସେମାନେ ହେଲେ ହମ୍ପି (୨୫୩୫ ରେଟିଂ) ଓ ହାରିକା ଦ୍ରୋନାଭାଲି (୨୪୮୭)। ହମ୍ପି ର୍ୟାଙ୍କିଙ୍ଗର ୬ଷ୍ଠ ଓ ହାରିକା ୧୨ତମ ସ୍ଥାନ ଲାଭ କରିଛନ୍ତି। ମହିଳା ର୍ୟାଙ୍କିଙ୍ଗରେ ଚାଇନା ଖେଳାଳିଙ୍କ ଦବ୍‌ଦବା ପୂର୍ବଭଳି ରହିଛି। ପ୍ରଥମ ୫ଟି ସ୍ଥାନରେ ଚାଇନାର ଖେଳାଳିମାନେ ହିଁ ରହିଛନ୍ତି। ୨୬୦୭ ରେଟିଂ ପଏଣ୍ଟ ସହ ହୋଇ ୟିଫାନ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅପରପକ୍ଷରେ ଓପନ୍ କାଟାଗୋରୀରେ ନରୱେର ତାରକା ଖେଳାଳି ମାଗ୍ନସ କାର୍ଲସେନ ଶୀର୍ଷରେ ପୂର୍ବଭଳି ଅପରିବର୍ତ୍ତିତ ରହିଛନ୍ତି।

## ୱେଷ୍ଟଇଣ୍ଡିଜର କ୍ରମାଗତ ୯ମ ପରାଜୟ

ଫ୍ଲୋରିଡା, ୧।୮ (ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମୁକାବିଲାରେ ୱେଷ୍ଟଇଣ୍ଡିଜ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଓପନର୍ ସମିମ ଆୟୁବଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୮ ରନ କରିଥିଲା। ବାମହାତୀ ବ୍ୟାଟର୍ ସମିମ୍ ୫ ଚୌକା ଓ ୨ ଛକା ସହ ୩୮ ବଲରୁ ସର୍ବାଧିକ ୫୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକର ଜମାନ ୨୮, ହାସନ ନୱାଜ ୨୪, ଫହିମ୍ ଅସ୍ରଫ୍ ୧୬ ଓ ଅଧିନାୟକ ସଲମନ ଆଘା ୧୧ ରନ କରିଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ସାମରା ଜୋଶେଫ ୩ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ପାଇଁ ଜନସନ ଚାର୍ଲସ ଓ ଜ୍ୱେଲ ଆଣ୍ଡ୍ରିଉ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ। ତେବେ ଉଭୟ ୩୫ ରନ ଲେଖାଏ କରି ଆଉଟ୍ ହେବାପରେ ମଧ୍ୟକ୍ରମରେ କୌଣସି ବ୍ୟାଟର୍ ଉପଯୋଗୀ ପାଳି ଖେଳିପାରି ନ ଥିଲେ। ତେବେ ଅବିଭକ୍ତ ୮ ୱିକେଟ୍ ଭାଗୀଦାରିରେ ଜାସନ ହୋଲ୍ଡର ଓ ସାମରା ୨୩ ବଲରୁ ୫୪ ରନ ସଂଗ୍ରହ କରିଥିଲେ ମଧ୍ୟ ଦଳ ବିଜୟଠାରୁ ୧୫ ରନ ଦୂରରେ ରହିଯାଇଥିଲା। ୱେଷ୍ଟଇଣ୍ଡିଜ ୭ ୱିକେଟ୍‌ରେ ୧୬୪ ରନ କରିବାକୁ ସମର୍ଥ ହୋଇଥିଲା। ୪ ଛକା ସହ ହୋଲ୍ଡର ୧୨ ବଲରୁ ୩୦ ରନ ଓ ସାମରା ୧୨ ବଲରୁ ୨୧ ରନ କରି ଅପରାଜିତ ରହିଥିଲେ। ବିଜୟୀ ପାକିସ୍ତାନର ମହମ୍ମଦ ନୱାଜ ୩ ଓ ସମିମ ୨ଟି ୱିକେଟ୍ ପାଇଥିଲେ। ଅଲ୍‌ରାଉଣ୍ଡ ସଫଳତା ଲାଗି ଆୟୁବ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏହି ପରାଜୟ ସହ ୱେଷ୍ଟଇଣ୍ଡିଜ ଚଳିତ ସିଜନରେ କ୍ରମାଗତ ୯ଟି ମ୍ୟାଚରେ ପରାସ୍ତ ହୋଇଛି। ଏଥିପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଟି-୨୦ ଓ ୩ଟି ଟେଷ୍ଟ ହାରିଥିଲା।

### ସାହାଣୀ କପ୍ ଫାଇନାଲ

## ପ୍ରଥମ ମୁକାବିଲାରେ କଟକ ବିଜୟୀ



କଟକ,୧।୮ (ସମିସ)

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ଫାଇନାଲ ଡବଲ୍ ଲେଗ୍ ଫର୍ମାଟରେ ଖେଳାଯାଉଛି। ଶୁକ୍ରବାର ବୌଦ୍ଧ ଜୋନ୍‌ରେ ସମ୍ବଲପୁର ଏବଂ କଟକ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଲେଗ୍ (ପର୍ଯ୍ୟାୟ) ମୁକାବିଲାରେ କଟକ ୧-୦ ଗୋଲରେ ବିଜୟୀ ହୋଇ ଟାଇଟଲର ନିକଟତର ହୋଇଛି। ୨୦ତମ ମିନିଟରେ ପାରାଓ ଟୁଡୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଆସନ୍ତା ୩ ତାରିଖରେ କେନ୍ଦୁଝର ଜୋନ୍‌ରେ ଫାଇନାଲର ୨ୟ ଲେଗ୍ ମୁକାବିଲା ଖେଳାଯିବ। ଏହାପରେ ଦୁଇ ମ୍ୟାଚର ଫଳାଫଳକୁ ନେଇ ବିଜେତା ଦଳ ଘୋଷଣା କରାଯିବ। ଆଜି ଫାଇନାଲ ମ୍ୟାଚ୍‌ରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ସରୋଜ କୁମାର ପ୍ରଧାନ, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ରଘୁନାଥ ଜଗଦଳ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଏସ୍‌ପି ରାହୁଲ ଗୋଏଲ, ଫାଓ ଉପସଭାପତି ସହଦେବ ରାଉତ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ମାକାଉ ଓପନ୍

## ଲକ୍ଷ୍ୟ, ତରୁଣ ସେମିରେ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦୁଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଓ ତରୁଣ ମାନେପାଲ୍ଲି ମାକାଉ ଓପନ୍ ପ୍ରତିଯୋଗିତାରେ ସେମିରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରରେ ଉଭୟ



ସହଜ ବିଜୟ ହାସଲ ସହ ଅଗ୍ରଗତି କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଲକ୍ଷ୍ୟ ସେନ୍ ୨୧-୧୪, ୧୮-୨୧, ୨୧-୧୪ ଗେମ୍‌ରେ ଚାଇନାର ଜୁଆନ୍ ଚେନ୍‌ଙ୍କୁ କ୍ୱାର୍ଟରରେ ହରାଇଥିଲେ। ସେହିଭଳି ୨୩ ବର୍ଷୀୟ ଉଦୀୟମାନ ଖେଳାଳି ତରୁଣ ୨୧-୧୨, ୧୩-୨୧, ୨୧-୧୮ ରେ ଅନ୍ୟତମ ଚାଇନା ଖେଳାଳି ହୁ ଝେ'ଙ୍କୁ ମାତ୍ ଦେଇଥିଲେ।

ADMISSION OPEN
NIIS INSTITUTE OF INFORMATION SCIENCE & MANAGEMENT
SARADA VIHAR, MADANPUR, BHUBANESWAR, KHORDHA - 752054
Permitted by Govt. of Odisha & Affiliated to Utkal University
Reputed Institute of 26 years providing regular programmes
+3 Arts (Hons)
+3 Science (Hons)
+3 Commerce (Hons)
M.Com. (F&C)
M.Com. (Traditional)
M.Sc. (CS, Phy., Chem., Biotech)
MPMIR
MSW
Excellent Placement Opportunities and Skill Development Programme is an added advantage, Flexible in fee payment
Contact : 9040004375, 9778899990, 9778899991

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS